


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୦ ଜାନୁଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 10 JANUARY 2025

Vol.No. 36 ■ No.10 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପ୍ରବାସୀ ଭାରତୀୟ ମହାକୁମ୍ଭକୁ ଉଦ୍‌ଘାଟନ କଲେ ମୋଦି



ଭୁବନେଶ୍ୱର, ୯/୧(ନି.ପ୍ର) : ପ୍ରବାସୀ ଭାରତୀୟ ମହାକୁମ୍ଭକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି ପିଏମ ମୋଦି। ଜନତା ମୈଦାନରେ ଆୟୋଜିତ ବିଶାଳ କାର୍ଯ୍ୟକ୍ରମରେ ଯୋଗ ଦେଇ ମୋଦି ପ୍ରବାସୀ ଭାରତୀୟଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ଏଥିସହ ସେ ଓଡ଼ିଶାର ଗୌରବମୟ ଐତିହ୍ୟ ବାଖ୍ୟା କରିବାକୁ ଭୁଲି ନାହାନ୍ତି। ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧନ କରି ମୋଦି କହିଛନ୍ତି, ଓଡ଼ିଶା ସମୃଦ୍ଧ ଐତିହ୍ୟର ପ୍ରତିବିମ୍ବ । ଖଣ୍ଡଗିରି, ଉଦୟଗିରି, କୋଣାର୍କ ଦେଖିଲେ ଗର୍ବ ଅନୁଭବ ହୁଏ। ସମୁଦ୍ର ଯାତ୍ରା କରି ଓଡ଼ିଶାର ବଣିକମାନେ ବିଦେଶ ଯାଉଥିଲେ। ଏହାକୁ ସ୍ମରଣ ପାଇଁ ବାଲିଯାତ୍ରା ପାଳନ ହୁଏ। ଓଡ଼ିଶା ମାଟିରେ ଥିବା ଧଉଳି ସ୍ତୁପ ହେଉଛି ଶାନ୍ତିର ପ୍ରତୀକ। ଦୁନିଆରେ ଯେତେବେଳେ ଖଣ୍ଡା ମୁନରେ ସାମ୍ରାଜ୍ୟ ବଢ଼ା ଯାଉଥିଲା ସେତେବେଳେ ସମ୍ରାଟ ଅଶୋକ ଏଠାରେ ଶାନ୍ତିର ବାଟ ବାଛିଥିଲେ। ସେ ଏଠାରେ ଧର୍ମାଶୋକରେ ପରିଣତ ହୋଇଥିଲେ। ଭବିଷ୍ୟତ ଯୁଦ୍ଧରେ ନୁହେଁ ବୁଦ୍ଧରେ ବୋଲି କହିଲେ ମୋଦି। ଗତ ୧୦ ବର୍ଷ ମଧ୍ୟରେ ବିଶ୍ୱର ବହୁ ନେତାଙ୍କ ସହ ମୋର ଭେଟ ହୋଇଛି। ସେମାନେ ନିଜ ଦେଶରେ ଥିବା ପ୍ରବାସୀ ଭାରତୀୟଙ୍କର ଖୁବ୍ ପ୍ରଶଂସା କରିଥାନ୍ତି। ଏହା ପଛରେ ରହିଛି ସାମାଜିକ ମୂଲ୍ୟବୋଧ। ଆମେ କେବଳ ଗଣତନ୍ତ୍ରର ଜନନୀ ନୁହଁ, ଏହା ଆମ ଜୀବନର ଏକ ବଡ଼ ଅଂଶବିଶେଷ। ଆମ ଜୀବନ ହିଁ ବିବିଧତାରେ ପରିପୂର୍ଣ୍ଣ। ତେଣୁ ଭାରତୀୟ ଯେଉଁଠାକୁ ବି ଗଲେ ସେଠାକାର ସାମାଜିକ ଚଳଣି ସହ ନିଜକୁ ଖାପ ଖୁଆଇ ନେଇଥାନ୍ତି। ଉକ୍ତ ଦେଶର ପରମ୍ପରାକୁ ଆପଣାଇ ନେବା ସହ ସମ୍ମାନ ଦେଇଥାନ୍ତି। କେବଳ ଏତିକି ନୁହେଁ, ପ୍ରତି ପ୍ରବାସୀଙ୍କ ହୃଦୟ ଭାରତ ପାଇଁ ସ୍ପନ୍ଦନ କରୁଛି। ତେଣୁ ମୁଁ ଆପଣମାନଙ୍କୁ ଥ୍ୟାଙ୍କ ୟୁ କହିବାକୁ ଚାହୁଁଛି। ଆପଣଙ୍କ ପାଇଁ ବିଦେଶରେ ମୁଁ ଗର୍ବ ଅନୁଭବ କରେ। ଭାରତୀୟ ଯେଉଁ ଦେଶକୁ ଯାଆନ୍ତି ସେଠିକାର ପରମ୍ପରା, ସଂସ୍କୃତି ସହ ଯୋଡ଼ି ହୋଇଯାଆନ୍ତି। ମାତ୍ର ସେମାନଙ୍କ ହୃଦୟରେ ସବୁବେଳେ ଭାରତର ଛାପ ରହିଥାଏ। ଗଣତନ୍ତ୍ର ଓ ବିବିଧତା ଆମର ଲାଇଫଲାଇନ୍। ଏକବିଂଶ ଶତାବ୍ଦୀରେ ଭାରତର ଅଭୂତପୂର୍ବ ବିକାଶ ହେଉଛି। ଅର୍ଥନୀତିରେ ଆମ ଦେଶ ଦଶମରୁ ପଞ୍ଚମ ସ୍ଥାନକୁ ଉଠିଛୁ। ଖୁବଶୀଘ୍ର ଏହି ତାଲିକାରେ ଆମେ ତୃତୀୟ ସ୍ଥାନକୁ ଉନ୍ନୀତ ହେବା ।

▶▶ପୃଷ୍ଠା ୭

## ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ପାଇଁ ୨୦ ତାରିଖରୁ ଟ୍ରାଏଲ୍ ରନ୍



ଭୁବନେଶ୍ୱର, ୯/୧(ନି.ପ୍ର) : ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଧାଡ଼ି ଦର୍ଶନ ପାଇଁ ଆସନ୍ତା ୨୦ ତାରିଖରୁ ଟ୍ରାଏଲ୍ ରନ୍ ହେବ। ମହିଳା ଓ ପୁରୁଷ ଦର୍ଶନାର୍ଥୀଙ୍କ ପାଇଁ ଅଲଗା ଅଲଗା ଧାଡ଼ିରେ ଦର୍ଶନ ବ୍ୟବସ୍ଥା ହେବ। ଯେଉଁମାନେ ପରିବାର ସହ ଯାଇ ଦର୍ଶନ କରିବାକୁ ଚାହିଁବେ, ସେମାନଙ୍କ ପାଇଁ ମଧ୍ୟ ବ୍ୟବସ୍ଥା ହେବ ବୋଲି ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ମନ୍ତ୍ରୀ କହିଛନ୍ତି ଯେ ଏହି ଧାଡ଼ି ଦର୍ଶନର ଉଦ୍ଦେଶ୍ୟ ହେଉଛି ଯେମିତି କେହି ଶ୍ରୀଜିଉଙ୍କ ଦର୍ଶନରୁ ବଞ୍ଚିତ ନହୁଅନ୍ତି। ଠିକ୍ ସେହିପରି ଅନ୍ନ ଯଜ୍ଞର ବ୍ୟବସ୍ଥା ମଧ୍ୟ କରାଯାଉଛି। ଯେଉଁମାନେ ଶ୍ରୀମନ୍ଦିରକୁ ଆସିବେ ସେମାନେ କିପରି ମହାପ୍ରଭୁଙ୍କ ମହାପ୍ରସାଦ ଟିକେ ପାଇବେ। ତାହା ପୁଣି ଶହେ ଟଙ୍କାରେ। ସେଦିଗରେ ବି ବିଚାରବିମର୍ଶ ଚାଲିଛି। ସେହିପରି ଆଇନ ମନ୍ତ୍ରୀ ଆହୁରି କହିଛନ୍ତି ଯେ ୩ ମାସ ଭିତରେ ରତ୍ନ ଭଣ୍ଡାର ମରାମତି କାମ ସାରିବାକୁ ଇଏଓ ସମୟ ନେଇଥିଲେ। ତେବେ ନିର୍ଦ୍ଧାରିତ ସମୟ ପୂର୍ବରୁ କାମ ସାରିବାକୁ କୁହାଯାଇଛି। ଏହି କାମ ସରିବା କ୍ଷଣି ମହାପ୍ରଭୁଙ୍କ ଅଳଙ୍କାରର ଗଣତି ମଣତି କରାଯିବ ଓ ରଖାଯିବ ବୋଲି କହିଛନ୍ତି ଆଇନ୍ ମନ୍ତ୍ରୀ।

## କେନ୍ଦ୍ର ଆଇଟି ମନ୍ତ୍ରୀଙ୍କ ପ୍ରତିଶ୍ରୁତି: ମେଗା ଆଇଟି ହବ୍ ହେବ ଓଡ଼ିଶା

ଭୁବନେଶ୍ୱର, ୯/୧(ନି.ପ୍ର) : ଓଡ଼ିଶାରେ ଏକ ବିଶ୍ୱସ୍ତରୀୟ ଆଇଟି ପ୍ରଶିକ୍ଷଣ ପ୍ରତିଷ୍ଠାନ ସ୍ଥାପନ କରିବା ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ବିଚାରାଧୀନ ରହିଛି । ଓଡ଼ିଶାକୁ ଏକ ମେଗା ଆଇଟି ହବରେ ପରିଣତ କରିବା ପାଇଁ ସମସ୍ତ ପ୍ରକାରର ପଦକ୍ଷେପ ନିଆଯାଉଛି । ଆଜି ଏଭଳି କିଛି ପ୍ରତିଶ୍ରୁତି ଦେଇଛନ୍ତି କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ।ଏହାସହିତ ଓଡ଼ିଶାରେ ଏବେ ୭୦ହଜାର କୋଟି ଟଙ୍କାରୁ ଅଧିକ ରେଳ ପ୍ରକଳ୍ପ ନିର୍ମାଣାଧୀନ ରହିଥିବା ମଧ୍ୟ ସୂଚନା ଦେଇଛନ୍ତି । ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିବା ସହ ଓଡ଼ିଶାରେ ରେଳବାଇ ଓ ଆଇଟି କ୍ଷେତ୍ରରେ ବିକାଶ ଦିଗରେ ଆଲୋଚନା ହୋଇଥିବା ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ପ୍ରେସ୍ ରିଲିଜ୍ ଅନୁସାରେ, ଓଡ଼ିଶାକୁ ଏକ ମେଗା ଆଇଟି ହବରେ ପରିଣତ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ମୁଖ୍ୟମନ୍ତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ଓଡ଼ିଶାକୁ ମେଗା ଆଇଟି ହବରେ ପରିଣତ କରିବା ପାଇଁ ସମସ୍ତ ପ୍ରକାରର ପଦକ୍ଷେପ ନିଆଯାଉଛି । ଓଡ଼ିଶାରେ ଆଇଟି ଷ୍ଟାର୍ଟଅପର ବିକାଶ ପାଇଁ ୪ଟି ବୈଷୟିକ ଅନୁଷ୍ଠାନରେ 'ଚିପ୍ ଟୁ ଷ୍ଟାର୍ଟଅପ୍'କାର୍ଯ୍ୟକ୍ରମ କରାଯାଉଛି । ଏହି ଅନୁଷ୍ଠାନଗୁଡ଼ିକ ହେଉଛି- ଆଇଆଇଟି ଭୁବନେଶ୍ୱର, ଏନଆଇଟି

▶▶ପୃଷ୍ଠା ୭

## ନଦୀରେ ବୁଡ଼ି ଦୁଇ ଛାତ୍ରଙ୍କ ମୃତ୍ୟୁ

ଭୁବନେଶ୍ୱର,୯/୧ (ନି.ପ୍ର): ଚାରି ସାଙ୍ଗ ମିଶି ଖେଳିବାକୁ ଯାଇଥିଲେ। ହେଲେ ସେମାନଙ୍କ ମଧ୍ୟରୁ ଦୁଇ ଜଣ ନଦୀରେ ବୁଡ଼ି ଗଲେ। ଖୋଜାଖୋଜି ପରେ ସେମାନଙ୍କ ମୃତଦେହ ଉଦ୍ଧାର କଲେ ଅଗ୍ନିଶମ ବାହିନୀ। ଘଟଣାଟି ଘଟିଛି ରାୟଗଡ଼ା ସହରରେ। ମୃତ ଛାତ୍ର ଦ୍ୱୟ ହେଉଛନ୍ତି- ସି.ଏଚ୍ ଭାର୍ଗବ ଓ ଶ୍ରୀଦୁ କୁମାର ଯାଦବ। ସେମାନେ ଏକ ଘରୋଇ ସ୍କୁଲରେ ଷଷ୍ଠ ଶ୍ରେଣୀରେ ପଢୁଥିଲେ। ସି.ଏଚ୍ ଭାର୍ଗବ ଓ ଶ୍ରୀଦୁ କୁମାର ଯାଦବ ସେମାନଙ୍କର ଆଉ ଦୁଇ ସାଙ୍ଗ ଜନ୍ମେଜୟ ସାଉଁନ୍ତ ଓ ଏ.ଏନ୍ ଭବେଶଙ୍କ ସହିତ ରାୟଗଡ଼ ସହରର ଝୁଲା ବ୍ରିଜ୍ ନିକଟକୁ ଖେଳିବାକୁ ଯାଇଥିଲେ। ସେଠାରେ ସେମାନେ ନାଗାବଳୀ ନଦୀ ପଠାରେ ଖେଳୁଥିବା ବେଳେ ପ୍ରଥମେ ସି.ଏଚ୍ ଭାର୍ଗବଙ୍କ ଗୋଡ଼ ଖସି ଯାଇଥିଲା ଓ ସେ ନଦୀରେ ପଡ଼ି ଯାଇଥିଲେ। ସେ ବୁଡ଼ି ଯାଉଥିବା ଦେଖି ତାଙ୍କୁ ରକ୍ଷା କରିବାକୁ ପ୍ରୟାସ କରିଥିବା ଶ୍ରୀନୁ କୁମାର ଯାଦବ ମଧ୍ୟ ବୁଡ଼ି ଯାଇଥିଲେ। ଦୁଇ ସାଙ୍ଗ ବୁଡ଼ି ଯାଉଥିବା ଦେଖି ଜନ୍ମେଜୟ ସାଉଁନ୍ତ ଓ ଏ.ଏନ୍ ଭବେଶ ନିକଟସ୍ଥ ମାରିଗୁଡ଼ା ଲୋକଙ୍କୁ ଡାକିଥିଲେ। ଗ୍ରାମବାସୀ ଅଗ୍ନିଶମ ବାହିନୀକୁ ଖବର ଦେବା ସହିତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ ବାହିନୀ ପହଞ୍ଚିବା ପରେ ବୁଡ଼ି ଯାଇଥିବା ଦୁଇ ଛାତ୍ରଙ୍କୁ ଖୋଜାଖୋଜି କରିଥିଲେ ଏବଂ ସେମାନଙ୍କ ମୃତଦେହ ପାଇଥିଲେ।

▶▶ପୃଷ୍ଠା ୭

## ରାଜଧାନୀ ମର୍ଡର ମାମଲାରେ ୨ ମହିଳାଙ୍କ ସହ ୫ ଗିରଫ

ଭୁବନେଶ୍ୱର, ୯/୧(ନି.ପ୍ର) : ପ୍ରାଥମିକ ତଦନ୍ତରୁ ବ୍ୟକ୍ତିଗତ କାରଣ ପାଇଁ ରାଜଧାନୀ ଭୁବନେଶ୍ୱରରେ ଘଟିଥିବା ଲୋମଟାଙ୍କୁରା ହତ୍ୟାକାଣ୍ଡ। ଏହି ମାମଲାରେ ଦୁଇ ମହିଳାଙ୍କ ସମେତ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି ଭୁବନେଶ୍ୱର କମିସନ୍‌ରେଟ୍ ପୁଲିସ୍। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ବେଳେ ଏବେ ମଧ୍ୟ ମାମଲା ତଦନ୍ତ ଚାଲିଥିବା ଡିସିପି ପିନାକି ମିଶ୍ର କହିଛନ୍ତି। କେଦାରପଲ୍ଲୀ ବସ୍ତିରେ ସହଦେବ ନାୟକ ଘର। ବୁଧବାର ସକାଳ ପ୍ରାୟ ୮ଟା ବେଳେ ସେ ସ୍କୁଟିରେ ଯାଉଥିବା ବେଳେ ଆକ୍ରମଣ ହୋଇଥିଲା।

▶▶ପୃଷ୍ଠା ୭



## ମନ୍ତ୍ରୀଙ୍କ ତାଗିଦ୍: ୩୧ସୁଦ୍ଧା ଇ-କେୱାଇସି ନକଲେ ଅକାମୀ ହୋଇଯିବ ରାସନକାର୍ଡ



ଭୁବନେଶ୍ୱର, ୯/୧(ନି.ପ୍ର) : ଚଳିତ ମାସ ୩୧ତାରିଖ ସୁଦ୍ଧା ଇ-କେୱାଇସି ପ୍ରକ୍ରିୟା ଶେଷ ହୋଇନଥିଲେ ହିତାଧିକାରୀଙ୍କ ରାସନ କାର୍ଡ ଅକାମୀ ହୋଇଯିବ । ରାସନକାର୍ଡର ଇ-କେୱାଇସି ଯାଂଚ ପ୍ରକ୍ରିୟା ଶେଷ କରିନଥିବା ହିତାଧିକାରୀଙ୍କୁ ରାଜ୍ୟ ସରକାର ଜାନୁୟାରୀ ୩୧ତାରିଖ ପର୍ଯ୍ୟନ୍ତ ମହଲତ ଦେଇଛନ୍ତି । ଏହି ଇ-କେୱାଇସି ଯାଂଚ ପ୍ରକ୍ରିୟା ଶେଷ ହେବାପରେ ହିତାଧିକାରୀଙ୍କୁ ରାଜ୍ୟ ସରକାର ନୂଆ ରାସନକାର୍ଡ ଯୋଗାଇ ଦେବେ । ରାଜ୍ୟ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଏବେ ସୁଦ୍ଧା ୪୯ ଲକ୍ଷ ରାସନକାର୍ଡ ହିତାଧିକାରୀ ନିଜର ଇ-କେୱାଇସି ଯାଂଚ ପ୍ରକ୍ରିୟା ଶେଷ କରିନାହାନ୍ତି ।

▶▶ପୃଷ୍ଠା ୭

## ଭୁବନେଶ୍ୱରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ



ଭୁବନେଶ୍ୱର, ୯/୧(ନି.ପ୍ର) : ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ସମାରୋହରେ ଯୋଗ ଦେବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଭୁବନେଶ୍ୱରରେ ପହଂଚିଛନ୍ତି । ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବା ପରେ ସିଧାସଳଖ ରାଜଭବନ ଯାଇଛନ୍ତି । ରାଷ୍ଟ୍ରପତି ପହଂଚିବାର କିଛି ସମୟ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତ ଶେଷ କରି ଫେରିଯାଇଛନ୍ତି । ସୂଚନା ଅନୁସାରେ, ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କୁ ବିମାନ ବନ୍ଦରରେ ରାଜ୍ୟପାଳ ହରିବାବୁ କମ୍ଭମପତି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ କରିଥିଲେ । ତା'ପରେ ରାଷ୍ଟ୍ରପତି ସିଧାସଳଖ ରାଜଭବନ ଯାଇଛନ୍ତି ଓ ସେଠାରେ ରାତ୍ରିଯାପନ କରିବେ । ଆସନ୍ତାକାଲି ପ୍ରବାସୀ ଭାରତୀୟ ଦିବସ ସମାରୋହର ଉଦଯାପନୀ ସମାରୋହରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଯୋଗ ଦେଇ ପ୍ରବାସୀ

▶▶ପୃଷ୍ଠା ୭

## ହଂସିକା ଓ ଅନିଲଙ୍କୁ କମିଶନରେଟ ପୋଲିସର ମାରାଥନ ଜେରା

ଭୁବନେଶ୍ୱର, ୯/୧(ନି.ପ୍ର) : ହାଇ ପ୍ରୋଫାଇଲ ଠକେଇ ମାମଲାରେ ହଂସିକା ଅଭିଲିପ୍ସା ଓ ଅନିଲ ମହାନ୍ତିଙ୍କୁ କମିଶନରେଟ ପୋଲିସ ମାରାଥନ ଜେରା କରିଛି । କୋଟି କୋଟି ଟଙ୍କା ସାମ୍ରାଜ୍ୟ ପଛର ଚେର ଖୋଜୁଛି ସ୍ପେଶାଲ କ୍ରାଇମ ୟୁନିଟ । ଏଥିପାଇଁ ଜେଡ୍- ୧ରେ ଥିବା ଆପାର୍ଟମେଣ୍ଟକୁ ଅନିଲ ଓ ହଂସିକାଙ୍କୁ ନେଇ ପଚରା ଉଚୁରା କରୁଛି ପୋଲିସ । ଗତ ୨ ଦିନ ହେଲା ଭୁବନେଶ୍ୱର, ଦିଲ୍ଲୀ, ଝାରଖଣ୍ଡ ସହ ବିଭିନ୍ନ ସ୍ଥାନରେ ରେଡ କରିଥିଲା ଆୟକର ବିଭାଗ । ହଂସିକା ଓ ଅନିଲ ମହାନ୍ତି ନାଁ ଥିବା କିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତବିଜ ଜବତ କରିଛି ଆୟକର ବିଭାଗ ।

## ବିଷ ପିଇ ଦେଲେ ଆନ୍ଦୋଳନ କରୁଥିବା ଚାଷୀ: ହସ୍ପିଟାଲରେ ଚାଲିଗଲା ଜୀବନ



ନୂଆଦିଲ୍ଲୀ, ୯/୧ : ପଞ୍ଜାବ-ହରିୟାଣା ସୀମାନ୍ତ ଶମ୍ଭୁ ବର୍ଡରରେ ଆନ୍ଦୋଳନ କରୁଥିବା ଜଣେ ୫୫ ବର୍ଷୀୟ ଚାଷୀ ବିଷ ପିଇ ଜୀବନ ହାରିଛନ୍ତି। ସେ ଆନ୍ଦୋଳନସ୍ଥଳରେ ବିଷ ପିଇ ଦେଇଥିଲେ। ଏହାପରେ ତାଙ୍କୁ ପଟିଆଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ୩ ସପ୍ତାହ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଏପରି ଘଟଣା ଘଟିଛି। ଶମ୍ଭୁ ସୀମାନ୍ତରେ ଚାଷୀମାନେ ଦୀର୍ଘ ଦିନ ହେଲା ଆନ୍ଦୋଳନ ଚଳାଇଛନ୍ତି। ଆନ୍ଦୋଳନକାରୀଙ୍କ ମଧ୍ୟରେ ୫୫ ବର୍ଷୀୟ ରେଶମ ସିଂହ ମଧ୍ୟ ରହିଥିଲେ। ହେଲେ ସେ ହଠାତ୍ ଆଜି ଆନ୍ଦୋଳନସ୍ଥଳରେ ବିଷ ପିଇ ଦେଇଥିଲେ। ତାଙ୍କୁ ତୁରନ୍ତ ପଟିଆଲାରେ ଥିବା ରାଜିନ୍ଦର ହସ୍ପିଟାଲକୁ ନିଆ ଯାଇଥିଲା। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଏମଏସ୍‌ପିର ଆଇନଗତ ମାନ୍ୟତା ଦାବିରେ ଚାଷୀମାନେ ଆନ୍ଦୋଳନ କରୁଥିଲେ ହେଁ କେନ୍ଦ୍ର ସରକାର ଏହା ଉପରେ କୌଣସି ପଦକ୍ଷେପ ନେଉନାହାନ୍ତି। କେନ୍ଦ୍ର ସରକାରଙ୍କ ଉପରେ କ୍ଷୁବ୍ଧ ହୋଇ ରେଶମ ସିଂହ ଆତ୍ମହତ୍ୟା କରିଥିବା ଅନ୍ୟ ଚାଷୀମାନେ କହିଛନ୍ତି। ଏହାପୂର୍ବରୁ ଡିସେମ୍ବର ୧୮ରେ ରଣଯୋଧ ସିଂହ ନାମକ ଜଣେ ଚାଷୀ ଶମ୍ଭୁ ସୀମାରେ ଆତ୍ମହତ୍ୟା କରିଥିଲେ। ଚାଷୀ ନେତା ଜଗଜିତ ସିଂହ ନଭେମ୍ବର ୨୬ରୁ ଆମରଣ ଅନଶନ କରୁଥିବାରୁ ତାଙ୍କ ଅବସ୍ଥା ବିଗିଡ଼ିବାରେ ଲାଗିଛି। ଏଥିଯୋଗୁ ରଣଯୋଧ ମାନସିକ ଚାପରେ ରହିଥିଲେ। ତେଣୁ ସେ ଜୀବନ ହାରିଥିବା ଅଭିଯୋଗ ହୋଇଛି।

▶▶ପୃଷ୍ଠା ୭

## ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ପ୍ରବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ



ଭୁବନେଶ୍ୱର, ୯/୧(ନି.ପ୍ର) : ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଆହ୍ୱାନ। ପ୍ରବାସୀ ଭାରତୀୟଙ୍କୁ ମଞ୍ଚ ଉପରେ ଆହ୍ୱାନ କଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ବ୍ୟବସାୟ ପାଇଁ ଓଡ଼ିଶା ଉପଯୁକ୍ତ ସ୍ଥାନ। ଏଠି ଅପର୍ଯ୍ୟାପ୍ତ ସୁଯୋଗ ରହିଛି। ତେଣୁ ଓଡ଼ିଶାର ବିକାଶରେ ପ୍ରବାସୀ ସାମିଲ୍ ହୁଅନ୍ତୁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ପ୍ରବାସୀ ଭାରତୀୟ ସମ୍ମିଳନୀକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏବେ ପୂର୍ବୋଦୟ ମିଶନର ଫୋକସରେ ରହିଛି ଓଡ଼ିଶା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଓଡ଼ିଶାର ବିକାଶ ଦ୍ରୁତଗତିରେ ହେଉଛି। ଓଡ଼ିଶା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର। ଚିଲିକା, ଗୋପାଳପୁର, ଶିମିଳିପାଳ ବୁଲନ୍ତୁ ଏବଂ ଓଡ଼ିଶା ବିଷୟରେ ଅଧିକ ଜାଣନ୍ତୁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ପୁଞ୍ଜିନିବେଶ ପାଇଁ ପ୍ରବାସୀମାନେ ଓଡ଼ିଶାକୁ କାହିଁକି ପସନ୍ଦ କରିବେ, ତାହା ଦର୍ଶାଇବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶା ଦେଶର ଦ୍ୱିତୀୟ ଖଣିଜ ପଦାର୍ଥ ବହୁଳରାଜ୍ୟ। ଆଇନ ଶୃଙ୍ଖଳା ଦୃଷ୍ଟିରୁ ଓଡ଼ିଶା ଦେଶର ସବୁଠୁ ଶାନ୍ତ ରାଜ୍ୟ। ସ୍ଥିର ସରକାର ଦେବାରେ ଓଡ଼ିଶାର ଇତିହାସ ଅଛି, ଯୋଗାଯୋଗ ପାଇଁ ଓଡ଼ିଶାରେ ଆକର୍ଷଣୀୟ ଭିତ୍ତିଭୂମି ଅଛି। ପର୍ଯ୍ୟାପ୍ତ ରେଳ, ବନ୍ଦର, ବିମାନ, ସଡ଼କ ଭିତ୍ତିଭୂମି, ଦକ୍ଷ ମାନବ ସମ୍ବଳ ବିଶେଷ କରି ଶିଳ୍ପ ଉପଯୋଗୀ କୁଶଳୀ ଓ ଅଣକୁଶଳୀ ସମ୍ବଳ ଅଛି। ଆପଣମାନେ ପୁଞ୍ଜିନିବେଶ କରିବାକୁ ଯେଉଁସବୁ ଆବଶ୍ୟକତା ଅଛି, ସେ ସବୁ ଓଡ଼ିଶାରେ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ସେହିପରି ଭାରତ ବିଶ୍ୱରେ ପଞ୍ଚମ ସର୍ବବୃହତ ଅର୍ଥନୀତି ହୋଇଥିବାବେଳେ ଓଡ଼ିଶା ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ (୧ ଲକ୍ଷ ୫୦ ହଜାର) ଡଲାର ଅର୍ଥନୀତିରେ ପହଞ୍ଚିବ ବୋଲି ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଏବେଠାରୁ ମୂଳଦୁଆ ପଡ଼ିବ। ୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନ କରିବାକୁ ଆମେ ସମସ୍ତ ପ୍ରକାରର ପ୍ରସ୍ତୁତି ଆରମ୍ଭ କରିଛୁ। ତେଣୁ ଓଡ଼ିଶାରେ ପୁଞ୍ଜିନିବେଶ କରିବା ଅର୍ଥ ଭବିଷ୍ୟତ ପାଇଁ ନିବେଶ କରିବା ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଥିଲେ।

# କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀଙ୍କ ସମୀକ୍ଷା ଓ କ୍ଷେତ୍ର ପରିଦର୍ଶନ

ଜୟପୁର, ୯/୧ (ନି.ପ୍ର): କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ ଠାରେ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର କେନ୍ଦ୍ରୀୟ ସ୍କିମ ଓ ଆକାଂକ୍ଷା ଜିଲ୍ଲା କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ୱାସନ ଯୋଗଦେଇ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ରୀୟ ସ୍କିମ ଓ ଆକାଂକ୍ଷା ଜିଲ୍ଲା କାର୍ଯ୍ୟକ୍ରମର ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସରକାରୀ କର୍ମଚାରୀ ମାନେ ନିଷ୍ଠା ଓ ଆନ୍ତରିକତାର ସହ ଲୋକଙ୍କ ପାଇଁ କାର୍ଯ୍ୟ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ।ଏହି ସମୀକ୍ଷା ବୈଠକରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ପ୍ରମୁଖ ଯୋଗଦେଇ ଥିଲେ।ଅନ୍ୟ ମାନଙ୍କ ମଧ୍ୟରେ କୋରାପୁଟ ଏସପି ରୋହିତ ବର୍ମା, ଜୟପୁର ଉପ ଜିଲ୍ଲାପାଳ ଏ. ଶସ୍ୟା ରେଡ୍ଡୀ, ଅତିରିକ୍ତ ଜିଲ୍ଲାପାଳ ଆଲୋମଣି ସେଠୀ ଓ ଲଗ୍ନଜିତ ରାଉତ, କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବର, ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଅଧିକ୍ଷକ ଡ.ସୁଶାନ୍ତ କୁମାର ସାହୁ , ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବରଦାକାନ୍ତ ମିଶ୍ରଙ୍କ ସହ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ। ସେମିଳିଗୁଡା ବ୍ଲକ ଅନ୍ତର୍ଗତ ରାଜପୁଟ ମିଲେଟ୍ ପ୍ରକ୍ରିୟା କରଣ ୟୁନିଟକୁ ମନ୍ତ୍ରୀ ଶ୍ରୀ ମଜୁମଦାର ଯାଇ ପରିଦର୍ଶନ କରିବା ସହ ମହିଳା ଗୋଷ୍ଠୀ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ସେମିଳିଗୁଡା ବ୍ଲକ ଅନ୍ତର୍ଗତ ଲୁଙ୍ଗୁରୀ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯାଇ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ।ପରେ ସେ ଦାମନଯୋଡି ମାଲୁ ସାଉନ୍ତା ବିଦ୍ୟାଳୟକୁ ଯାଇ ଛାତ୍ରଛାତ୍ରୀ ଓ ଶିକ୍ଷକ ମାନଙ୍କ ସହ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ସହ ମନ୍ତ୍ରୀ ଶ୍ରୀ ମଜୁମଦାର ମଧ୍ୟାହ୍ନ ଭୋଜନ ଖାଇ ସନ୍ତୋଷ ବ୍ୟକ୍ତ କରିଥିଲେ।କୋରାପୁଟ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡ଼କ ଯୋଜନାରେ ବହୁତ ଭଲ କାମ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ମଜୁମଦାର ଗଣମାଧ୍ୟମ ନିକଟରେ ପ୍ରକାଶ କରିଥିଲେ। ଜଳସେଚନରେ ବହୁତ୍ ଭଲ କାମ ହୋଇଛି କିନ୍ତୁ କ୍ଷୁଦ୍ର ଜଳସେଚନରେ ସୁଧାର ଅଣାଯିବ ବୋଲି ସେ କହିଛନ୍ତି।କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ୱାସନ, କୋରାପୁଟ, ଲକ୍ଷ୍ମୀପୁର ଓ କୋଟପାଡ଼ ବିଧାୟକଙ୍କ ସହ କୋରାପୁଟ ଉପ ଜିଲ୍ଲାପାଳ ବେଣୁଧର ଶବର, କୋରାପୁଟ ବିଡ଼ିଓ ଦେବାଶିଷ ଗୌଡ଼,ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, କୋରାପୁଟ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନୀ,ମାଲୁ ସାଉନ୍ତା ହାଇସ୍କୁଲର ପ୍ରଧାନଶିକ୍ଷକ ରଶ୍ମିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବଲାଙ୍ଗୀର ଜଙ୍ଗଲ ଡିଭିଜନର ଆଁରେ କ୍ଷତିପୂରକ ବନୀକରଣ ଯୋଜନା

ବଲାଙ୍ଗୀର, ୯/୧ (ନି.ପ୍ର): ଜଙ୍ଗଲ ଆମର ଅମୂଲ୍ୟ ସମ୍ପଦ ହେଲେ ବିକାଶ ମୂଳକ କାର୍ଯ୍ୟ ପାଇଁ ଦୈନନ୍ଦିନ ଜଙ୍ଗଲ ନଷ୍ଟ କରାଯାଉଛି। ତେଣୁ ଭାରତ ସରକାର ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶରେ ୨୦୦୨ ମସିହାରେ କ୍ଷତିପୂରକ ବନୀକରଣ ଯୋଜନା ବାକାମ୍ପା ପାଣ୍ଠି ଯୋଜନା ପ୍ରାଧିକରଣ ଗଠନ କରି ନଷ୍ଟ କରାଯାଉଥିବା ଜଙ୍ଗଲର ଭରଣା କରିବା ପାଇଁ ନିଷ୍ପତି ନେଇଥିଲେ। କେନ୍ଦ୍ର ସରକାରଙ୍କ ସହାୟତାରେ ରାଜ୍ୟ ଏହକୁ କାର୍ଯ୍ୟକାରୀ କରୁଛି। ଗତ ୧୦ ବର୍ଷରେ ବଲାଙ୍ଗୀର ଜଙ୍ଗଲ ଡିଭିଜନକୁ ଏହି ଯୋଜନାରେ ପ୍ରାୟ ୨୦୦ କୋଟି ଟଙ୍କା ମିଳିଛି ବୋଲି ବଲାଙ୍ଗିରର ବିଶିଷ୍ଟ ସୂଚନାକର୍ମୀ ହେମନ୍ତ କୁମାର ପଣ୍ଡାଙ୍କୁ ବଲାଙ୍ଗୀର ଜଙ୍ଗଲ ଡିଭିଜନ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ପ୍ରଦାନ କରିଛନ୍ତି। ତଥ୍ୟରୁ ଜଣାପଡିଛି ଯେ, ଗତ୧୦ ବର୍ଷରେ ବଲାଙ୍ଗିର ଜଙ୍ଗଲ ଡିଭିଜନକୁ କ୍ଷତିପୂରକ ବନୀକରଣ ଯୋଜନା ବାକାମ୍ପାରୁ ୧୯୭କୋଟି ଟଙ୍କା୧୦ଲକ୍ଷ ୯୮ ହଜାର ୧୦୩ ଟଙ୍କା ମିଳିଛି ମାତ୍ର ଖର୍ଚ୍ଚ ହୋଇଛି୧୯୦ କୋଟି ୫୧ ଲକ୍ଷ ୧୪ ହଜାର ୫୬୬ ଟଙ୍କା। ପ୍ରାୟ ୭କୋଟି ଟଙ୍କା କାମ୍ପା ପ୍ରାଧିକାରଣକୁ ଫେରିଯାଇଛି। ଖର୍ଚ୍ଚ କରାଯାଇଥିବା ପ୍ରାୟ ୧୯୭କୋଟି ଟଙ୍କାରେ ୭୪ ଲକ୍ଷ ୪୬ ହଜାର ୭୦୮ଟି ଚାରା ଲଗାଯାଇ ୨୭ ହଜାର ୨୯୩ ହେକ୍ଟର ଜମିରେ ବନୀକରଣ କରାଯାଇଥିବା କୁହାଯାଇଛି। ଗତ ୧୦ ବର୍ଷରେ ପ୍ରତ୍ୟେକ ବର୍ଷ ବଲାଙ୍ଗୀର ଜଙ୍ଗଲ ଡିଭିଜନର ସମସ୍ତ ୧୧ଟି ରେଞ୍ଜରେ ଗଛ ଲଗାଯାଇଥିବା କୁହାଯାଇଛି। ଯଦି ପ୍ରକୃତରେ ଏତେ ସଂଖ୍ୟାରେ ଗଛ ଲଗାଯାଥାନ୍ତା ତାହାହେଲେ ବଲାଙ୍ଗୀର ଜିଲ୍ଲା ଆଜି ଏକ ସବୁଜ ଜିଲ୍ଲାରେ କେବଳ ପରିଣତ ହୋଇନଥାନ୍ତା ଜିଲ୍ଲାର ସମୁଦାୟ ଜନସଂଖ୍ୟାର ୫ଗୁଣ ଗଛର ନୂତନ ଜଙ୍ଗଲ ସୃଷ୍ଟି ହୋଇଥାନ୍ତା ବୋଲି ସୂଚନାକର୍ମୀ ପଣ୍ଡା କହିଛନ୍ତି। କ୍ଷତିପୂରକ ବନୀକରଣ ସମଗ୍ର ମାନବ ସମାଜ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଏହି ଯୋଜନାରୁ କୋଟିକୋଟି ଟଙ୍କା ହଡପ କରାଯାଇଛି ବୋଲି ସେ କହିଛନ୍ତି। ପଣ୍ଡା ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବୀ କରିଛନ୍ତି। କାଗଜପତ୍ରରେ ହଜାର ହଜାର ଗଛ ଲଗାଯାଇଥିବାବେଳେ ବାସ୍ତବରେ ସମ୍ପୃକ୍ତ ଅଂଚଳରେ ଗଛ ନାହିଁ ବୋଲି ପଣ୍ଡା କହିଛନ୍ତି। ସେ ପୁଣି କହିଛନ୍ତି ଯେ, କେବଳ ହରିଶଙ୍କର ରେଞ୍ଜରେ ନିର୍ଦ୍ଦିଷ୍ଟ ଭାବେ ପ୍ରାୟ ପ୍ରତ୍ୟେକ ବର୍ଷ ପାଖାପାଖି ୫୦ ହଜାର ଚାରା ଲଗାଯାଉଥିବାବେଳେ ଜଙ୍ଗଲ ସମ୍ପଦର ବୃଦ୍ଧି ହୋଇନାହିଁ।

# ବ୍ଲକସ୍ତରୀୟ ସଚେତନତା ଶିବିର

ଜୟପୁର , ୯/୧ (ନି.ପ୍ର): ଦୀର୍ଘସ୍ଥାୟୀ ବିକାଶର ସ୍ଥାନୀୟକରଣ ପରିପ୍ରେକ୍ଷୀରେ ମହିଳା ଅନୁକୂଳ ଗ୍ରାମ ପଂଚାୟତ ସମ୍ବନ୍ଧିତ ବ୍ଲକ ସ୍ତରୀୟ ତାଲିମ ଶିବିର ଆଜି ଦିନ ୧୧ ଟାରେ ଅନୁଷ୍ଠିତ ହୋଇଛି । ଜୟପୁର ବ୍ଲକ ସଭା ଗୃହରେ ଆୟୋଜିତ ବୈଠକରେ ବିଡିଓ ଶକ୍ତି ମହାପାତ୍ର,ଏବିଡିଓ ମନୋଜ ନାୟକ ପ୍ରମୁଖ ଉପସ୍ଥିତ ରହି ସଚେତନ କରିଥି ଲେ । ଏହି ସଚେତନତା କାଯ୍ୟକ୍ରମରେ ମହିଳା ଅନୁକୂଳ ଗ୍ରାମ ପଂଚାୟତ ଗଠନ ନେଇ ସଚେତନ କରାଯାଇଥିଲା । ଜୟପୁର ବ୍ଲକର ପିଇଓ, ସରପଂଚ, ଏଡିଇଓ, ଏମବିକେ, ସିଆରପି, ଅଙ୍ଗନବାଡୀ, ଆଶା କର୍ମି ମାନଙ୍କୁ ତାଲିମ ଦିଆଯାଇ ଅପରାହ୍ନ ୩ଟା ୩୦ ମିନିଟ ସମୟରେ ଶେଷ ହୋଇଛି । । ଲିଙ୍ଗଗତ ସମସ୍ୟା, ମହିଳା ମାନଙ୍କର ଅଧିକାର ଏବଂ ସୁବିଧା ସୁଯୋଗ ବିଷୟରେ ମହିଳା ମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା, ଏବଂ ସେ ମାନଙ୍କ କଥା ବତ୍ତା,ମୁଲଚାଲ କୌଶଳକୁ ସଦୃଢ କରିବା । ଏହ ମୁଖ୍ୟତଃ ପ୍ରଶିକ୍ଷଣ ଓ ଆଲୋଚନା ସମୟରେ ସମାଜିକ ବ୍ୟବହାର ପରିବର୍ତ୍ତନକାରୀ ଯୋଗାଯୋଗ ଉପକରଣ ପ୍ରଦର୍ଶନ କରି ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଆଂଚଳିକ ମଂଚର କର୍ମକର୍ତ୍ତା ଓ ଜନ ସାଧାରଣଙ୍କୁ ସଚେତନ କରିବା । ବାଲ୍ୟ ବିବାହ ମୁକ୍ତ ଗ୍ରାମ ପଂଚାୟ, କନ୍ୟା ଭ୍ରୁଣ ହତ୍ୟା ମୁକ୍ତ ଗ୍ରାମ ପଂଚାୟତ, ଲିଙ୍ଗଗତ ବିଭେଦ ମୁକ୍ତ ଗ୍ରାମ ପଂଚାୟତ ଗଠନ କରିବାକୁ ସଚେତନ କରାଯାଇଥିଲା । ମହିଳା ଘରୋଇ ହିଂସା ସୁରକ୍ଷା ଆଇନ ୨୦୦୫, କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡନ ପ୍ରତିରୋଧ, ନିଷେଧ ପ୍ରତିକାର ଅଧି ନିୟମ ୨୦୧୩, ସମାନ ପାରିଶ୍ରମିକ ଅଧିନିୟମ ୧୯୭୬ ଯୌନ ଅପରାଧରୁ ଶିଶୁ ମାନଙ୍କର ସୁରକ୍ଷା , ଲିଙ୍ଗଗତ ଭେଦଭାଗ ସମ୍ବନ୍ଧୀୟ ସ୍ୱ ଶିକ୍ଷା କାଯ୍ୟକ୍ରମ, ସାଇବର ଅପରାଧ ନିରାକରଣ ଓ ଆଇନ, ବେଆଇନ ମାନବ ଚାଲାଣ ନିରୋଧ ଆଇନ, ଓଡିଶା ଡାହାଣୀ ଚିହ୍ନଟ ନିବାରଣ ଆଇନ୨୦୧୩ ଉପରେ ସଚେତନ କରାଯାଇଥିଲା । ଏହା ସହ ସମାଜରେ ମହିଳା ଏବଂ ଶିଶୁମାନେ ସମ୍ମୁଖିନ ହେଉଥିବା ସମସ୍ୟାଗୁଡିକ ସ୍ୱାସ୍ଥ୍ୟ ସେବାର ଅଭାବ, ଶିଶୁକନ୍ୟା ହତ୍ୟା, ଲିଙ୍ଗଗତ ଭେଦଭାବ, ବାଲ୍ୟ ବିବାହ, ମହିଳା ଙ୍କ ପର୍ତି ହିଂସା, ପୁଷ୍ଟିହୀନତା, ଶିକ୍ଷାର ଅଭାବ, ଶିଶୁ ଶ୍ରମିକ ଆଦି ଉପରେ ସଚେତନ କରାଯାଇଥିଲା ।

# ଓମ୍ ମୋବାଇଲ୍ କେୟାରରୁ ଦେଢ କୋଟି ଟଙ୍କାର ଦାମୀ ମୋବାଇଲ୍ ଚୋରି

ମାଲକାନଗିରି , ୯/୧ (ନି.ପ୍ର): ମାଲକାନଗିରିରେ ବଡ଼ ଧରଣର ଲୁଟ୍ । କାନ୍ହୁ ଭାଙ୍ଗି ମୋବାଇଲ୍ ଦୋକାନରୁ ଲୁଟିନେଲେ ୧ କୋଟିରୁ ଅଧିକ ଟଙ୍କାର ସାମଗ୍ରୀ । ଚୋରି ହୋଇଥିବା ସାମଗ୍ରୀ ମଧ୍ୟରେ ଅନେକ ଦାମୀ ମୋବାଇଲ୍ ରହିଥିବା ସୂଚନା ମିଳିଛି । ସୂଚନା ମୁତାବକ, ମାଲକାନଗିରି ଜିଲ୍ଲାର ସବୁଠାରୁ ବଡ଼ ମୋବାଇଲ୍ ଦୋକାନ ଓମ୍ ମୋବାଇଲ୍ କେୟାର ।ଏହି ଦୋକାନରୁ ପ୍ରାୟ ଦେଢ କୋଟି ଟଙ୍କାର ଦାମୀ ମୋବାଇଲ୍ ଚୋରି ହୋଇଛି । ଦୁଇ ଜଣ ବ୍ୟକ୍ତି ମୁହଁରେ ମାସ୍କ ଲଗାଇ କାନ୍ହୁ ଭାଙ୍ଗିଭୋର ୩ଟା ସମୟରେ ଦୋକାନରେ ପଶିଥିଲେ । ଏହାପରେ ଦୋକାନରେ ଥିବା ଆଇଫୋନ୍, ସାମସଙ୍ଗ, ଓପୋ, ଭିଭୋ ଆଦି କମ୍ପାନୀର ଦାମୀ ମୋବାଇଲ୍ ଲୁଟ୍ କରିଥିଲେ । ଯାହାର ସମସ୍ତ ଦୃଶ୍ୟ ଦୋକାନରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି । ଲୁଟ୍ ହୋଇଥିବା ବିଷୟରେ ଜାଣି ଦୋକାନର ମାଲିକ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ଘଟଣାସ୍ଥଳରେ ପହଂଚି ଛାନ୍ଭିନ୍ ଆରମ୍ଭ କରୁଛି । ତେବେ ଲୁଟେରାମାନେ ଗୋଟିଏ ବସ୍ତା ମୋବାଇଲ ରାସ୍ତା କଡ଼ରେ ଫିଙ୍ଗି ଦେଇଛନ୍ତି । ଏହାବାଦ୍ ଅନ୍ୟ ସବୁ ମୋବାଇଲ ଖୋଳ ଦୋକାନ ସାମ୍ନାରେ ଥିବା ଏକ ନିଛାଟିଆ ଜଙ୍ଗଲରେ ପକାଇ ସମସ୍ତ ମୋବାଇଲ ନେଇ ଫେରାର ମାରିଛନ୍ତି ଲୁଟେରା ।

# ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୨୦ ବର୍ଷ ଜେଲ ଓ ୨୦ ହଜାର ଟଙ୍କା ଜୋରିମାନା

କନ୍ଧମାଳ, ୯/୧ (ନି.ପ୍ର): ଫୁଲବାଣୀ ଅତିରିକ୍ତ ଜିଲ୍ଲା ଦୌରାଜଜ ଏବଂ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ରାଜେଶ ଦାସ , ଆଜି ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାରଣା କରି ମାମଲାର ପିଡିତାଙ୍କ ବୟାନ ୧୧ ଜଣ ସାକ୍ଷୀଙ୍କ ବୟାନ ତଥା ଡାକ୍ତରୀ ରିପୋର୍ଟ ଆଧାରରେ ମାମଲାର ଅଭିଯୁକ୍ତ ସୁରଥ ବେହେରାକୁ ଦୋଷୀ ସାବ୍ୟସ୍ତ କରି ତାକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ, ତାକୁ ଆଉ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ନିଜ ରାୟରେ ପ୍ରକାଶ କରିଛନ୍ତି ବିଚାରପତି । ପିଡିତାଙ୍କୁ କ୍ଷତି ପୂରଣ ବାବଦରେ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯିବାକୁ ଆଇନ ସେବା ପ୍ରାଧୀକରଣକୁ ମଧ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁସାରେ ଗତ ୨୮ /୧୧/ ୨୦୨୦ ରେ ପୀଡିତା ପାଠ ପଢିବା ପାଇଁ ତାର ଜଣେ ବନ୍ଧୁଙ୍କ ଘରକୁ ଯାଉଥିବା ବେଳେ, ସୁରଥ ବେହେରା ଏବଂ ଅଗସ୍ତି ବେହେରା ଏକ ସ୍କୁଟି ରେ ଆସି ପିଡିତାଙ୍କୁ ତା ବନ୍ଧୁ ଘରେ ଛାଡି ଦେବୁ ବୋଲି କହି ଭେଟଖୋଲ ଘାଟିର ଏକ ଜଙ୍ଗଲକୁ ନେଇ ସେଠାରେ ସୁରଥ ତା ସହିତ ଦୁଷ୍କର୍ମ କରିଥିଲା ଏବଂ ଅଗସ୍ତି ତାକୁ ଏଥିରେ ସହଯୋଗ କରିଥିଲା। ଏହି ବିଷୟରେ କାହାକୁ କହିଲେ ଜୀବନରେ ମାରି ଦେବା ପାଇଁ ପିଡିତାଙ୍କୁ ଧମକ ଦେଇଥିଲେ ଉଭୟ ଅଭିଯୁକ୍ତ। ଫଳରେ ପିଡିତା ଡରିଯାଇ ଏହି ବିଷୟରେ ୨୪/ ୧୨/୨୦୨୦ରେ ତାର ପିଉଷିକୁ କହିଥିଲା। ଏହା ଜାଣିବା ପରେ ପରିବାର ପକ୍ଷରୁ ଫୁଲବାଣୀ ସଦର ଥାନାରେ ଏକ ଅଭିଯୋଗ ହୋଇଥିଲା । ଥାନା ଅଧିକାରୀ ଅଭିଯୋଗ ଅନୁଯାୟୀ ଏକ ମାମଲା ୧୬୬/୨୦୨୦ ରୁଜୁ କରି ସୁରଥ ବେହେରାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଜି ସେହି ମାମଲାର ବିଚାର କରି ଉପରୋକ୍ତ ରାୟ ଶୁଣାଇଛନ୍ତି ବିଚାରପତି। ଏହି ମାମଲାକୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପୋକ୍ସୋ ପିପି ଅସୀମ ପ୍ରହରାଜ ପରିଚାଳନା କରୁଥିଲେ।

## ପ୍ରବାସୀ ଭାରତୀୟଙ୍କ ପାଇଁ ବିଜେପିର ବିରାଟ ପଦଯାତ୍ରା

କେନ୍ଦ୍ରାପଡ଼ା, ୦୮ ଜାନୁଆରୀ(ହି.ସ.) – କେନ୍ଦ୍ରାପଡା ଜିଲ୍ଲା ବିଜେପି ଶାଖା ତରଫରୁ ୧୮ତମ ପ୍ରବାସୀ ଭାରତୀୟ ଦିବସ ୨୦୨୫ ଉପଲକ୍ଷେ ଏକ ବିରାଟ ଶୋଭାଯାତ୍ରା ବାଲାବାବା ମନ୍ଦିର ପ୍ରାଙ୍ଗଣରୁ ବାହାରି ପୁରୁଣା ବସଷ୍ଟାଣ୍ଡ ରେ ପହଁଚିଥିଲା । ସେଠାରେ ଏକ ପଥପ୍ରାନ୍ତ ସଭା ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ଶୋଭାଯାତ୍ରା ରେ ଗୀତାଞ୍ଜଳୀ ସେଠୀ, ଅଭିମନ୍ୟୁ ଗୋଛାୟତ, ଉପୀନ ରାଉତ, ସଂଜୟ ରଥ, ପ୍ରିୟଦର୍ଶନୀ ନନ୍ଦ, ସୁନାକର ବେହେରା, ପାଟକୁରା ର ବିଜେପି ବରିଷ୍ଠନାରୀ ନେତ୍ରୀ ମନୀଷା ପଣ୍ଡା, ଲିଲି ଦାସ, ନେହେରୁ ସାହୁ ପ୍ରମୁଖ ଏହି ଶୋଭାଯାତ୍ରା ରେ ସାମିଲ ହୋଇଥିଲେ । ସହର ଦେଇ ଏହି ଶୋଭାଯାତ୍ରା ଟି ଅତିକ୍ରମ କଲାବେଳେ ପ୍ରବାସୀ ଭାରତୀୟଙ୍କ ପାଇଁ ପ୍ରବାସୀ ଭାରତୀୟ ସ୍ୱାଗତମ୍ ସ୍ଲୋଗାନ ଦିଆଯାଇ ଥିଲା । ଜିଲ୍ଲାର ବିଭିନ୍ନ ଅଂଚଳରେ ଥିବା ପର୍ଯ୍ୟଟନ ସ୍ଥଳୀ ଗୁଡିକୁ ପ୍ରବାସୀ ଭାରତୀୟଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ଓ ସହଯୋଗ ଯୋଗାଇ ଦେବାପାଇଁ ବ୍ୟବସ୍ଥା କରାଯାଇଛି । ଏଥି ସହିତ ପର୍ଯ୍ୟଟନ ସ୍ଥଳୀକୁ ଆସୁଥିବା ପ୍ରବାସୀ ଭାରତୀୟ ମାନଙ୍କ ଯେଉଁଭଳି କୌଣସି ଅସୁବିଧା ନହୁଏ ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ଜିଲ୍ଲା ପ୍ରଶାସନ ଓ ଦଳ ତରଫରୁ ବ୍ୟବସ୍ଥା କରାଯାଇଛି । ଆୟୋଜିତ ଏହି ପଦଯାତ୍ରା ରେ ଶୋଭନ ଆଚାର୍ଯ୍ୟ, ଅନ୍ତର୍ଯ୍ୟାମୀ ମଲିକ, ମଣ୍ଟୁ ସିଂହଙ୍କ ସମେତ ସମସ୍ତ ମଣ୍ଡଳ ଅଧିକାରୀ ଓ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ ।

# ପୁସ୍ତକ ମେଳାର ଦ୍ୱିତୀୟ ସନ୍ଧ୍ୟା : ଚିର ସବୁଜ ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତରେ ଦର୍ଶକ ବିଭୋର

କେନ୍ଦ୍ରାପଡ଼ା, ୯/୧ (ନି.ପ୍ର): କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜର୍ସ (କେମ) ଦ୍ୱାରା ଆୟୋଜିତ ମହିପାଳ ସ୍ଥିତ ଟେଲିକମ ପଡିଆରେ ଦ୍ୱାବିଂଶତମ ରାଜ୍ୟସ୍ତରୀୟ ପୁସ୍ତକମେଳାର ଦ୍ୱିତୀୟ ସଂନ୍ଧ୍ୟାରେ ଭାବଗ୍ରାହୀ କଳାନିକେତନ ଓ କଟକର ଅକ୍ଷୟ ମହାନ୍ତି ଟ୍ରଷ୍ଟ ଦ୍ୱାରା ଅକ୍ଷୟମହାନ୍ତି ସ୍ମୃତି ସଂନ୍ଧ୍ୟା ଆୟୋଜିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ଅଜୟ ରାଉତ ଉଦ୍‌ଘାଟନ କରିଥିବା ବେଳେ ସଭାପତି ଅକ୍ଷୟ ପାଣି, ସମ୍ପାଦକ ଏମଡି ଜାହିଦ୍ ଖାଁ, ଅଧ୍ୟାପକ ମୋହନ ଜେନା ପ୍ରମୁଖ ଉପସ୍ଥିତଥିଲେ । ଅକ୍ଷୟଙ୍କ ଶିଷ୍ୟ ବିମଳ ପ୍ରସାଦ ପରିଡାଙ୍କ ସଂଯୋଜନାରେ କଣ୍ଠଶିଳ୍ପୀ ଉପେନ୍ଦ୍ର ପାଢ଼ି, ନିରୁପମା ଜେନା, ରଞ୍ଜନ ବରାଳ, ବଳରାମ ମଲ୍ଲିକ, କୈଳାସ ପରିଡା, ଅଜୟ ଜେନାଙ୍କ କଣ୍ଠରେ ବେତାଜ ବାଦସାହା ଚିର ସବୁଜ ଅକ୍ଷୟ ମହାନ୍ତିଙ୍କ ସଙ୍ଗିତରେ ଦର୍ଶକ ବିଭୋର ହେଇଥିଲେ । ଏହାପରେ 'ନାଚେ ବଂଶି ନାଚେ ଘୁଙ୍ଗୁର' ଏବଂ 'ଯାରେ ଭାସି ଯା' ସଙ୍ଗିତରେ ରୁପାଲି ସୁତାର, ସ୍ମୃତି ରେଖା ବିଶ୍ୱାଳ, ପ୍ରତିକ୍ଷା ନାୟକ, ନିବେଦିତା ନାୟକ, ରାଜଲକ୍ଷ୍ମୀ ପ୍ରଧାନ, କୁସୁମ ପଣ୍ଡା ଚିତାକର୍ଷକ ନୃତ୍ୟ ପରବେଷଣ କରିଥିଲେ । ସେହିପରି ବିମଳ ପରିଡାଙ୍କ କଣ୍ଠରେ କେତେ ଘେନି ଯାଉଛ, ନଦୀ ତୋର ଦେଇଥିଲି ନାଁ, ଏହି ଯେ ବନଲତା ପାହାଡ ପ୍ରମୁଖ ଅକ୍ଷୟ ସଙ୍ଗିତରେ ସମବେତ ଶ୍ରୋତାମାନଙ୍କ ଦ୍ୱାରା ବିଶେଷ ଭାବରେ ଆଦୃତ ହୋଇଥିଲା । ଗତକାଲି ଉଦ୍‌ଘାଟନ ଉତ୍ସବରେ ଭାବଗ୍ରାହୀ କଳାନିକେତନ ପକ୍ଷରୁ ଉଦ୍ ଅପରାହ୍ନରେ କେମ ପକ୍ଷରୁ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାକୁ କେମର ସଦସ୍ୟ ପ୍ରଶାନ୍ତ ଆଚାର୍ଯ୍ୟ, ସଂଦିପ କୁମାର ସାହୁ, ରାଜେନ୍ଦ୍ର ମହାପାତ୍ର ପରିଚାଳନା କରିଥିଲେ । ଏହାପରେ କେନ୍ଦ୍ରାପଡାର ଶ୍ରୀ ବଳଦେବଜୀଉ କଳା ଓ ସଂସ୍କୃତି ପ୍ରତିଷ୍ଠାନ ଦ୍ୱାରା ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ହୋଇଥିଲା । ସେହିପରି ଡଃ ଗିରିଜାକାନ୍ତ ସାଦଙ୍କ ନିର୍ଦ୍ଦେଶନାରେ କେନ୍ଦ୍ରାପଡା ସାନ୍ଧ୍ୟ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନାଟକ "ପେଟେଣ୍ଟ ମେଡିସିନ" ପରିବେଷଣ କରାଯାଇଥିଲା । ତାପରେ କେନ୍ଦ୍ରାପଡାର ବଳଦେବଜୀୟୁ କଳା ଓ ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ନୃତ୍ୟ ଗୁରୁ ଦିପକ ସାହୁଙ୍କ ସଂଯୋଜନାରେ ନୃତ୍ୟ ପରବେଷଣ କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମକୁ ପ୍ରତାପ ସ୍ୱାଇଁ, ମଞ୍ଜୁଶ୍ରୀ ଦାସ, ଅମ୍ରିନ ସାହାଦତ, ନିଶିକାନ୍ତ ସେଠୀ, ବଂଶିଧର ମହାନ୍ତି, ସରୋଜ ସାହୁ, ଶାନ୍ତନୁ ମଲ୍ଲିକ,ତାରିଣି ପାଢେୟାଶୀଶିବ ଚରଣ ସାମଲ ପ୍ରମୁଖ ସହଯୋଗ କରିଥିଲେ ।

# ଭିନ୍ନକ୍ଷମଙ୍କ ଅଧିକାର ଆଇନ-୨୦୧୬ ସମ୍ବନ୍ଧୀୟ କର୍ମଶାଳା

ଜୟପୁର , ୯/୧ (ନି.ପ୍ର): ଭିନ୍ନକ୍ଷମଙ୍କ ଅଧିକାର ଆଇନ-୨୦୧୬ ସମ୍ବନ୍ଧୀୟ ଏକ କର୍ମଶାଳା, ସହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ, କୋରାପୁଟର ଅଧାପନା ପ୍ରକଷ୍ଠ ଠାରେ ଆୟୋଜିତ ହୋଇଯାଇଛି । ଏହି କର୍ମଶାଳା ଆୟୋଜନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭିନ୍ନକ୍ଷମମାନ ସୁରକ୍ଷା, ସେମାନଙ୍କ ଅଧିକାର ଏବଂ ବିଭିନ୍ନ ଆଇନ ଉପରେ ସଚେତନ କରାଇବା ସହିତ ସେମାନଙ୍କ ଜରିଆରେ ସମାଜର ଅନ୍ୟ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା । ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବରେ ଉପ-ଜିଲ୍ଲାପାଳ, କୋରାପୁଟ ଶ୍ରୀ ବେଣୁଧର ଶବର ଯୋଗଦାନ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଡଃ. ମୁକ୍ତିକାନ୍ତ ଖଟୁଆ, ଜିଲ୍ଲା ମଖ୍ୟ ଚିକିତ୍ସାଳୟ, କୋରାପୁଟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, କୋରାପୁଟ ଶ୍ରୀମତୀ ପୁଷ୍ପାଞ୍ଜଳି ପଟନାୟକ, ଏଲ. ଡି.ଏମ୍. କୋରାପୁଟ ଶ୍ରୀ ଦେବେନ୍ଦ୍ର ତ୍ରିପାଠୀ, ଡେପୁଟି ସିଇଓ, ଓରମାସ୍, ଶ୍ରୀ ରୋଷନ କାର୍ତ୍ତିକ, ଡି.ପି.ଏମ୍. ଓ.ଏଲ୍.ଏମ୍ ଶ୍ରୀମତୀ ପ୍ରିୟଙ୍କା ବିଷୋୟି ଯୋଗଦାନ କରିଥିଲେ । ଏହି ଭିନ୍ନକ୍ଷମଙ୍କ ଅଧିକାର ଆଇନ-୨୦୧୬ କର୍ମଶାଳାକୁ ଶ୍ରୀ ରଞ୍ଜିତ କୁମାର ମହାପାତ୍ର, ସାଧନା ବେସରକାରୀ ସଂସ୍ଥା, ମୟୁରଭଞ୍ଜ, ଉପସ୍ଥିତ ଥିବା ଦିବ୍ୟାଙ୍ଗମାନଙ୍କୁ ଭିନ୍ନକ୍ଷମ ଅଧିକାର ଆଇନ ଉପରେ ବିସ୍ତୃତ ଭାବରେ ବୁଝାଇ ଥିଲେ । କୋରାପୁଟ ଜିଲ୍ଲାର ୧୪ଟି ବ୍ଲକ ଏବଂ ୪ଟି ପୌରପାଳିକାରୁ ୯୦ ଜଣ ଦିବ୍ୟାଙ୍ଗ ଏହି କର୍ମଶାଳାରେ ଯୋଗଦାନ କରିଥିଲେ । ଏହି କର୍ମଶାଳାକୁ ଶ୍ରୀ ତରୁଣ ତପନ ପ୍ରହରାଜ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, କୋରାପୁଟ, ଶ୍ରୀମତୀ ଆହାନା ବୈଦ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, କୋରାପୁଟ ଆୟୋଜନ ଓ ପରିଚାଳନା କରିଥିଲେ ।

# ସଡ଼କ ସୁରକ୍ଷା ସପ୍ତାହ-୨୦୨୫ ସଚେତନତା ପାଇଁ ଲୋକନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

କନ୍ଧମାଳ, ୯/୧ (ନି.ପ୍ର): ଅଦ୍ୟାବଧି ଆମ ଦେଶରେ ୨୦୨୩ ମସିହାରେ ୧,୬୮,୪୯୧ ଲୋକଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବାବେଳେ ଆମ ରାଜ୍ୟରେ ୫୪୬୭ ଲୋକଙ୍କର ମଧ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ସେହିପରି କନ୍ଧମାଳ ଜିଲ୍ଲାର ତଥ୍ୟ ଅନୁସାରେ ୨୦୨୪ ମସିହା ଜାନୁଆରି ଠାରୁ ଡିସେମ୍ବର ମଧ୍ୟରେ ୧୭୭ଟି ସଡ଼କ ଦୁର୍ଘଟଣା ଘଟିଥିବାବେଳେ ସେଥିରେ ମୋଟ ୧୦୩ ଜଣଙ୍କର ମୃତ୍ୟୁ ଘଟିଥିଲା। ସେଥିନିମନ୍ତେ ଏହି ଦୁର୍ଘଟଣାର ପରିମାଣ ବା ସଂଖ୍ୟାକୁ କମାଇବା ପାଇଁ ଓଡ଼ିଶା ସରକାରଙ୍କ ପରିବହନ ବିଭାଗର ନିର୍ଦ୍ଦେଶକ୍ରମେ ସାରା ରାଜ୍ୟରେ ଜାନୁଆରୀ ୦୧ ତାରିଖରୁ ୦୭ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ସପ୍ତାହ ପାଳନ କରିବାକୁ ସ୍ଥିର କରାଯାଇ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଯାଇଛି ଏବଂ ଏହା ମାସେ ଧରି ପାଳନ କରାଯିବ ବୋଲି ଜଣାପଡ଼ିଛି। ସେହିପାରି କନ୍ଧମାଳ ଜିଲ୍ଲାରେ ମଧ ଫିରିଙ୍ଗିଆ ବ୍ଲକ୍‌ର ପବିଙ୍ଗିଆ, ବନ୍ଧଗଡ଼ ଠାରୁ ଆରମ୍ଭ କରି ବାଲିଗୁଡ଼ା ବ୍ଲକ୍‌ର ବାଟାଗୁଡ଼ା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଲୋକନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଂଚଳିକ ପରିବହନ ପ୍ରାଧିକରଣ କନ୍ଧମାଳଙ୍କ ସହାୟତାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ମାଧ୍ୟମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ଅନୁଷ୍ଠିତ ହୋଇଯାଇଛି। ଫୁଲବାଣୀ ଆଂଚଳିକ ପରିବହନ ଅଧିକାରି ଶିଶିର କୁମାର ସାହୁଙ୍କ ସହାୟତା ଏବଂ ସମ୍ପାଦକ ଇଂ. ହରିଶଙ୍କର ରାଉତଙ୍କ ତତ୍ତ୍ୱାବଧାନରେ ବାଲୁଙ୍କେଶ୍ୱର ଦଣ୍ଡବୀଣାକାର କମିଟି କାଶିନିପଦରର ବିଣାକାର କାଶ୍ୟପ ଖମାରିଙ୍କ ନେତୃତ୍ୱରେ ବିଭିନ୍ନ ସଡ଼କ ସୁରକ୍ଷା ବାର୍ତ୍ତା ଗୀତ, ନୃତ୍ୟ, ବିଭିନ୍ନ ଢଗ ଢମାଳି ମାଧ୍ୟମରେ ଦୁଇଚକିଆ ମୋଟର ଯାନର ଚାଳକ ଏବଂ ପଛରେ ବସିଥିବା ବ୍ୟକ୍ତି ହେଲମେଟ ବ୍ୟବହାର କରିବା, ଦୃତ ବେଗରେ ଗାଡି ନଚଲାଇବା, ଗାଡିଚାଳକ ପ୍ରତିଯୋଗିତା ନକରିବା, ଗାଡି ଚଲାଇଲା ବେଳେ ନିଶା ସେବନ ନକରିବା, ଗାଡି ଚାଳନା ବେଳେ ମୋବାଇଲ ଫୋନ୍ ବ୍ୟବହାର ନକରିବା, ୧୮ ବର୍ଷ ରୁ କମ୍ ବୟସର ପିଲାଙ୍କୁ କୌଣସି ପ୍ରକାର ଗାଡି ଚଲାଇବାକୁ ନଦେବା, ଚାରିଚକିଆ ମୋଟର ଯାନରେ ଯାତ୍ରା କଲାବେଳେ ଚାଳକ ଏବଂ ଯାତ୍ରୀମାନେ ସିଟ୍ ବେଲ୍ଟ ବ୍ୟବହାର କରିବା ଓ କୌଣସି ଗାଡିର କ୍ଷମତାଠାରୁ ଅଧିକ ଯାତ୍ରୀ ପରିବହନ ନକରିବା କିମ୍ବା କ୍ଷମତାଠାରୁ ଅଧିକ ଓଜନ ର ଦ୍ରବ୍ୟ ନବାଆଣିବା ନକରିବା ଇତ୍ୟାଦି ବିଷୟରେ ଜନସାଧାରଣ ମାନଙ୍କୁ ବୁଝାଇଥିଲେ। ତତ୍‌ସହିତ ଏବର୍ଷର ବାର୍ତ୍ତା "ଆସନ୍ତୁ ଜଣେ ଜଣେ ସଡକ ସୁରକ୍ଷା ହିରୋ ହୁଅନ୍ତୁ" ସଂପର୍କରେ ମଧ ଜନସାଧାରଣ ଙ୍କୁ ସଚେତନ କରି କିପରି ସଡକ ସୁରକ୍ଷା କରି ପରିବାର ରକ୍ଷା କରିପାରିବା ତାହା ସୂଚନା ଦେଇଥିଲେ। ଏହିପରି ଭାବେ ଜିଲ୍ଲାର ୨୧ ଗୋଟି ଦୂର୍ଘଟଣା ପ୍ରବଣ ସ୍ଥାନରେ ସଚେତନତା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇ ଆନୁମାନିକ ୫୦୦୦ ଲୋକଙ୍କ ପାଖରେ ସଚେତନତା ବାର୍ତ୍ତା ପହଂଚା ଯାଇପାରିଛି ବୋଲି ଅନୁଷ୍ଠାନ ତରଫରୁ କାର୍ଯ୍ୟକ୍ରମ ପରିଚାଳକ ବିଶ୍ୱରଞ୍ଜନ କର ସୂଚନା ଦେଇଛନ୍ତି। ନୃତ୍ୟଦଳରେ ମହୁରିଆ କିସ୍ତରା ଦିଗାଲ ଓ ଢୋଲିଆ ପଣ୍ଡିତ ସାହାଣି ସହଯୋଗ କରିଥିବା ବେଳେ ଅନୁଷ୍ଠାନର ଅନ୍ୟ କର୍ମି, ବିନୋଦ ବେହେରା, ଗିତାଞ୍ଜଳୀ ମୁଖି,ମାମିନା କହଁର, ସୁନେମିଆ ଦିଗାଲ, ରାମେସ୍ୱରୀ ଦିଗାଲ, ଅମ୍ରିତା ପ୍ରଧାନ,ଏଲକେନା ନାୟକ, ସ୍ୱଧର୍ମ ରାଉତ, ଅନ୍ନପୂର୍ଣ୍ଣା ପ୍ରଧାନ, ସୁନିଲ ସୁବୁଧି, ଦେବାଶିଶ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଲେ ଗାଡ଼ି ମାଲିକ

କନ୍ଧମାଳ, ୯/୧ (ନି.ପ୍ର): ଆଜି ସକାଳୁ ସକାଳୁ ଫୁଲବାଣୀ ଗାନ୍ଧିଛକ ଠାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି ମା ସୁନା ପ୍ରତିମା ଗାଡିର ମାଲିକ ତ୍ରିଲୋଚନ ପ୍ରଧାନ। ଯାହା ସୂଚନା ରହିଚି ସୁନା ପ୍ରତିମା ଗାଡି ବୌଦ୍ଧ ମୁଖେ ଯିବା ପାଇଁ ରାସ୍ତାର ବାମ ପାର୍ଶରେ ଠିଆ ହୋଇଥିଲା କ୍ଷ ନିଜ ଗାଡି ର ସମ୍ମୁଖରେ ଗାଡି ମାଲିକ ତ୍ରିଲୋଚନ ପ୍ରଧାନ ଠିଆହୋଇ ଥିବାବେଳେ ଦ୍ରୁତ ଗତିରେ ବିପରୀତ ଦିଗରୁ ଏକ କୁକୁଡ଼ା ଗାଡି ଯାହାର ଗାଡି ନମ୍ବର ଓ ଡି ୧୨ -ବି- ୬୫୮୨ ସୁନା ପ୍ରତିମା ଗାଡି ମାଲିକକୁ ଧକ୍କା ଦେଇଥିଲା। ଫଳରେ ଗାଡି ମାଲିକ ଗୁରୁତର ହେବାରୁ ସ୍ଥାନୀୟ ଲୋକଙ୍କ ଜରିଆରେ ଫୁଲବାଣୀ ମେଡିକାଲରେ ଭର୍ତି କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଉକ୍ତ ଦୁର୍ଘଟଣା ସ୍ଥଳରୁ ଡ୍ରାଇଭର ଗାଡି ଛାଡି ଫେରାର ହୋଇ ଯାଇଥିବା ଜଣାପଡିଛି। ପୋଲିସ ଘଟଣା ସ୍ଥଳରେ ପହଂଚି ଗାଡ଼ି ଜବତ କରି ଥାନା କୁ ଆଣି ତଦନ୍ତ ଚଳାଇଛି। ଏ ନେଇ ଫୁଲବାଣୀ ବସ ମାଲିକ ସଂଘ ପକ୍ଷରୁ ସଭାପତି ଓ ସମ୍ପାଦକଙ୍କ ସମେତ ଅନ୍ୟ ସଦସ୍ୟ ମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ ଦାବି କରିଛନ୍ତି।

# ମା' ସୁରେଶ୍ୱରୀଙ୍କ ପୀଠରେ ସ୍ୱଚ୍ଛତା ଅଭିଯାନରେ ସାମିଲ୍ ହେଲେ ମନ୍ତ୍ରୀ ଓ ବିଧାୟକ

ସୁବର୍ଣ୍ଣପୁର, ୯/୧ (ନି.ପ୍ର): ଓଡିଶାର ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଓ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦ୍ଦଲା ସୁବର୍ଣ୍ଣପୁର ଜିଲ୍ଲା ଭାଜପା କାର୍ଯ୍ୟକର୍ତ୍ତା ଓ କିଛି ସ୍ୱେଚ୍ଛାସେବୀଙ୍କ ସହ ସୋନପୁରର ଇଷ୍ଟ ଦେବୀ ମା ସୁରେଶ୍ୱରୀ ପୀଠ ପରିସରରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ହୋଇଛି। ମନ୍ତ୍ରୀ ଓ ବିଧାୟକଙ୍କ ସମେତ ଜିଲ୍ଲା ବିଜେପି ସଭାପତି ପ୍ରମୋଦ ମହାପାତ୍ର, ଶରତ ଶତପଥି ଓ ସମସ୍ତ ବିଜେପି କାର୍ଯ୍ୟକର୍ତ୍ତା ଏହି ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମରେ ସାମିଲ୍ ରହି ମନ୍ଦିର ଚାରିପାଖରେ ସଫେଇ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱଚ୍ଛତା ଅଭିଯାନ ମିଶନ ସଫଳ କରିବାକୁ ସାରା ଦେଶକୁ ସ୍ୱଚ୍ଛ ରଖିବାକୁ ସମସ୍ତ ସହଯୋଗ କାମନା କରିଥିଲେ।

# ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିଶୁ ଅଧିକାର କର୍ମଶାଳା

ଧର୍ମଶାଳା, ୯/୧ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବାଲ୍ୟ ବିବାହ ନିଷେଧ ନିୟନ୍ତ୍ରଣ ଆଇନ ସଚେତନତା କାର୍ଯ୍ୟକ୍ରମ ଓ ଶିଶୁ ଅଧିକାର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ୍ୟ ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ,ମୁଖ୍ୟବକ୍ତାଭାବେ ଶିଶୁ ଅଧିକାର କର୍ମୀ ମଂଟୁ ଦାସ ଓ ସମ୍ମାନୀତ ଅତିଥିଭାବେ ବ୍ରହ୍ମବରଦା ଥାନା ଏସ୍‌ଆଇ ସୁଶାନ୍ତ କୁମାର ସେଠୀ,ଆଇସିଡିଏସ୍ ପରିଚାଳିକା ମୀନାକ୍ଷୀ ଦାସ,ମଞ୍ଜୁବାଳା ଶତପଥୀ,ଶିଶୁ ସୁରକ୍ଷା ୟୁନିଟ୍ର କର୍ମକର୍ତା କାଳିପ୍ରସାଦ ସାହୁ,ଶିଶିର କୁମାର ମଲ୍ଲିକ ଓ ଅଧ୍ୟାପକ ଉଲ୍ଲାସ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଶିଶୁ ଅଧିକାରୀ ଆଇନ ଉପରେ ଆଲୋକପାତ କରିଥିଲେ । ଅଦ୍ୱିକା କାର୍ଯ୍ୟକ୍ରମ ମାଧ୍ୟମରେ ବାଲ୍ୟ ବିବାହକୁ ନିଷେଧ ଓ ନିୟନ୍ତ୍ରଣ କରାଯାଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଆଜିର କାର୍ଯ୍ୟକ୍ରମରେ ବ୍ରହ୍ମବରଦା ପଂଚାୟତସ୍ଥ ଆଜାଦନଗର ଅଙ୍ଗନବାଡି ଅଦବିକା କ୍ଲବ ସଦସ୍ୟା ଇସରତ କସରଙ୍କୁ ଉଲ୍ଲେଖନୀୟ ଅବଦାନ କାର୍ଯ୍ୟ ନିମନ୍ତେ ପୁରସ୍କୃତ କରାଯାଇଥିଲା । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ, ବ୍ରହ୍ମବରଦା, ମହେଶ୍ୱରପୁର, ବନ୍ଧଡିହ ପଂଚାୟତର ଅଙ୍ଗନବାଡି କର୍ମୀ ଓ ଆଶା କର୍ମୀ ଯୋଗ ଦେଇଥିଲେ ।

ଧ୍ୱନି ପ୍ରତିଧ୍ୱନି
୩ ♣ ବାଲେଶ୍ୱର ♣ ଶୁକ୍ରବାର, ୧୦ ଜାନୁଆରୀ ୨୦୨୫

# ପାଦର ଚିହ୍ନ, ରଙ୍ଗ, ଆକାର କହିବ ଆପଣଙ୍କ ଭବିଷ୍ୟତ: କିଏ ହେବ ଧନୀ, କିଏ ହେବ ଗରିବ



ମଣିଷର ହାତ, ଗୋଡ଼, ମୁହଁ, ଆଖି, ନାକର ଆକାରକୁ ଜ୍ୟୋତିଷ ଶାସ୍ତ୍ରରେ ଭବିଷ୍ୟତ ବିଷୟରେ ବହୁତ କିଛି ସୂଚନା ମିଳିଥାଏ । ତେବେ ପାଦରୁ ମଧ ଜଣଙ୍କ ବିଷୟରେ ଅନେକ ତଥ୍ୟ ଜାଣି ହୋଇଥାଏ । ପାଦରେ ଥିବା ଏପରି କିଛି ଚିହ୍ନକୁ ଅତ୍ୟନ୍ତ ଶୁଭ ଭାବେ ବିବେଚନା କରାଯାଇଥାଏ । ପାଦକୁ ଠିକ ରଖି ଧନ ଓ ସ୍ୱାସ୍ଥ୍ୟ ସହିତ ଜଡ଼ିତ ସମସ୍ୟାକୁ ଠିକ୍ କରାଯାଇ ପାରିବ ବୋଲି କୁହାଯାଇଥାଏ । ପାଦ ଓ ହାତର ସମ୍ପର୍କ ଧନ ଓ ସାମର୍ଥ୍ୟ ସହିତ ଜଡ଼ିତ ଥାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ପାଦରୁ ଜଣେ ବ୍ୟକ୍ତିର ଯାତ୍ରା ବିଷୟରେ ମଧ ଜଣାପଡ଼ିଥାଏ । ହାତରେ ରହିଥିବା ଚିହ୍ନକୁ ସାଧାରଣ କୁହାଯାଉଥିବା ବେଳେ ପାଦର ଚିହ୍ନର ବିଶେଷ ମହତ୍ତ୍ୱ ରହିଥାଏ । ଲମ୍ୱା ପାଦକୁ ମୂର୍ଖତାର ପ୍ରତୀକ କୁହାଯାଇଥାଏ । ମାତ୍ର ଲମ୍ୱା ପାଦ ଥିବା ବ୍ୟକ୍ତିମାନେ ଜୀବନରେ ଅନେକ ସଫଳତା ହାସଲ କରୁଥିବା ଦେଖାଯାଉଛି । ଆବଶ୍ୟକଠାରୁ ଛୋଟ ପାଦ ଥିବା ଲୋକମାନେ ମାନସିକ ଚିନ୍ତାରେ ବୁଡ଼ି ରୁହନ୍ତି । ସେମାନେ ଅନେକ ସଂଘର୍ଷ କରିବା ପରେ ସଫଳତାର ସ୍ୱାଦ ଚାଖିଥାନ୍ତି । ପାଦ ନିକଟରେ ରହିଥିବା ଆଙ୍ଗୁଠିର ରେଖା ଭଲ ଥିଲେ ବହୁତ ଲାଭ ମିଳିଥାଏ । ଯଦି ପାଦର ଗୋଟିଏ ଆଙ୍ଗୁଠି ପାଖ ଆଙ୍ଗୁଠି ଠାରୁ ଛୋଟ ହୋଇଥାଏ, ତେବେ ବ୍ୟକ୍ତି ବଡ଼ ଭାଗ୍ୟଶାଳୀ ହୋଇଥାନ୍ତି । ଯଦି ପାଦର ସବୁଠାରୁ ଛୋଟ ଆଙ୍ଗୁଠିର ନଖ ବହୁତ ଛୋଟ ତେବେ ଜଣେ ଜୀବନରେ ବହୁତ ମୁସ୍କିଲ ସମୟ ଦେଇ ଗତି କରିଥାଏ । ଯଦି ସବୁଠାରୁ ଛୋଟ ଆଙ୍ଗୁଠି ଲମ୍ୱା ହୋଇଥାଏ ତେବେ ଜଣଙ୍କ ପାଖରେ ଅର୍ଥର ଅଭା ରହିନଥାଏ । ଯଦି ପାଦର ଆଙ୍ଗୁଠିଗୁଡ଼ିକ ତେଢ଼ିମେଢ଼ି ହୋଇଥାନ୍ତି ତେବେ ବ୍ୟକ୍ତିଙ୍କ ଭାଗ୍ୟରେ ଦୁଇଥର ବିବାହ ଯୋଗ ରହିଥାଏ । ପାଦର ଆଙ୍ଗୁଠି ଅଧିକ ବଡ଼ ହୋଇଥିଲେ ଏହାକୁ ବୀମାରୀର ପ୍ରତୀକ ଭାବେ ଗ୍ରହଣ କରାଯାଇଥାଏ । ଯଦି ପାଦର ଆଙ୍ଗୁଠିରୁ ଏକ ସିଧା ରେଖା ତଳକୁ ଯାଇଥିବ ତେବେ ବ୍ୟକ୍ତି ବୁଦ୍ଧିମାନ ହୋଇଥାଏ । ଯେତେ କମ୍ ରେଖଥିବ ଜଣେ ସେତେ ଅଧିକ ଭାଗ୍ୟବାନ ହେବ । ପାଦରେ ଅଧିକ ରେଖା ଥିଲେ ଜଣଙ୍କୁ ଜୀବନରେ ଅଧିକ ଜାଲରେ ପଡ଼ିବାକୁ ହୋଇଥାଏ । ଏପରି ଲୋକମାନେ ବହୁତ ପ୍ରୟାସ ପରେ ମଧ ସାଧନ ଯୋଗାଡ଼ କରିବାରେ ଅସମର୍ଥ ହୋଇଥାନ୍ତି । ପାଦରେ ଶଙ୍ଖ ବା ଚକ୍ର ରହିଥିଲେ ତାହାକୁ ଅତ୍ୟନ୍ତ ଦୁର୍ଲ୍ଲଭ ଓ ମହାପୁରୁଷଙ୍କ ପାଦ ବୋଲି ଗ୍ରହଣ କରାଯାଇଥାଏ । ଏପରି ଲୋକମାନେ ଜୀବନରେ ବଡ଼ ସଫଳତା ହାସଲ କରିଥାନ୍ତି । ପାଦର ରଙ୍ଗ ହାଲୁକା ଗୋଲାପୀ ବା ଧଳା ରହିଥିଲେ ବ୍ୟକ୍ତି ସର୍ବସ୍ମ ସ୍ୱାସ୍ଥ୍ୟବାନ ରହିଥାଏ । ପାଦର ରଙ୍ଗ ହଳଦିଆ ହୋଇଥିଲେ ବ୍ୟକ୍ତି ଖରାପ ଦାମ୍ପତ୍ୟ ଜୀବନର ସାମ୍ନା କରିଥାନ୍ତି । ସେ ସର୍ବଦା ନିଜ ପାର୍ଟନରଙ୍କ ସହିତ ଝଗଡ଼ା କରିଥାନ୍ତି ।

# ଘରେ ତିଆରି କରନ୍ତୁ ମସଲା ବ୍ରେଡ୍ ଟୋଷ୍ଟ



ଆବଶ୍ୟକ ସାମଗ୍ରୀ: ବ୍ରେଡ୍, ସିଝା ଆଳୁ (ଅଧା ଚକଟା ହୋଇଥିବା), ଧନିଆ ପତ୍ର, ଲେମ୍ବୁ, ପିଆଜ, ଟମାଟୋ, କ୍ୟାପ୍ସିକମ୍, ପାଓଭାଜି ମସଲା, ଲଙ୍କା ଗୁଣ୍ଡ, ବଟର ଏବଂ ସ୍ୱାଦ ଅନୁସାରେ ଲୁଣ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ର ନେଇ ସେଥିରେ ସିଝା ଆଳୁ (ଅଧା ଚକଟା ହୋଇଥିବା), କଟା ଧନିଆ ପତ୍ର, ପିଆଜ,ଲେମ୍ବୁ ରସ, କଟା କ୍ୟାପ୍ସିକମ୍, ଲଙ୍କା ଗୁଣ୍ଡ, ପାଓଭାଜି ମସଲା ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ଶେଷରେ ଲୁଣ ପକାଇ ଆଉ ଥରେ



ଗୋଳାଇ ଦିଅନ୍ତୁ।ଏହା ପରେ ବ୍ରେଡ୍ ନେଇ ତା ଉପରେ ପୂର୍ବରୁ ପ୍ରସ୍ତୁତ କରିଥିବା ମସଲାକୁ ଲଗାଇ ଦିଅନ୍ତୁ। ଏହାପରେ ଗ୍ୟାସ୍‌ରେ ତାୱା ବସାଇ ସେଥିରେ ବଟର ପକାନ୍ତୁ। ପରେ ସେଥିରେ ବ୍ରେଡ୍ ମସଲାକୁ ପକାଇ ଅଳ୍ପ ଆଞ୍ଚରେ ଭାଜନ୍ତୁ। ଅଧିକ ଆଞ୍ଚରେ ବ୍ରେଡଟିକୁ ଭାଜିଲେ ପୋଡ଼ି ଯିବ। ଧୀମା ଆଞ୍ଚରେ ଭାଜିଲେ ବ୍ରେଡ୍ ଟୋଷ୍ଟ ଲାଲ ଦେଖାଯିବା ସହ ପୋଡ଼ିବନି। ଦୁଇ ସାଇଡ୍ ହୋଇଯିବା ପରେ ତଳକୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ମସଲା ବ୍ରେଡ୍ ଟୋଷ୍ଟ। ଏହାକୁ ଆପଣ ପୁଦିନା ଚଟଣୀ ଓ ଟମାଟୋ ସସ୍ ସହ ଖାଆନ୍ତୁ।



# ଖାଦ୍ୟ ପସନ୍ଦ ଶୈଳୀରୁ ଜାଣିପାରିବେ ଝିଅଙ୍କ ଲଭ୍ ଲାଇଫ୍ ସମ୍ପର୍କିତ ରୋମାଞ୍ଚକର ତଥ୍ୟ



ଖାଦ୍ୟପେୟରେ ସମସ୍ତଙ୍କ ରୁଚି ଭିନ୍ନ ଭିନ୍ନ ହୋଇଥାଏ। କାହାକୁ ଖଟା ଖାଇବାକୁ ଭଲ ଲାଗୁ ଥିବାବେଳେ କାହାକୁ ମିଠା ଅଧିକ ପସନ୍ଦ ହୋଇଥାଏ। ତେବେ ଆପଣ ଜଣକର ଖାଦ୍ୟ ପସନ୍ଦ ଶୈଳୀରୁ ତାଙ୍କ ଲଭ୍ ଲାଇଫ୍ ସମ୍ପର୍କରେ ଜାଣିପାରିବେ। ତେବେ ଜାଣନ୍ତୁ ଝିଅଙ୍କ ଖାଦ୍ୟରୁଚି ଶୈଳୀରୁ ସେମାନଙ୍କ ଲଭ୍ ଲାଇଫ୍ ସମ୍ପର୍କିତ କିଛି ରହସ୍ୟପୂର୍ଣ୍ଣ କଥା।

**ଚକୋଲେଟ୍:** ସାଧାରଣତଃ ଝିଅମାନଙ୍କୁ ଚକୋଲେଟ୍ ପସନ୍ଦ ହୋଇଥାଏ। ତେବେ ଅଧିକ ଚକୋଲେଟ୍ ଖାଉଥିବା ଝିଅ ନରମ ସ୍ୱଭାବର ହୋଇଥାନ୍ତି। ସେମାନେ ମୁହାଁମୁହିଁ ସିଧା କଥା କହିଥାନ୍ତି।

**ଆଇସ୍‌କ୍ରିମ୍:** ଝିଅମାନଙ୍କୁ ଆଇସ୍‌କ୍ରିମ ଖାଇବା ବେଶି ପସନ୍ଦ ହୋଇଥାଏ । ତେବେ ଅଧିକାଂଶ ଝିଅଙ୍କୁ ଷ୍ଟ୍ରବେରୀ ଓ ଚକୋଲେଟ ଆଇସ୍‌କ୍ରିମ୍ ପସନ୍ଦ ଆସିଥାଏ। ସେମାନେ ସ୍ୱଭାବରେ ରୋମାଣ୍ଟିକ୍ ହେବା ସହ ଚଗଲୀ ଥାଆନ୍ତି।

ଆହୁରି ପଢନ୍ତୁ

**ମିଠା:** ମିଠା ପସନ୍ଦ କରୁଥିବା ଝିଅ ରାଗୀ ସ୍ୱଭାବର ହୋଇଥାନ୍ତି। ସେମାନେ ତାଙ୍କ ପାର୍ଟନରଙ୍କୁ ତାଙ୍କଠାରୁ ଅଲଗା ହେବାକୁ ଦିଅନ୍ତି ନାହିଁ।

**କଫି:** କଫି ପସନ୍ଦ କରୁଥିବା ଝିଅ ମଧ ରୋମାଣ୍ଟିକ ହୋଇଥାନ୍ତି। ଆତ୍ମନିର୍ଭରଶୀଳ ଓ କର୍ତ୍ତବ୍ୟନିଷ୍ଠା ଏମାନଙ୍କ ସ୍ୱଭାବରେ ସମ୍ପୂର୍ଣ୍ଣ ବାରି ହୋଇପଡେ। ଏମାନେ ପାର୍ଟନରଙ୍କ ବିଶ୍ୱାସୀ ହୋଇଥାନ୍ତି।

# ଥାଇରଏଡ ରୋଗୀ କେଉଁ ଖାଦ୍ୟ ଖାଇବେ ?

**ବର୍ତ୍ତମାନ ସମୟରେ ପ୍ରତ୍ୟେକ ବୟସ ବର୍ଗର ବ୍ୟକ୍ତି ଥାଇରଏଡର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ଏହି ରୋଗ ୫୦ ବର୍ଷ ବୟସ ପରେ ହେଉ ଥିବାବେଳେ ବର୍ତ୍ତମାନ ୩୦ରୁ ୩୫ ବର୍ଷ ବୟସରେ ଲୋକଙ୍କୁ ଗ୍ରାସ କରୁଛି। ପୁରୁଷଙ୍କ ତୁଳନାରେ ମହିଳାମାନେ ଥାଇରଏଡର ଶିକାର ହେବାର ଆଶଙ୍କା ୧୦ ଗୁଣ ଅଧିକ। ବିଶେଷକରି ଗର୍ଭାବସ୍ଥା ଏବଂ ମେନୋପୋଜ ସମୟରେ ଏହି ବିପଦ ବଢିଥାଏ। ଥାଇରଏଡ ଗ୍ରନ୍ଥିର ମୁଖ୍ୟ କାର୍ଯ୍ୟ ହେଉଛି ମେଟାବୋଲିଜିମ୍ ନିୟନ୍ତ୍ରଣ କରିବା। କେବଳ ଏହା ମାଧମରେ ଶରୀର ଶକ୍ତି ପାଇଥାଏ। ଥାଇରଏଡ୍ ବଢିଗଲେ ଓଜନ ବୃଦ୍ଧିପାଏ ଏବଂ ହରମୋନ୍ ଅସନ୍ତୁଳିତ ହୋଇଯାଏ। ତେଣୁ ଥାଇରଏଡକୁ ନିୟନ୍ତ୍ରଣ କରିବା ପାଇଁ ଜୀବନଶୈଳୀରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। କେଉଁ କେଉଁ ଖାଦ୍ୟ ଖାଇବା ଦ୍ୱାରା ଥାଇରଏଡ ନିୟନ୍ତ୍ରଣରେ ରହିବ, ଜାଣନ୍ତୁ...**





*ନଡ଼ିଆ:* ଜଳଖିଆରେ ଚିପ୍ସ ଏବଂ ବିସ୍କୁଟ ପରି ପ୍ରକ୍ରିୟାକୃତ ଖାଦ୍ୟ ଖାଇବା ପରିବର୍ତ୍ତେ ସୁସ୍ଥ ଓ ପ୍ରାକୃତିକ ଖାଦ୍ୟ ଆପଣାନ୍ତୁ। ଏଥିରେ ପଇଡ ପାଣି ସର୍ବୋତ୍ତମ।କାରଣ ଏହା ମେଟାବୋଲିଜିମରେ ଉନ୍ନତି ଆଣି ହଜମ ପ୍ରକ୍ରିୟାକୁ ମଜବୁତ କରିଥାଏ।



*ଅଁଳା:* ଅଁଳା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଏଥିରେ ଭିଟାମିନ୍ ସି ଭରପୂର ପରିମାଣରେ ଥାଏ। ଅଁଳାରୁ ମିଳୁଥିବା ଉପାଦାନ ଥାଇରଏଡକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଏହାକୁ ଦୈନନ୍ଦିନ ଖାଦ୍ୟରେ ଯୋଗ କରିବା ଫଳରେ ଥାଇରଏଡରେ ପୀଡିତ ଲୋକଙ୍କ ପାଇଁ ଲାଭଦାୟକ ହୋଇପାରେ।



*ସଜନା:* ସଜନାରେ ପ୍ରୋଟିନ୍, ଆଇରନ୍, କ୍ୟାଲସିୟମ୍, ଭିଟାମିନ୍ ସି ଏବଂ ଭିଟାମିନ୍ ଏ ଥାଏ, ଯାହା ଥାଇରଏଡ୍ ହରମନକୁ ସନ୍ତୁଳନ କରିବାରେ ସାହାଯ୍ୟ କରିଥାଏ।

*କଖାରୁ ମଞ୍ଜି:* କଖାରୁ ମଞ୍ଜିରେ ଅଧିକ ପରିମାଣରେ ଜିଙ୍କ ରହିଥାଏ। ଜିଙ୍କ ଶରୀରରେ ଥାଇରଏଡ୍ ହରମନର ସନ୍ତୁଳନ ବଜାୟ ରଖେ।

ଜୀବନରେ ଅଭୁଲା ମୁହୂର୍ତ୍ତ ଗୁଡ଼ିକ ସାଇତି ରଖିବା ଲାଗି ସାଧାରଣତଃ ସମସ୍ତେ ଏହାର ଫଟୋ ଉଠାଇ ରଖିଥାନ୍ତି। ତେବେ ଦିନଥିଲା ଏଥିପାଇଁ ଫଟୋଗ୍ରାଫର କିମ୍ବା ଅନ୍ୟର ସାହାଯ୍ୟ ନେବାକୁ ପଡୁଥିଲା। ହେଲେ ଆଜିର ଅତ୍ୟାଧୁନିକ ଯୁଗରେ ସ୍ମାର୍ଟଫୋନ ଗୁଡ଼ିକରେ ଥିବା ଫ୍ରଣ୍ଟ କ୍ୟାମେରା ଏହାକୁ କରିଛି ଆହୁରି ସହଜ ଏବଂ ସରଳ। ଯେଉଁଥିଲାଗି ବର୍ତ୍ତମାନ ଅଧିକାଂଶଙ୍କ ଠାରେ ବିଶେଷକରି ଯୁବପିଢ଼ିଙ୍କ ଠାରେ ବଢ଼ିବାରେ ଲାଗିଛି ସେଲ୍‌ଫି କ୍ରେଜ୍...

# କିପରି କରିବେ ହେୟାର ଡ୍ରାଏ



ସାମ୍ପୁ କଲାପରେ କେଶ କିପରି ଜଲଦି ଶୁଖିବ ସେଥିପାଇଁ ଆପଣ ବ୍ୟସ୍ତ। କେଶର ତେଲିଆପଣ ବି ଦୂରେଇବାକୁ ଇଚ୍ଛା। ଏଭଳି ସମସ୍ୟାର ସମାଧାନ ପାଇଁ ଅନେକ ମହିଳା ହେୟାର ଡ୍ରାୟାରର ସାହାଯ୍ୟ ନିଅନ୍ତି। କିନ୍ତୁ ଡ୍ରାଏ କରିବାର କିଛି ନିୟମ ଅଛି। ସେହି ନିୟମ ନ ମାନିଲେ କେଶର ଅନେକ କ୍ଷତିହୋଇଥାଏ।

- ଭଲ କମ୍ପାନୀରେ ହେୟାର ଡ୍ରାୟର ବ୍ୟବହାର କରିବା ସବୁଠୁ ଜରୁରୀ। କ୍ରାୟର ଯେମିତି ୧୮୦୦ ୱାଟରୁ ଅଧିକ ହୋଇଥିବ।

ଅତିରିକ୍ତ ବ୍ଲୋ-ଡ୍ରାଏ କଲେ କେଶର କ୍ଷତି ହେବାର ଆଙ୍କା ବଢ଼ିଯାଏ। ତେଣୁ ଡ୍ରାଏ କରିବା ପୂର୍ବରୁ ଜଣେ ଉପରେ ଏକ ଲେୟାର ତିଆରି କରିପାରିଲେ ଭଲ।

ଯେଉଁମାନେ ନିୟମିତ ବ୍ଲୋଡ୍ରାଏ କରନ୍ତି ସେମାନଙ୍କ କେଶ ପାଇଁ କଣ୍ଡିସନିଂର ଆବଶ୍ୟକତା ଅଧିକ।

- ବ୍ଲୋବାଏ କରିବା ପୂର୍ବରୁ ଭଲ ବ୍ରାଣ୍ଡର ହେୟାର ମାସ୍କ ବ୍ୟବହାର କଲେ ଭଲ। ବ୍ଲୋ ବାଏ କରିବା ପରଦିନ ମଧ ମାସ୍କ ଲଗାଇଲେ କେଶର କ୍ଷତି ଅନେକାଂଶରେ ପୂରଣ ହୋଇଯିବ।

- ତେବେ ବି କେଶରେ ଅତ୍ୟଧିକ ଗରମ ହାୱା ବାଜିବାକୁ ଦେବେନି। ହଟ ଡ୍ରାୟର କରିବା ପରେ କେଶରେ ଆଉଥରେ କୋଲ୍ଡ ଡ୍ରାୟର ମଧ ଦେବେ।

ଓଦା କେଶକୁ ତଉଲିଆରେ ଭଲକରି ପୋଛିବା ପରେ ବ୍ଲୋଡ୍ରାଏ କରିବେ। କେଶରୁ ଟପ୍ ଟପ୍ ପାଣି ପଡୁଥିବା ଅବସ୍ଥାରେ ଡ୍ରାୟର ଚଳାଇବେ ନାହିଁ।

- ବ୍ଲୋ-ଡ୍ରାଏ କଲାବେଳେ କେଶଠାରୁ ନିର୍ଦ୍ଧିଷ୍ଟ ଦୂରରେ ହେୟାର ଡ୍ରାୟର କରିବା ଉଚିତ। କେଶରେ ଅତି ପାଖକୁ ବ୍ଲୋଡ୍ରାଏ କରିବା ଦ୍ୱାରା କେଶ ମୂଳର ପ୍ରାକୃତିକ ତେଲ ନଷ୍ଟ ହୋଇ କେଶ ରୁକ୍ଷ ଓ ଶୁଷ୍କ ହୋଇଥାଏ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ପ୍ରବାସୀ ଭାରତୀୟ ଆମ ରାଷ୍ଟ୍ରର ଗର୍ବ ଓ ଗୌରବ

ସ୍ୱାଧୀନତା ପରେ ଅନେକ ବର୍ଷ ଧରି ପ୍ରବାସୀ ଭାରତୀୟମାନଙ୍କ ପାଇଁ ଭାରତ ସରକାର ସେତେଟା ଗୁରୁତ୍ୱ ଦେଇ ନଥିଲେ । ୧୯୭୭ ମସିହାରେ ବୈଦେଶିକ ମନ୍ତ୍ରୀ ଥିଲେ ଅଟଳ ବିହାରୀ ବାଜପେୟୀ । ତାଙ୍କ ମନରେ ପ୍ରବାସୀ ଭାରତୀୟଙ୍କୁ ନେଇ ଚିନ୍ତା ଆସିଲା । ସେ କହିଥିଲେ ବିଦେଶରେ ରହୁଥିବା ଭାରତୀୟମାନେ ଭାରତର ଦୂତ । ତେଣୁ ସେମାନଙ୍କ ଯତ୍ନ ଭାରତ ସରକାରଙ୍କ କର୍ତ୍ତବ୍ୟ । ସରକାର ପରିବର୍ତ୍ତନ ସହିତ ଅଟଳଜୀଙ୍କ କଥା କଥାରେ ହିଁ ରହିଗଲା । ୧୯୯୯ ସେ ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ହେଲେ । ଅଗଷ୍ଟ ୨୦୦୦ରେ ସେ ଏକ ଉଚ୍ଚକ୍ଷମତା ସମ୍ପନ୍ନ ସମିତି ଗଠନ କଲେ । ଏହାର ଅଧ୍ୟକ୍ଷ ଥିଲେ ପ୍ରଖ୍ୟାତ ସମ୍ବିଧାନବିତ୍ ତଥା ଲୋକସଭା ସଦସ୍ୟ ଲକ୍ଷ୍ମୀ ମଲ୍ଲ ସିଂଘଭୀ । ଏହାକୁ ସିଂଘଭୀ ସମିତି ମଧ୍ୟ କୁହାଯାଉଛି । ସେହି ସମିତିର ସୁପାରିସ ଅନୁଯାୟୀ ୨୦୦୩ରେ ପ୍ରବାସୀ ଭାରତୀୟ ଦିବସ ପାଳନ କରିବା ଆରମ୍ଭ ହେଲା । ୯ ଜାନୁଆରୀ ୨୦୧୫ରେ ମହାତ୍ମା ଗାନ୍ଧୀଙ୍କ ଦକ୍ଷିଣ ଆଫ୍ରିକାରୁ ଭାରତ ଫେରିବା ସ୍ମୃତିରେ ପ୍ରଥମ ପ୍ରବାସୀ ଭାରତୀୟ ଦିବସ ୯ରୁ ୧୧ ଜାନୁଆରୀ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଆୟୋଜନ କରାଯାଇଥିଲା । ସେତେବେଳେ ପ୍ରଧାନମନ୍ତ୍ରୀ ବାଜପେୟୀ କହିଥିଲେ 'ୱେଲକମ ହୋମ'(ସ୍ୱଗୃହକୁ ସ୍ୱାଗତ) । ପ୍ରବାସୀ ଭାରତୀୟ ଦିବସରେ ପ୍ରବାସୀ ଭାରତୀୟ ସମ୍ମାନ ଦେବା ପାଇଁ ସିଂଘଭୀ ସମିତି ସୁପାରିସ କରିଥିଲେ । ୨୦୦୩ରେ ଦଶ ଜଣଙ୍କୁ ସମ୍ମାନିତ କରାଯାଇଥିଲା । ପ୍ରବାସୀ ଭାରତୀୟ ଭବନ ମଧ୍ୟ ସ୍ଥାପନା କରାଗଲା । ଏବେ ଏହି ଭବନ 'ସୁଷମା ସ୍ୱରାଜ ଭବନ' ନାମରେ ପରିଚିତ ଅଛି । ପ୍ରବାସୀ ଭାରତୀୟଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେବା ପାଇଁ କେନ୍ଦ୍ରୀୟ ସଂଗଠନର ସୁପାରିସରେ ପ୍ରବାସୀ ଭାରତୀୟ କାର୍ଯ୍ୟ ମନ୍ତ୍ରାଳୟର ଗଠନ ୨୦୨୪ରେ କରାଯାଇଛି । ସିଂଘଭୀ ସମିତିର ଅନେକ ସୁପାରିସ ଲାଗୁ କରାଯାଇଛି । ତଥାପି ଅନେକ ସୁପାରିସ ପୂର୍ଣ୍ଣ ଭାବେ ଲାଗୁ ହୋଇପାରିନାହିଁ ।

ପ୍ରବାସୀ ଭାରତୀୟ ଯେଉଁଠାକୁ ଗଲେ, ଯେଉଁ ଦେଶରେ ବସବାସ କଲେ ସେଠାରେ ସେମାନେ ବିଶେଷ ସ୍ଥାନ ଅଧିକାର କଲେ । ଅର୍ଥାତ୍ ପ୍ରବାସୀ ଭାରତୀୟମାନେ ଆର୍ଥିକ ରୂପେ ଅଧିକ ସବଳ ହେବାକୁ ଲାଗଲେଣି । ଭାରତ ସରକାର ସଙ୍କଟ ସମୟରେ ସେମାନଙ୍କ ସାହାଯ୍ୟ ସହଯୋଗ ମିଳୁଛି । ୧୯୯୧ ଆର୍ଥିକ ମାନ୍ଦାବସ୍ଥା ସମୟରେ ସେମାନଙ୍କ ଅବଦାନ ଅବିସ୍ମରଣୀୟ । ପ୍ରବାସୀ ଭାରତୀୟମାନେ ବଣ୍ଡ ଖରଦ କରି ଆର.ବି.ଆଇ ଯୋଜନାରେ ପୁଞ୍ଜି ନିବେଶ କରି ଭାରତର ସଙ୍କଟକୁ ଟାଳିବାରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ କରିଥିଲେ । କୋଭିଡ୍ ମହାମାରୀ ସମୟରେ ମଧ୍ୟ ବୈଦେଶିକ ପାଣ୍ଠିର ପ୍ରବାହ ଜାରି ରଖିବାରେ ଏନ୍‌ଆରଆଇମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ପ୍ରବାସୀ ଭାରତୀୟମାନଙ୍କର ମୂଳ ଭୂଖଣ୍ଡ ସହିତ ସମ୍ପର୍କ ଅର୍ଥନୀତିଠାରୁ ଆରମ୍ଭ କରି ସାଂସ୍କୃତିକ ଓ ଭାବନାତ୍ମକ ଭାବେ ଜଡ଼ିତ ରହିଛି । ୧୯୯୧ରେ ଜଗତିକରଣ ଆରମ୍ଭ ପରଠାରୁ ବିଗତ ତିନିଦଶନ୍ଧି ମଧ୍ୟରେ ଆର୍ଥିକ ପ୍ରଗତି ଭାରତ ଆଉ ଭାରତୀୟଙ୍କ ମନରେ ନୂଆ ଆତ୍ମବିଶ୍ୱାସ ଜାଗ୍ରତ କରିଛି । ଭାରତ ବର୍ତ୍ତମାନ ବିଶ୍ୱର ଅଗ୍ରଣୀ ଅର୍ଥବ୍ୟବସ୍ଥା ମଧ୍ୟରୁ ଅନ୍ୟତମ । ଏ ଦିଗରେ ପ୍ରବାସୀ ଭାରତୀୟଙ୍କ ଯୋଗଦାନ ଅବିସ୍ମରଣୀୟ ନିଶ୍ଚୟ । ବାସୀ ଭାରତୀୟ ଦିବସ ପାଳନର ଲକ୍ଷ୍ୟ ହେଉଛି ବିଦେଶରେ ଥିବା ଭାରତୀୟଙ୍କୁ ରାଷ୍ଟ୍ର ପ୍ରତି ଆକୃଷ୍ଟ କରାଇବା, ରାଷ୍ଟ୍ର ବିକାଶର ମୁଖ୍ୟଧାରା ସହିତ ସେମାନଙ୍କୁ ଯୋଡ଼ିବା, ରାଷ୍ଟ୍ରର ବିବିଧ ସଂସ୍କୃତି, ସାହିତ୍ୟ, ଖାଦ୍ୟପେୟ, ଦର୍ଶନୀୟ ସ୍ଥଳ ସମ୍ପର୍କରେ ପରିଚିତ କରାଇବା ।

## 'ଗୀତାଶାସ୍ତ୍ର ମିଦଂ ପୁଣ୍ୟଂ...'

### ଡକ୍ଟର ସୁରେଶ କୁମାର ନାୟକ

ଶ୍ରୀମଦ୍ ଗୀତାର ବିଷୟ ବିଭିନ୍ନ ଯୋଗଃ ଭାବରେ ବର୍ଣ୍ଣିତ ହୋଇଛି । ସେଗୁଡ଼ିକ ହେଉଛି ଅର୍ଜୁନ ବିଷାଦ ଯୋଗଃ, ସାଂଖ୍ୟ ଯୋଗଃ, କର୍ମ ଯୋଗଃ, ଜ୍ଞାନ ଯୋଗଃ, କର୍ମ ସନ୍ନ୍ୟାସ ଯୋଗଃ, ଧ୍ୟାନ ଯୋଗଃ, ଜ୍ଞାନ ବିଜ୍ଞାନ ଯୋଗଃ, ତାରକ ବା ଅକ୍ଷର ବ୍ରହ୍ମ ଯୋଗଃ, ରାଜବିଦ୍ୟା ରାଜଗୁହ୍ୟ ଯୋଗଃ, ବିଭୂତି ଯୋଗଃ, ବିଶ୍ୱରୂପ ଦର୍ଶନ ଯୋଗଃ, ଭକ୍ତି ଯୋଗଃ, କ୍ଷେତ୍ରକ୍ଷେତ୍ରଜ୍ଞ ବିଭାଗ ଯୋଗଃ, ଗୁଣତ୍ରୟ ବିଭାଗା ଯୋଗଃ, ପୁରୁଷୋତ୍ତମ ଯୋଗଃ, ଦୈବାସୁର ସଂପଦ୍ ବିଭାଗ ଯୋଗଃ, ଶ୍ରଦ୍ଧାତ୍ରୟ ବିଭାଗ ଯୋଗଃ, ମୋକ୍ଷ ସନ୍ନ୍ୟାସୀ ଯୋଗଃ । ଓଡ଼ିଆ ଜନଜୀବନର ଏହି ଲୋକପ୍ରିୟ ଆଧ୍ୟାତ୍ମିକ ମାର୍ଗଦର୍ଶକ ପୁସ୍ତକଟିର ପ୍ରଥମ ଅଧ୍ୟାୟରେ ଅର୍ଜୁନ ବିଷାଦଯୋଗଃରୁ ଆରମ୍ଭ ହୋଇଛି । ଧୃତରାଷ୍ଟ୍ର ଉବାଚ ଭାବରେ 'ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ସମବେତା ଯୁଯୁତ୍ସବଃ । ମାମକାଃ ପାଣ୍ଡବାଶ୍ଚୈବ କିମକୁର୍ବତ ସଞ୍ଜୟ ।।' ଅର୍ଥ ଧୃତରାଷ୍ଟ୍ର ଯୁଦ୍ଧକ୍ଷେତ୍ରର ତମାମ ବିବରଣୀ ଶୁଣୁଥିବା ସଞ୍ଜୟଙ୍କୁ ପଚାରିଥିଲେ ଯେ, ଧର୍ମଭୂମି କୁରୁକ୍ଷେତ୍ରରେ ଯୁଦ୍ଧ ଅବ୍ୟସମ୍ଭାବି ହୋଇଥିବା ବେଳେ ଆମ ପୁଅ ଓ ପାଣ୍ଡୁପୁତ୍ର ମାନେ ସମବେତ ହୋଇ କ'ଣ କରୁଛନ୍ତି । ଶ୍ରୀମଦ୍ ଭଗବତ ଗୀତାର ମାହାତ୍ମ୍ୟର ସଂକ୍ଷିପ୍ତ ଲେଖନୀ ହେଉଛି - 'ଗୀତାଶାସ୍ତ୍ର ମିଦଂ ପୁଣ୍ୟଂ ଯଃ ପଠେତ୍ ପ୍ରୟତଃ ପୁମାନ୍ । ବିଷ୍ଣୋଃପଦ ମବାପ୍ନୋତି ଭୟ ଶୋକାଦି ବର୍ଜିତଃ ।। ଗୀତା ଧ୍ୟନଶୀଳସ୍ୟ ପ୍ରାଣାୟାମପରସ୍ୟଚ । ନୈବ ସନ୍ତି ହି ପାପାନି ପୂର୍ବଜନ୍ମକୃତାନି ଚ ।। ମଳ ନିର୍ମୋଚନଂ ପୁଂସାଂ ଜଳସ୍ନାନଂ ଦିନେ ଦିନେ । ସକୃଦ୍‌ଗୀତ ମ୍ଭସି ସ୍ନାନଂ ସଂସାରମଳ ନାଶନଂ ।।' ଯାହାର ଓଡ଼ିଆ ଭାବାର୍ଥ ହେଉଛି ପ୍ରତ୍ୟହ ଏହି ପବିତ୍ର ଗୀତାକୁ ଯେ ପାଠ କରନ୍ତି ସେ ସମସ୍ତ ସାଂସାରିକ ଭୟ ଓ ଦୁଃଖ ତଥା ଶୋକରୁ ମୁକ୍ତ ହୋଇ ବିଷ୍ଣୁପଦ ବା ଭଗବାନଙ୍କର ପାଦପଦ୍ମରେ ଲୀନ ହୋଇଥାନ୍ତି । ଏହାସହ ପୂର୍ବ ଜନ୍ମର ସମସ୍ତ ପାପରାଶି ଏହି ପଠନ ଦ୍ୱାରା ଧ୍ୱଂସ ହୋଇଯାଇଥାଏ । ଗୀତା ପରି ଆଧ୍ୟାତ୍ମିକ ଚେତନାକୁ ସ୍ୱଚ୍ଛ କରୁଥିବା ମହାନ୍ ଶାସ୍ତ୍ର ପାଠ ଦ୍ୱାରା ଏହାର ଶ୍ରଦ୍ଧାଳୁମାନେ ଅମୃତ୍ୱଲାଭ କରିବେ । ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - 'ପ୍ରାରବ୍ଧଂ ଭୁଞ୍ଜମାନୋହି ଗୀତାଭ୍ୟାସରତଃ ସଦା । ସମୁକ୍ତାଃ ସ ସୁଖୀ ଲୋକେ କର୍ମଣା ନୋପଲିପ୍ୟତେ ।।' ଭଗବାନ ପଦ୍ମନାଭ ବା ଶ୍ରୀବିଷ୍ଣୁଙ୍କ ମୁଖ ପଦ୍ମରୁ ନିଃସୃତ ଗୀତା ପାଠଦ୍ୱାରା ପୁର୍ନଜନ୍ମ ଆଉ ସମ୍ଭବ ହୋଇ ନଥାଏ । ଶ୍ରୀମଦ୍ ଭାଗବତ ଗୀତାରେ ବର୍ଣ୍ଣିତ - 'ଭାରତାମୃତସର୍ବସ୍ୱଂ ବିଷ୍ଣୋର୍ବକ୍ତ୍ରା ଦ୍‌ବିନିଃସୃତମ୍ । ଗୀତା ଗଙ୍ଗୋଦକଂ-ପୀତ୍ୱା ପୁନର୍ଜନ୍ମ ନ ବିଦ୍ୟତେ ।।' ଗୀତାର ବର୍ଣ୍ଣନା ଅନୁଯାୟୀ ଯେଉଁ ସ୍ଥାନରେ ଶ୍ରୀବିଷ୍ଣୁଙ୍କ ମୁଖ ନିର୍ଗତ ଶ୍ରୀମଦ୍ ଗୀତା ପାଠ କରାଯାଏ ସେଠାରେ ପ୍ରୟାଗ ପରି ସମସ୍ତ ତୀର୍ଥ ସ୍ୱୟଂ ବିଦ୍ୟମାନ ହୋଇଥାନ୍ତି ଯାହାଦ୍ୱାରା ଗୀତା ରସ ପାନ କରୁଥିବା ଶ୍ରଦ୍ଧାଳୁମାନେ ତୀର୍ଥଫଳ ଲାଭ କରିଥାନ୍ତି । ଯାହା ଶ୍ରୀମଦ୍ ଗୀତାରେ ବର୍ଣ୍ଣିତ ହୋଇଛି - 'ଗୀତାୟାଃ ପୁସ୍ତକଂ ଯତ୍ର ଯତ୍ର ପାଠଃ ପ୍ରବର୍ତ୍ତତେ । ତତ୍ର ସର୍ବାଣି ତୀର୍ଥାନୀ ପ୍ରୟାଗାଦୀନି ତତ୍ର ବୈ ।।' ସଚ୍ଚିଦାନନ୍ଦ ଶ୍ରୀକୃଷ୍ଣ ମୁଖ ନିର୍ଗତ ଗୀତା ଦୈନିକ ପାଠ କଲେ ତାହା ଦିବ୍ୟଜ୍ଞାନ ଓ ସିଦ୍ଧି ଲାଭର ମାର୍ଗ ଦେଖାଇଥାଏ । ଯଦିବା କେହି ପ୍ରତ୍ୟେହ ସଂପୂର୍ଣ୍ଣ ଗୀତା ପାଠ ନକରି ଅଧାଭାଗ ପାଠ କରନ୍ତି ତେବେ ସେମାନେ ଗୋଦାନ ପରି ଅନ୍ୟତମ ଶ୍ରେଷ୍ଠଦାନର ପୁଣ୍ୟଫଳ ଲାଭ କରିଥାନ୍ତି । କିନ୍ତୁ ଯେ ପ୍ରତ୍ୟହ ଅତ୍ୟନ୍ତ ଏକାଗ୍ରତାର ସହିତ ହୃଦୟ ଭିତରେ ବିଷ୍ଣୁଙ୍କ ନାମ ସ୍ମରଣ ସହକାରେ ଏକ ଅଧ୍ୟାୟ ଗୀତା ପାଠ କରେ ସେ ରୁଦ୍ରଲୋକ ପ୍ରାପ୍ତ ହୋଇ ଶିବଲୋକରେ ବାସ କରିଥାଏ । ଶ୍ରୀମଦ୍ ଗୀତାର ସେହି ବିଲକ୍ଷଣ ପଂକ୍ତି ହେଉଛି - 'ଯୋଽଷ୍ଟାଦଶ ଜପୋ ନିତ୍ୟଂ ନରୋ ନିଶ୍ଚଳମାନସଃ । ଜ୍ଞାନସିଦ୍ଧିଂ ସ ଲଭତେ ତତୋ ଯାତି ପରଂପଦମ୍ ।। ପାଠେଽସମର୍ଥ ସମ୍ପୂର୍ଣ୍ଣେ ତତୋଽର୍ଦ୍ଧଂ ପାଠମାଚରେତ୍ । ତଦା ଗୋଦାନଜଂ ପୁଣ୍ୟଂ ଲଭତେ ନାତ୍ର ସଂଶୟଃ ।। ଅଧ୍ୟାୟଂ ଶ୍ଳୋକପାଦଂ ବା ନିତ୍ୟଂ ଯଃ ପଠତେ ନରଃ । ସ ଯାତି ନର ତାଂ ଯାବନ୍ମନ୍ୱନ୍ତରଂ ବସୁନ୍ଧରେ ।।'

ଭାରତୀୟ ଆଧ୍ୟାତ୍ମିକ ଅନୁଚିନ୍ତନରେ ଶ୍ରୀମଦ୍ ଗୀତାର ସ୍ଥାନ ସ୍ୱତନ୍ତ୍ର । ଆଜି ବି ନିପଟ ମଫସଲ ଗ୍ରାମର ଭାଗବତ ଗାଦି ଘର ହେଉ ବା ଠାକୁରଙ୍କ ମଣ୍ଡପ । ସଂଧ୍ୟା ବେଳେ ଦିନ ତମାମର ନିଜ ନିଜ କାମଦାମ ସାରି ଅବସର ସମୟ ଭଗବତ୍ ଚିନ୍ତନରେ ବିତାଉଥିବା ଲୋକମାନେ ଗୀତା ପାଠ କରନ୍ତି ବା ଗୀତା ଶ୍ରବଣ କରନ୍ତି । ବିଶ୍ୱାସ ରହିଛି ଯେ, ଗୀତାର ଭାବଗତ ଅର୍ଥକୁ ଜଣେ ନ ବୁଝିଲେ ବି ଯଦି ଗୀତାଟି ପଠନ କରେ ବା ଶ୍ରବଣ କରେ ତାହାର ଆଧ୍ୟାତ୍ମିକ ଶକ୍ତି ଯଥେଷ୍ଟ । ମହାଭାରତ ଯୁଦ୍ଧର ସବୁଠାରୁ ସ୍ମରଣୀୟ ଓ ଅତ୍ୟନ୍ତ ମୂଲ୍ୟବାନ ମୁହୂର୍ତ୍ତ ଯୁଦ୍ଧକ୍ଷେତ୍ରରେ ପରମପ୍ରେମମୟ ଶ୍ରୀକୃଷ୍ଣ ଶଖା ଅର୍ଜୁନଙ୍କୁ ତାଙ୍କ ମାନସିକ ଶାନ୍ତି ଓ ତାଙ୍କ ଭିତରେ ରହିଥିବା ଅନେକ ଜିଜ୍ଞାସାବୋଧର ପ୍ରଶ୍ନର ଉତ୍ତର ମାଧ୍ୟମରେ ଭଗବତ ଗୀତାକୁ କହିଥିଲେ । ଆଜିର ବିଜ୍ଞାନ ଯୁଗରେ ବି ଭାଗବତ ଗୀତାର ପ୍ରାସଙ୍ଗିକତା ନିଶ୍ଚିନ୍ତ ଭାବରେ ଅତୀବ ଗୁରୁତ୍ୱପୂର୍ଣ୍ଣ । ଆମ ସାଧାରଣ ଜୀବନ ଭିତରେ ଅନେକ ଜଟିଳ ପ୍ରଶ୍ନ ହେଉ ବା ସଂସାର ବନ୍ଧନୀର ଚଳଣି ଭିତରେ ଗୀତାରେ ଶ୍ରୀକୃଷ୍ଣଙ୍କ ମାର୍ଗଦର୍ଶିତ ସମସ୍ତ ବାଣୀ ସେ ସବୁର ଯଥାର୍ଥ ଉତ୍ତର ପ୍ରତିଲେପନ କରିଛି । ଦିନକୁ ଦିନ ଶ୍ରୀମଦ୍ ଗୀତାର ସ୍ୱତନ୍ତ୍ରତା ଓ ଲୋକପ୍ରିୟତା ବରଂ ବୃଦ୍ଧି ପାଇବାରେ ଲାଗିଛି । କେବଳ ଭାରତୀୟ ନୁହଁନ୍ତି ବିଦେଶୀମାନେ ବି ଗୀତାର ଇଂରାଜୀ ଭାଷାନ୍ତରକୁ ପଢ଼ି ସେମାନଙ୍କ ଜୀବନର ଅନେକ ଅସମାହିତ ପ୍ରଶ୍ନର ଉତ୍ତର ପାଇବାକୁ ସମର୍ଥ ହେଉଛନ୍ତି । ଆଜିପରି କର୍ମବ୍ୟସ୍ତ ଓ ସଂସାରରେ ମାନବୀୟ ମୂଲ୍ୟବୋଧ ଅପଶ୍ରୁୟମାଣ ସମୟରେ ଶ୍ରୀମଦ୍ ଗୀତା ପାଠ ନିଶ୍ଚିନ୍ତ ଭାବରେ ଆମ ସମସ୍ତଙ୍କର ବିଭିନ୍ନ ଜିଜ୍ଞାସାର ଯଥାର୍ଥ ଅମୂଲ୍ୟ ଦାନ । ବଡ଼ଖୁସିର କଥା ହଜାର ବର୍ଷର କଟକ ସହରରେ ପରମହଂସ ପ୍ରଜ୍ଞାନାନନ୍ଦଙ୍କ ମାର୍ଗଦର୍ଶନରେ ଜାନୁଆରୀ ନଅ ତାରିଖରୁ ଏଗାର ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି କଟକସ୍ଥିତ ବିଜୁପଟ୍ଟନାୟକ ଛକ ଆନନ୍ଦ ଭବନ ସମ୍ମୁଖରେ ଥିବା ଖେଳ ପଡ଼ିଆ ଠାରେ ଗୀତାଜ୍ଞାନ ଯଜ୍ଞ ଅନୁଷ୍ଠିତ ହେଉଛି । ସେହିପରି ଦଶ ତାରିଖ ଦିନ ସକାଳ ଆଠ ଘଟିକା ସମୟରେ କ୍ୟାଣ୍ଟିନମେଣ୍ଟ ଥାନା ନିକଟ ଦିବ୍ୟ ଜୀବନ ସଂଘ ଠାରେ କ୍ରିୟାଯୋଗ ଦୀକ୍ଷା ପ୍ରଦାନ କରାଯିବ । ଭଜନ, ଗୀତା ଓ ସତସଙ୍ଗର ପାବନ ଆନନ୍ଦ ପ୍ରାପ୍ତ ହୋଇ ଗୁରୁ, ଗୋବିନ୍ଦ ଓ ଗୀତାମାତାଙ୍କର କୃପା ଲାଭ ସମସ୍ତଙ୍କ ପାଇଁ ସୌଭାଗ୍ୟ, ଆନନ୍ଦର ପ୍ରାପ୍ତ ହେଉ ଏହା ହିଁ କାମନା । ଆସନ୍ତୁ ଏହିପରି ଏକ ପବିତ୍ର ସମୟରେ ପରମପ୍ରେମମୟ ଶ୍ରୀକୃଷ୍ଣଙ୍କ ଦିବ୍ୟ ନାମସ୍ମରଣ କରି ସମାଜରେ ଆଧ୍ୟାତ୍ମିକତାର ମହକକୁ ପରିବ୍ୟାପ୍ତ କରିବା ପାଇଁ ଦିବ୍ୟ ପଥ ପାଇଁ ନିଜକୁ ପ୍ରସ୍ତୁତ କରିବା ।


ପ୍ରିନ୍ସିପାଲ, ଏସେଲ୍ସ ପବ୍ଲିକ ସ୍କୁଲ,
ସେକ୍ଟର-୯, ସିଡିଏ, କଟକ


## ପ୍ରବାସୀ ଭାରତୀୟଙ୍କ ଉପଲକ୍ଷେ

### ଡକ୍ଟର ଲକ୍ଷ୍ମଣ ସାହୁ



ପୃଥିବୀର ପ୍ରତ୍ୟେକ କୋଣରେ ବାସ କରୁଥିବା ବିଦେଶୀ ଭାରତୀୟମାନଙ୍କୁ ନିଜ ମାତୃଭୂମି ସହିତ ଯୋଡ଼ିବା ପାଇଁ ପ୍ରତିବର୍ଷ ଜାନୁଆରୀ ୯ ରେ ପ୍ରଭାସୀ ଭାରତୀୟ ଦିବସ ପାଳନ କରାଯାଏ । ଆନନ୍ଦର କଥା ଭୁବନେଶ୍ୱରରେ ଏକପ୍ରକାର ମହୋତ୍ସବ ଚାଲିଛି ।

ଯାହା ୨୦୦୩ ମସିହାରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ କାର୍ଯ୍ୟକାଳ ସମୟରେ ଏହି ପରମ୍ପରା ଆରମ୍ଭ ହୋଇଥିଲା । ସେବେଠାରୁ ଆଜି ପର୍ଯ୍ୟନ୍ତ ଏହା ନିରନ୍ତର ଜାରି ରହିଛି ? । ଅବଶ୍ୟ ମଧ୍ୟବର୍ତ୍ତୀ ବର୍ଷଗୁଡିକରେ ଏହାର ଆୟୋଜନ ମୂଳ ଉଦ୍ଦେଶ୍ୟରୁ ବିଚ୍ୟୁତ ହୋଇଥିଲା । ଏନଡିଏ ସରକାର ପ୍ରବାସୀ ଭାରତୀୟ ସମ୍ମେଳନକୁ ପ୍ରେମ-ଆଧାରିତ କରିଥିଲେ । କିନ୍ତୁ ଏହା ପରେ ଆସିଥିବା ସପ୍ରଙ୍ଗ ପରବର୍ତ୍ତୀ ସରକାର ଏହାର ଅର୍ଥ ବଦଳାଇ ଦେଇଥିଲେ । ଏହାକୁ ଏକ ରୀତିନୀତିର ବିଷୟ କରି ସେମାନେ ଏହାକୁ ଲାଭ ଭିତ୍ତିକ କରିଥିଲେ । ପରବର୍ତ୍ତୀ ସରକାର କେବଳ ସେହି ପ୍ରବାସୀମାନଙ୍କ ଉପରେ ଧ୍ୟାନ ଦେଇଥିଲେ । ଯେଉଁମାନେ ନିଜକୁ ବିଦେଶରେ ଭଲ ପ୍ରତିଷ୍ଠିତ କରିଛନ୍ତି ଓ ଯେଉଁମାନେ ଆଫ୍ରିକା, ଦକ୍ଷିଣ ଆମେରିକା ଓ ଗଲ୍ଫ ଦେଶରେ ନିମ୍ନ ସ୍ତରରେ ରହିବାକୁ ବାଧ୍ୟ ହେଉଛନ୍ତି ସେମାନଙ୍କୁ ଅଣଦେଖା କରିଛନ୍ତି । କିନ୍ତୁ ଯେତେବେଳେ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହୋଇଥିଲେ ସେ ପୁନର୍ବାର ଏହାକୁ ପୂର୍ବର ମୂଳ ରୂପକୁ ଆଣି ପାରିଛନ୍ତି । ସେ ତାଙ୍କ ବିବୃତ୍ତିରେ ସ୍ପଷ୍ଟ କରିଛନ୍ତି ଯେ ଏହି କାର୍ଯ୍ୟକ୍ରମ କେବଳ ଡଲାର ଓ ପାଉଣ୍ଡ ପ୍ରବାହ ଉଦ୍ଦେଶ୍ୟରେ ନୁହେଁ, ବରଂ ଏହାର ଲୋକଙ୍କ ହୃଦୟକୁ ଏକଜୁଟ କରିବା ପାଇଁ ଆୟୋଜିତ ହୋଇଛି । ଏହା କୌଣସି ଅର୍ଥନୈତିକ ଓ ରାଜନୈତିକ ଉଦ୍ଦେଶ୍ୟ ରହିତ ନୁହେଁ ।

ଆଜି ବିଶ୍ୱର ଶହେରୁ ଅଧିକ ଦେଶରେ ବସବାସ କରୁଥିବା ବିଦେଶୀ ଭାରତୀୟଙ୍କ ସଂଖ୍ୟା ୩.୫୪ କୋଟି ବୋଲି ଆକଳନ କରାଯାଇଛି । ଏକ ଆକଳନ ଅନୁଯାୟୀ ବିଶ୍ୱର ପ୍ରତ୍ୟେକ ଷଷ୍ଠ ପ୍ରବାସୀ ଭାରତୀୟ ଅଟନ୍ତି । ଅନେକ ଦେଶରେ ଦ୍ୱିପାକ୍ଷିକ ଭାରତୀୟମାନେ କେବଳ ସାଧାରଣ ଜନସଂଖ୍ୟାକୁ ପ୍ରତିନିଧିତ୍ୱ କରନ୍ତି ନାହିଁ, ବରଂ ପରିସ୍ଥିତିର ଦିଗ ମଧ୍ୟ ସ୍ଥିର କରନ୍ତି । ଭାରତୀୟମାନେ ଯେଉଁଆଡେ ଗଲେ ମଧ୍ୟ, ସେମାନେ ସେଠାରେ ସେମାନଙ୍କର ପ୍ରତିଭା ପ୍ରମାଣ କରିପାରିଛନ୍ତି । ଯାହା ଭାରତର ଟେକ ଓ ଗୌରବ ରଖିଛନ୍ତି । ବିଦେଶରେ ସେମାନଙ୍କୁ ବ୍ୟବସାୟୀ, ଶିକ୍ଷକ, ଡାକ୍ତର, ଆଇନଜୀବୀ, ଇଞ୍ଜିନିୟର, ବୈଜ୍ଞାନିକ, ଗବେଷଣା ଗବେଷକ, ଅନୁସନ୍ଧାନକାରୀ, ଶାସକ ଓ ପ୍ରଶାସକ ଇତ୍ୟାଦି ଭାବରେ ଗ୍ରହଣ କରାଯାଇଥିଲା । ଏପରିକି ବିଦେଶୀ ଅର୍ଥନୈତିକ ବ୍ୟବସ୍ଥାକୁ ମଜବୁତ କରିବାରେ ମଧ୍ୟ ଭାରତୀୟମାନେ ପଛରେ ନାହାଁନ୍ତି । କେତେକ ଦେଶରେ ଜାତୀୟ ଆୟର ଏକ ପ୍ରମୁଖ ଅଂଶ ଏନଆରଆଇ (NRI)ରୁ ଆସିଥାଏ । ଭାରତୀୟମାନଙ୍କର ଏହି ସଫଳତା ହେତୁ ଦିନକୁ ଦିନ ଭାରତର ଭାବମୂର୍ତ୍ତି ସୁଦୃଢ ହେଉଛି । ଅନେକ ସମୟରେ ପ୍ରଶ୍ନ ଉଠିଥାଏ ଯେ ଏନଆରଆଇମାନେ ଏତେ ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ ହୋଇଥିଲେ ମଧ୍ୟ ଭାରତର ବିକାଶରେ ଯୋଗଦାନ କରିବାରେ କାହିଁକି ଦ୍ୱିଧା କରନ୍ତି ? ସେମାନେ କାହିଁକି ଚାଇନାର ପ୍ରବାସୀମାନଙ୍କ ପରି ନିଜ ଦେଶର ପ୍ରଗତିରେ ଉଲ୍ଲେଖନୀୟ ଯୋଗଦାନ କରିବାରେ ପଛରେ ଅଛନ୍ତି ? ଏଭଳି ଅଭାବନୀୟ ଅନେକ ପ୍ରଶ୍ନ ରହିଛି ।

ଏକ ଆକଳନ ଅନୁଯାୟୀ, ବିଦେଶୀ ପ୍ରତ୍ୟକ୍ଷ ବିନିଯୋଗରେ ଏନଆରଆଇ (NRI) ର ଅଂଶ ମାତ୍ର ୬ ପ୍ରତିଶତ, ଯାହା ଚୀନ୍ ତୁଳନାରେ ବହୁତ କମ୍ ଅଟେ । ଏକ ସର୍ବେକ୍ଷଣ ଅନୁଯାୟୀ, ଚାଇନାର ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ବିନିଯୋଗର ୬୭% ବିଦେଶୀ ଚାଇନିଜ୍ ଅଟେ । ବର୍ତ୍ତମାନ ପ୍ରଶ୍ନ ଉଙ୍କି ମାରୁଛି କି ଏନଆରଆଇ (NRI) ଗୁଡିକ ନିଜ ଦେଶ ସହିତ ଏନଆରଆଇ (NRI) ତୁଳନାରେ କମ୍ ସଂଲଗ୍ନକ ଅଛନ୍ତି କି? ସେମାନେ ମାତୃଭୂମି ପ୍ରତି ସେମାନଙ୍କର କର୍ତ୍ତବ୍ୟ ଭୁଲି ଯାଇଛନ୍ତି କି ? ଯଦି ଭାରତ ପ୍ରତି ପ୍ରବାସୀମାନଙ୍କ ଉଦାସୀନତାର କାରଣ ବିଶ୍ଳେଷଣ କରାଯାଏ, ତେବେ ଏହା ସ୍ପଷ୍ଟ ହୋଇଯାଏ ଯେ ଅଭାବ ସେମାନଙ୍କ ଚରିତ୍ରରେ ନୁହେଁ, ବରଂ ଆମର ଜାତୀୟ ଚରିତ୍ରରେ ଅଛି । ଏନଆରଆଇ (NRI)ର ଚରିତ୍ର ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିବା ପୂର୍ବରୁ, ପ୍ରଥମେ ଆମର ନିଜ ପକେଟକୁ ଦେଖିବାର ଆବଶ୍ୟକତା ଅଛି ।

ତେଣୁ ଦେଖିବାକୁ ଗଲେ ଭାରତର ବିଦେଶୀ ପ୍ରତ୍ୟକ୍ଷ ବିନିଯୋଗରେ ଏନଆରଆଇ (NRI) ର କମ୍ ଅଂଶଗ୍ରହଣ ପାଇଁ ଆମର ସରକାରୀ ନୀତି ସିଧାସଳଖ ଦାୟୀ । ସରକାରଙ୍କ ନୀତିର ଏକ ନିରପେକ୍ଷ ଓ ସଚ୍ଚୋଟ ମୂଲ୍ୟାଙ୍କନରୁ ଜଣାପଡ଼େ ଯେ ପରିସ୍ଥିତି ଆମଠାରୁ ଅଧିକ ଗମ୍ଭୀର । ଯେଉଁଠାରେ ଲାଭ ପାଇଁ ପରିସର ଅଛି ସେଠାରେ ବିନିଯୋଗ ହୁଏ । ଏହି କାରଣରୁ ଭାରତୀୟ ବାସିନ୍ଦାମାନେ ମଧ୍ୟ ଅଣ-ବାସିନ୍ଦା ଭାରତୀୟଙ୍କୁ ଛାଡି ଭାରତରେ ପୁଞ୍ଜି ବିନିଯୋଗରୁ ଦୂରେଇ ଯାଆନ୍ତି । ଗତ ୨-୩ ବର୍ଷ ଧରି ଭାରତର ସମସ୍ତ ବଡ ବଡ଼ ଶିଳ୍ପାୟନ ଆୟୋଗ ଘରୋଇ ବିଦେଶରେ ପୁଞ୍ଜି ବିନିଯୋଗକୁ ଅଧିକ ଗୁରୁତ୍ୱ ଦେଉଛନ୍ତି ଓ ସେମାନଙ୍କର କାରବାରର ଏକ ପ୍ରମୁଖ ଅଂଶ ବିଦେଶରେ ବିନିଯୋଗରୁ ଆସୁଛି ।

୧୯୯୧ ମସିହାରେ ବହୁ କଷ୍ଟରେ ଆମେ ଦାରିଦ୍ର୍ୟର କବଳରୁ ରକ୍ଷା ପାଇଥିଲେ ଓ ଅତି ସହଜରେ ଅପବ୍ୟବହାରରୁ ବାହାରି ଆସିଥିଲେ । ଅର୍ଥନୈତିକ ସଂସ୍କାରର ଉଦାରବାଦ ନୀତି ଅନୁସରଣ କରି ହାରାହାରି ଅଭିବୃଦ୍ଧି ହାର ୮ ପ୍ରତିଶତ ପର୍ଯ୍ୟନ୍ତ ଅଭିବୃଦ୍ଧି ହାସଲ କରିଥିଲେ । କିନ୍ତୁ ଗତ କିଛି ବର୍ଷ ମଧ୍ୟରେ ଗୋଟିଏ ପରେ ଗୋଟିଏ ଭୁଲ ହେତୁ, ଆଜି ପୁନର୍ବାର ଭାରତ ଅର୍ଥନୈତିକ ସଙ୍କଟ ମଧ୍ୟରେ ଅଟକି ରହିଥିବା ଜଣାପଡିଛି । ବଜେଟର ନିଅଣ୍ଟ ବୃଦ୍ଧି, ଡଲାର ତୁଳନାରେ ଟଙ୍କା ହ୍ରାସ ଇତ୍ୟାଦି ହେତୁ ଆମର ଆୟ 'ଆୟ ହେଉଛି ଅଣ୍ଠ ଓ ବ୍ୟୟ ଏକ ଟଙ୍କା' କହିବା ଅପେକ୍ଷା ଅତି ଖରାପ ହୋଇଗଲାଣି ।ଏବେ ଆବଶ୍ୟକତା ହେଉଛି ଦେଶର ଅର୍ଥନୈତିକ ସ୍ଥିତିକୁ ଅନୁଧ୍ୟାନ କରିବା ଓ ସଂସ୍କାରବାଦ ଉପରେ ଏକ ସରଳ ସର୍ବନିମ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା । ଯେଉଁଥିରେ ରାଜନୈତିକ ଦଳଗୁଡ଼ିକର ସହମତି ଓ ଗ୍ରହଣୀୟତାର ଯଥେଷ୍ଟ ଆବଶ୍ୟକ ରହିଛି । ଯଦି କୌଣସି ରୋଜଗାର ନାହିଁ, ତେବେ ଅର୍ଥନୈତିକ ସଂସ୍କାରର କାର୍ଯ୍ୟକ୍ରମକୁ ବିରୋଧ କରୁଥିବା ଦର୍ଶାଯାଇଥିବା ଶ୍ରେଣୀକୁ ଏହା କିପରି ଲାଭ ଦେବ (?) ତାହା ଚିନ୍ତାଜନକ ।

> ୧୯୯୧ ମସିହାରେ ବହୁ କଷ୍ଟରେ ଆମେ ଦାରିଦ୍ର୍ୟର କବଳରୁ ରକ୍ଷା ପାଇଥିଲେ ଓ ଅତି ସହଜରେ ଅପବ୍ୟବହାରରୁ ବାହାରି ଆସିଥିଲେ । ଅର୍ଥନୈତିକ ସଂସ୍କାରର ଉଦାରବାଦ ନୀତି ଅନୁସରଣ କରି ହାରାହାରି ଅଭିବୃଦ୍ଧି ହାର ୮ ପ୍ରତିଶତ ପର୍ଯ୍ୟନ୍ତ ଅଭିବୃଦ୍ଧି ହାସଲ କରିଥିଲେ । କିନ୍ତୁ ଗତ କିଛି ବର୍ଷ ମଧ୍ୟରେ ଗୋଟିଏ ପରେ ଗୋଟିଏ ଭୁଲ ହେତୁ, ଆଜି ପୁନର୍ବାର ଭାରତ ଅର୍ଥନୈତିକ ସଙ୍କଟ ମଧ୍ୟରେ ଅଟକି ରହିଥିବା ଜଣାପଡିଛି ।

ଯଦି ବର୍ତ୍ତମାନର ଅର୍ଥନୈତିକ ସଙ୍କଟକୁ ଏକ ସୁଯୋଗରେ ପରିଣତ କରିବାକୁ ସରକାର ସ୍ଥିର କରନ୍ତି, ତେବେ ଏହା ଉଭୟ ବିଦେଶୀ ତଥା ଅଣ-ବାସିନ୍ଦାଙ୍କ ପାଇଁ ଲାଭଦାୟକ ହେବ । ସ୍ୱତଃ ମନରେ ଆଉ ଏକ କଥା ସୃଷ୍ଟି ହେଉଛି ଯେ ଆମର ଆର୍ଥିକ ସ୍ୱାର୍ଥକୁ ଆଗକୁ ବଢାଇବା ପାଇଁ ଆମେ ଆମର ପ୍ରବାସୀ ଭାଇ ଓ ଭଉଣୀମାନଙ୍କ ସହିତ ସମ୍ପର୍କ ବଜାୟ ରଖିବାକୁ ଚାହୁଁଛେ କି ? କାରଣ ଏଠାରେ ଆମକୁ ମନେ ରଖିବାକୁ ହେବ ଯେ ଟଙ୍କା ସବୁକିଛି ନୁହେଁ । ଭାରତ ମଧ୍ୟ ଏନଆରଆଇ (NRI) ସହିତ ଜ୍ଞାନ ଓ ବିଜ୍ଞାନର ପାରସ୍ପରିକ ଆଦାନ ପ୍ରଦାନ ଦ୍ୱାରା ବିକାଶ ପଥରେ ଦ୍ରୁତ ଗତିରେ ଚାଲିପାରିବ । ଏହି ବାସ୍ତବ ସତ୍ୟକୁ କଦାପି ଅସ୍ୱୀକାର କରାଯାଇପାରିବ ନାହିଁ ଯେ ଏନଆରଆଇ (NRI) ଗୁଡିକ ସମଗ୍ର ବିଶ୍ୱରେ ନିଜର ପ୍ରତିଭା ପ୍ରଦର୍ଶନ କରୁଛନ୍ତି ।

ଆଉ ଏକ ରିପୋର୍ଟ ଅନୁଯାୟୀ ନାସାରେ କାର୍ଯ୍ୟ କରୁଥିବା ୩୬ % ବୈଜ୍ଞାନିକ ଭାରତୀୟ ଅଟନ୍ତି । ଆମେରିକାର ୩୮ ପ୍ରତିଶତ ଡାକ୍ତର ହେଉଛନ୍ତି ଭାରତୀୟ । ମାଇକ୍ରୋସଫ୍ଟରେ କାର୍ଯ୍ୟ କରୁଥିବା ଲୋକଙ୍କ ମଧ୍ୟରୁ ୩୪ ପ୍ରତିଶତ, ଆଇବିଏମରେ ୨୮ ପ୍ରତିଶତ ଓ ଇଣ୍ଟେଲରେ ୧୭ ପ୍ରତିଶତ ବ୍ୟକ୍ତି ଭାରତୀୟ ଅଟନ୍ତି । ଘରକୁ ଟଙ୍କା ପଠାଇବା କ୍ଷେତ୍ରରେ ମଧ୍ୟ ଭାରତୀୟମାନେ ଏକ ନମ୍ବର ସ୍ଥାନରେ ଅଛନ୍ତି । ବିଶ୍ୱ ବ୍ୟାଙ୍କ ରିପୋର୍ଟରେ ଦର୍ଶାଯାଇଛି ଯେ ଗତ ଆର୍ଥିକ ବର୍ଷରେ ଭାରତୀୟମାନେ ନିଜ ଦେଶକୁ ମୋଟ ୫୬ ବିଲିୟନ ଡଲାର ପଠାଇଛନ୍ତି । ଭାରତ ସରକାର ଏନଆରଆଇ ପାଇଁ ଏକ ପୃଥକ ମନ୍ତ୍ରଣାଳୟ ପ୍ରତିଷ୍ଠା କରିଛନ୍ତି । କିନ୍ତୁ ସୁବିଧା ଅଭାବରୁ ଏ ପର୍ଯ୍ୟନ୍ତ ଏନଆରଆଇ (NRI) ପାଇଁ କୌଣସି ପ୍ରଭାବଶାଳୀ ପଦକ୍ଷେପ ନିଆଯାଇ ନାହିଁ ।

ଉପସଂହାରରେ କେବଳ ସୂଚେଇ ଦିଆଯାଇପାରେ

ଏନଆରଆଇ,(NRI)କୁ ଦ୍ୱୈତ (ଦୋହରୀ) ନାଗରିକତା ଦେବାର ପ୍ରତିଶୃତି ମଧ୍ୟ ସମାନ ରହିଛି । ଭୋଟ୍ ଦେବାର ଅଧିକାର ନିଶ୍ଚିତ ଭାବରେ ଦିଆଯାଇଛି କିନ୍ତୁ ଏହା ପର୍ଯ୍ୟାପ୍ତ ନୁହେଁ । ପ୍ରକୃତରେ ଯଦି ଆମେ ପ୍ରବାସୀମାନଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତିଗୁଡ଼ିକୁ ଦେଖିବା, ଏହାର ଏକ ଲମ୍ବା ତାଲିକା ଦୃଶ୍ୟମାନ ହୁଏ । ବର୍ତ୍ତମାନ, ଏହି ତାଲିକାକୁ ଲମ୍ବା କରିବା ପରିବର୍ତ୍ତେ, ଯଦି ସେଗୁଡିକ ପୂରଣ ଉପରେ ଗୁରୁତ୍ୱ ଦିଆଯାଏ, ତେବେ ନିଶ୍ଚିତ ଭାବରେ ଭବିଷ୍ୟତରେ ଭାରତ ପାଇଁ ଫଳପ୍ରଦ ହେବ, ଏହା କେବେ ଅସ୍ୱୀକାର କରିପାରିବା ନାହିଁ...!!!


ତାରା ନିଳୟ , ପ୍ଲଟ: ୮୫୪/ଏ
ଚାଚେରା ଶବରସାହି, ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା -୫୫
ମୋ: ୯୦୪୦ ୧୫୧୪୭୫


## କବିତା କୋଣାର୍କ

### ଶେଷ ସମାଧାନ

ଧ୍ରୁବ ଚରଣ ବେହେରା



ପଥ ବହୁଦୂର ଚାଲିବାକୁ ଅଛି
ଚାଲି ବି ନ ଯିବା ଥକି
ଜୀବନର ମାନେ ସଂଘର୍ଷର ରାହା
କିଛି ରହେ ରାସ୍ତା ବାକି ।।

ସୁଖ ପରେ ଦୁଃଖ, ଦୁଃଖ ପରେ ସୁଖ
ହସି ହସି ଯିବା ସହି
ରାତି ପରେ ଦିନ, ଦିନ ପରେ ରାତି
ପ୍ରକୃତିର ଖେଳ ଏହି ।।

ଋତୁ ବଦଳଇ ସମୟ ସାଥିରେ
କେବେ ଖରା କେବେ ଛାଇ
ପର୍ଣ୍ଣମୋଚି କୋଳେ ହସଇ ବସନ୍ତ
ନବ ପଲ୍ଲବିତ ହୋଇ ।।

ବୟସ ପାହାଚ ଗଡି ଗଡି ଯାଏ
ଯୌବନ ପଡଇ ଫିକା
ଭଙ୍ଗୁର ହୁଅଇ ଚର୍ମ ସୁନ୍ଦରତା
ବାର୍ଦ୍ଧକ୍ୟ ହୁଅଇ ଏକା ।।

ସେନେହ ଆଦର ହୋଇଯାଏ ଦୂର
ଅବଚେତନରେ ମନ
ଚେତନାକୁ ଫେରି ପାଏ ନାହିଁ ଆଉ
ଖାଲି ଲାଗେ ଶୂନ୍ୟ ସ୍ଥାନ ।।

ପାଣି ଫଟକାର ଜୀବନ ଆମର
କାହିଁକି କରିବା ଗର୍ବ
ବେଳ ଥାଉ ବନ୍ଧ ବାନ୍ଧିବୁ ବାଇଆ
ହୋଇଯିବ ଦିନେ ଖର୍ବ ।।

ଜୀବନ ଦର୍ଶନ ହାଟର ସଉଦା
ଜନ୍ମ ମୃତ୍ୟୁ ପାରାବାର
ଜାଣିକି ଅଜଣା ହୁଅନିରେ ଧନ
ସବୁ ହେବ ଏକାକାର ।।

ମଶାଣିର ଜୁଇ ଖୋଜେ ନାହିଁ ଖ୍ୟାତି
ସମସ୍ତେ ତା' ପାଇଁ ଏକା
ନଥାଏ ସେଠାରେ ବଡ ସାନ ମାପ
ସତ୍ୟ ହିଁ ତା'ହାର ସଖା ।।

ଫେରିବା ବେଳର ମୁଖ୍ୟ ବନ୍ଧୁ ଯିଏ
ତା' ପାଖେ ସରେ ଜୀବନ
ଆତ୍ମା ଲୀନ ହୁଏ ପରମାତ୍ମା କୋଳେ
ଏହି ଶେଷ ସମାଧାନ ।।


ଭାରତୀୟ ସାମରିକ ସେବା ।
ଅଠରବାଟିଆ,ବାଲୁଗାଁ, ଖୋର୍ଦ୍ଧା
ମୋ:୮୩୨୮୯୩୦୫୫୪


### ଚରିତ୍ର

ପ୍ରିୟନାଥ ପାଣି



ଟିକିଏ ମନସ୍କ ହେଇ
ଶିରାଳ ହାତଆଙ୍ଗୁଠିର ପବ ଗଣି
କହିଦେଲେ
ଛକି ଶୂନ୍ ଘର କାଟି
କାଗଜରେ ଜନ୍ମକୁଣ୍ଡଳୀ ସଜେଇଲେ
ବନିଯାଏ ଚରିତ୍ର
ସାଧୁ କି ଖଣ୍ଟର
ଜୀବନ ପୁସ୍ତିକା ଲେଖାଯାଏ
ଆଜନ୍ମରୁ ସନ୍ନ୍ୟାସୀ ବୋଲାଉଥିବା
ସାଧକ ହାତରେ ।


ଜାତକର୍ମର କଥା
ଗୁଣୁଗୁଣେଇ ପଢିଲେ
କାନପାତି ଶୁଣିଲେ
ମହାଯଶାର ମହାପ୍ରତିକାର
ଲୋଡାପଡେ
କେବେ ସୋରିଷ ସମ ଉପାୟର
ଉଦ୍ଭବ ଘଟେ
ହେଲେ କାଟୁ କରେନି ବିଚାର
ସେମିତି ଆଖିଦୃଶିଆ ବଦଳେନି
ଚରିତ୍ର
ଯେମିତି ସବୁ ତଥାକଥିତ ।

ମନ କଲେବି ସଜେଇ ହୁଏନି
କାହାକୁ
ଖାଲି ହୋ ହଲ୍ଲା
ଉପରାଉପରି ଦୋଷ ଲଦାଲଦି
ଚାଟୂକ୍ତିରେ ସୁବାସିତ ଚାରିପାଖ
ନିଜ ନିଜର ଉଦ୍ଘୋଷକ ।

ଅତଏବ ବଦଳେନି ଚରିତ୍ର
ବିଚାରର ରହେନି ଆଦିଅନ୍ତ
କର୍ମର ସାରଥି ଯୁଆଡେ ଟାଣେ
ରଥାରୂଢ ଭାଗ୍ୟ ଆଗକୁ ମାଡେ
କିଛି ଘଟୁ କି ନ ଘଟୁ
ସଫେଦ୍ ଚରିତ୍ରର କିନ୍ତୁ
ସ୍ୱୟମ୍ବର ଚାଲିଥାଏ ।


କଦଳିଆ, ବୈଶିଙ୍ଗା,
ମୟୂରଭଞ୍ଜ-୭୫୭୦୨୮
ମୋ-୯୯୩୭୧୨୫୧୫୧


# ଏହି କାରଣ ପାଇଁ 'ଆଶିକୀ-୩'ରୁ ବାହାର ହେଲେ ତୃପ୍ତି ଡିମ୍ରି



ବଲିଉଡ ଅଭିନେତା କାର୍ତ୍ତିକ ଆରୟନ ତାଙ୍କ ଚଳଚ୍ଚିତ୍ରକୁ ନେଇ ଅନେକ ସମୟରେ ଚର୍ଚ୍ଚାରେ ରହିଥାନ୍ତି । ଶେଷ ଥର ପାଇଁ 'ଭୁଲ ଭୁଲେୟା-୩'ରେ ନଜର ଆସିଥିବା କାର୍ତ୍ତିକ ଆଗକୁ ଫିଲ୍ମ 'ଆଶିକୀ-୩'ରେ ନଜର ଆସିବେ । ଅନୁରାଗ ବାସୁ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେବେ । ଖୁବଶୀଘ୍ର ଫିଲ୍ମର ସୁଟିଂ ଆରମ୍ଭ ହେବ ବୋଲି କୁହାଯାଉଥିବା ବେଳେ ଏବେ ଫିଲ୍ମର ସୁଟିଂ ତାରିଖ ଘୁଞ୍ଚିଥିବା ଜଣାପଡ଼ିଛି । ଫିଲ୍ମରେ ଅଭିନେତ୍ରୀ ତୃପ୍ତି ଡିମ୍ରି ମୁଖ୍ୟ ଭୂମିକାରେ ନଜର ଆସିବେ ବୋଲି ନିର୍ମାତା ସ୍ଥିର କରିଥିଲେ । ହେଲେ ଏବେ ତାଙ୍କୁ ଫିଲ୍ମରୁ ବାହାର କରାଯାଇଛି । ଚରିତ୍ର ପାଇଁ ସେ ଫିଟ୍ ନୁହନ୍ତି ବୋଲି କହି ତାଙ୍କୁ ବାହାର କରାଯାଇଥିବା ଜଣାପଡ଼ିଛି । ଏଥିପାଇଁ ସୁଟିଂ ବିଳମ୍ବରେ ଆରମ୍ଭ ହେବ ବୋଲି ଜଣାପଡ଼ିଛି । କୁହାଯାଉଛି ଯେ, ତୃପ୍ତିଙ୍କ ଲୋକପ୍ରିୟତାକୁ ଦେଖି ନିର୍ମାତା ତାଙ୍କୁ ଫିଲ୍ମରେ କାଷ୍ଟ କରିଥିଲେ । କିନ୍ତୁ ଲଗାତାର ତାଙ୍କ ଫିଲ୍ମ ଫ୍ଲପ ହେବା ସହ ତାଙ୍କର କ୍ରେଜ୍ କମିବାରୁ ଏବେ ନିର୍ମାତାଙ୍କ ମନ ବଦଳିଛି । ସେ ଫିଲ୍ମ ପାଇଁ ଏକ ନୂଆ ମୁହଁ ଖୋଜୁଛନ୍ତି । ଫିଲ୍ମର କାହାଣୀ ବଦଳାଯିବା ସହ ଏକ ନୂଆ ମୁହଁକୁ ନିର୍ମାତା ଆଣିବାକୁ ଯୋଜନା କରୁଥିବା ଜଣାଯାଇଛି । ତେବେ ଏଥିରେ କେତେ ସତ୍ୟତା ରହିଛି ତାହା ସ୍ପଷ୍ଟ ହୋଇନାହିଁ ।

# ଛାଡ଼ପତ୍ର ଚର୍ଚ୍ଚା ମଧ୍ୟରେ ଧନଶ୍ରୀଙ୍କ କଥିତ ପୁରୁଷ ବନ୍ଧୁଙ୍କ ପ୍ରତିକ୍ରିୟା

ଅଭିନେତ୍ରୀ ତଥା କୋରିଓଗ୍ରାଫର ଧନଶ୍ରୀ ବର୍ମା ଏବଂ ଭାରତୀୟ କ୍ରିକେଟର ଯୁଜବେନ୍ଦ୍ର ଚହଲ ପରସ୍ପରଠାରୁ ଅଲଗା ହେବେ ବୋଲି କିଛି ବର୍ଷ ହେଲାଣି ଚର୍ଚ୍ଚା ହେଉଛି । ଏହି ଚର୍ଚ୍ଚା ମଧ୍ୟରେ ଏବେ ଦମ୍ପତି ଇନଷ୍ଟାଗ୍ରାମରେ ପରସ୍ପରକୁ ଅନଫଲୋ କରିଛନ୍ତି । ଅନଫଲୋ କରିବା ସହ ଭାରତୀୟ କ୍ରିକେଟର ଯୁଜବେନ୍ଦ୍ର, ଧନଶ୍ରୀଙ୍କ ସହିତ ସମସ୍ତ ଫଟୋ ମଧ୍ୟ ଡିଲିଟ୍ କରିଦେଇଛନ୍ତି । ଅନ୍ୟପକ୍ଷରେ ଧନଶ୍ରୀ, ଯୁଜବେନ୍ଦ୍ରଙ୍କୁ ଅନଫଲୋ କରିଛନ୍ତି କିନ୍ତୁ ତାଙ୍କ ସହିତ କୌଣସି ଫଟୋ ଡିଲିଟ୍ କରିନାହାଁନ୍ତି । ଏସବୁ ଚର୍ଚ୍ଚା ମଧ୍ୟରେ ଏବେ ଧନଶ୍ରୀଙ୍କ କଥିତ ପୁରୁଷ ବନ୍ଧୁ ତଥା କୋରିଓଗ୍ରାଫର ପ୍ରତୀକ ଉଟେକରଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି । ୨୦୨୩ରେ ଧନଶ୍ରୀଙ୍କ ସହିତ ତାଙ୍କର ଏକ ଫଟୋ ଭାଇରାଲ ହୋଇଥିଲା । ଏହି ଫଟୋରେ ସେ ଧନଶ୍ରୀଙ୍କୁ ଆଲିଙ୍ଗନ କରିଥିବା ଦେଖିବାକୁ ମିଳିଥିଲା । ଏହି ଫଟୋ ଭାଇରାଲ ହେବା ପରେ ପ୍ରତୀକ ହିଁ ଛାଡ଼ପତ୍ରର କାରଣ ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା । ଏସବୁ ଚର୍ଚ୍ଚା ମଧ୍ୟରେ ପ୍ରତୀକ କହିଛନ୍ତି ଯେ, 'ଗୋଟାଏ ଫଟୋ ଦେଖି କାହାଣୀ ତିଆରି କରିବା, କମେଣ୍ଟ କରିବା ଏବଂ ପ୍ରତ୍ୟକ୍ଷ ବାର୍ତ୍ତା ପଠାଇବା ପାଇଁ ବିଶ୍ୱ ମୁକ୍ତ ଅଟେ । ବଡ଼ ହୁଅ ସାଙ୍ଗମାନେ ।' ତେବେ ଛାଡ଼ପତ୍ର ଓ ପ୍ରତୀକଙ୍କ ସହ ସମ୍ପର୍କକୁ ନେଇ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି ଧନଶ୍ରୀ ।



# ଟ୍ରୋଲିଂ ବଢ଼ାଇଛି ମାନସିକ ଆଘାତ



ସେଲିବ୍ରିଟି ଓ ଟ୍ରୋଲିଂ ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ହୋଇଗଲେଣି । ବିଶେଷ କରି ବଲିଉଡ୍ ତାରକାମାନେ ନିଜ ମନ୍ତବ୍ୟ ପାଇଁ ସାମାଜିକ ଗଣମାଧ୍ୟମରେ ଭୀଷଣ ଭାବରେ ଟ୍ରୋଲିଂର ଶିକାର ହେଉଛନ୍ତି । ଏହି ଟ୍ରୋଲିଂ କିପରି ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଉଛି, ସେ ବାବଦରେ ପୂର୍ବରୁ ଦୀପିକା ପାଦୁକୋନ୍, କରନ ଜୋହର, ଅନନ୍ୟା ପାଣ୍ଡେ ଓ ରବିନା ଟଣ୍ଡନ ପ୍ରମୁଖ କ୍ଷୋଭ ପ୍ରକାଶ କରି ସାରିଛନ୍ତି । ଏବେ ସାରା ଅଲ୍ଲୀ ଖାଁ ମଧ୍ୟ ମୁହଁ ଖୋଲିଛନ୍ତି । ସମାଲୋଚନା ଓ ଟ୍ରୋଲିଂ ତାଙ୍କ ଜୀବନକୁ ଭୀଷଣ ପ୍ରଭାବିତ କରୁଛି ବୋଲି ସାରା ଏକ ସାକ୍ଷାତ୍କାରରେ କହିଛନ୍ତି । ତାଙ୍କ କହିବାନୁସାରେ, ସମାଲୋଚନା ଓ ଟ୍ରୋଲିଂକୁ ସହ୍ୟ କରିବା ବହୁତ କଷ୍ଟକର । ବିଶେଷ କରି ତାହା ବ୍ୟକ୍ତିଗତ ଆକ୍ଷେପ ହୋଇଥିଲେ, ଆଦୌ ସହନଯୋଗ୍ୟ ନୁହେଁ । ତେବେ ଧୀରେ ଧୀରେ ସେଥିରୁ କ୍ଷାନ୍ତ ହେବା ସେ ଶିଖିପାରିଛନ୍ତି । କାରଣ ସେ ଯାହା କରୁଛନ୍ତି, ତାହା ସମସ୍ତଙ୍କୁ ଭଲ ଲାଗି ନପାରେ ବୋଲି ସେ ହୃଦୟଙ୍ଗମ କରିଛନ୍ତି । ତେଣୁ ତାଙ୍କର କାର୍ଯ୍ୟକଳାପରେ କିଏ କ'ଣ ପ୍ରତିକ୍ରିୟା ରଖିଲା, ସେଥିପ୍ରତି ପ୍ରତିକ୍ରିୟାଶୀଳ ନ ହୋଇ ବରଂ ସମାଜରେ ନିଜର ଭୂମିକାକୁ ଆହୁରି ବଳିଷ୍ଠ କରିବା ଉପରେ ଗୁରୁତ୍ୱାରୋପ ଆରମ୍ଭ କରିଛନ୍ତି । ଅପରପକ୍ଷେ, ସମାଲୋଚନା ଆତ୍ମସମୀକ୍ଷା ପାଇଁ ଖୋରାକ ଯୋଗାଉଛି ବୋଲି ସେ ଧରିନେଇଛନ୍ତି । ଆକ୍ଷେପମୂଳକ ମତାମତକୁ ଆତ୍ମସମ୍ମାନ ପ୍ରତି ଆଞ୍ଚ ବୋଲି ବିଚାରିବା ପରିବର୍ତ୍ତେ ତାହା ଆତ୍ମପ୍ରଗତି ପାଇଁ ବାଟ ଖୋଲିଦେଇଛି ବୋଲି ସାରା କହିଛନ୍ତି । ଏହି ଅବସରରେ କ୍ୟାରିଅର ଆରମ୍ଭ ବେଳେ କିପରି ସାରାଙ୍କୁ ନିଜକୁ ପ୍ରମାଣିତ କରିବାରେ ଓ ସମସ୍ତଙ୍କର ଆଶା ପୂରଣ କରିବାରେ ଭୀଷଣ ଚାପର ଶିକାର ହେବାକୁ ପଡ଼ିଥିଲା ତାହା ସେ କଥା ପ୍ରକାଶ କରିଛନ୍ତି ।

# 'ଏମର୍ଜେନ୍ସି' ଦେଖିବାକୁ ପ୍ରିୟଙ୍କାଙ୍କୁ ନିମନ୍ତ୍ରଣ ଦେଲେ ଅଭିନେତ୍ରୀ କଙ୍ଗନା

ସାଂସଦଙ୍କୁ ସାଂସଦଙ୍କ ନିମନ୍ତ୍ରଣ । ଫିଲ୍ମ ଏମରଜେନ୍ସି ଦେଖିବାକୁ ୱାୟନାଡ ସାଂସଦ ପ୍ରିୟଙ୍କା ଗାନ୍ଧୀଙ୍କୁ ନିମନ୍ତ୍ରଣ ଦେଇଛନ୍ତି ଅଭିନେତ୍ରୀ ତଥା ବିଜେପି ସାଂସଦ କଙ୍ଗନା ରାଣାଓ୍ୱତ । ଏନେଇ ଏକ ସାକ୍ଷାତାକାରରେ ସୂଚନା ଦେଇଛନ୍ତି କଙ୍ଗନା । ସତ୍ୟ କାହାଣୀ ଉପରେ ଆଧାରିତ ଏମରଜେନ୍ସିରେ କଙ୍ଗନାଙ୍କୁ ପୂର୍ବତନ ପ୍ରଧାନମନ୍ତ୍ରୀ ଦିବଂଗତ ଇନ୍ଦିରା ଗାନ୍ଧୀଙ୍କ ଭୂମିକାରେ ଦେଖିବାକୁ ପାଇବେ ଦର୍ଶକ । ତେବେ କାହାଣୀ, ଚରିତ୍ର ଓ ଲୁକ ରିଲିଜ ପୂର୍ବରୁ ହିଁ ଖୁବ ଚର୍ଚ୍ଚାରେ ରହିଛି । ଜାନୁଆରି ୧୭ରେ ରିଲିଜ ହେବ ଏମରଜେନ୍ସି । ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ରାଜନେ?ତିକ ଜୀବନୀ ଉପରେ ପର୍ଯ୍ୟବେସିତ ଚଳଚ୍ଚିତ୍ରର ଶୀର୍ଷକ ରହିଛି 'ଏମରଜେନ୍ସି ' । ଇନ୍ଦିରା ଗାନ୍ଧୀଙ୍କ ଭୂମିକାକୁ ଅତି ନିଖୁଣ ଭାବରେ ମଣ୍ଡି ସାଂସଦ ତଥା ବଲିଉଡ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ ନିଭାଇଛନ୍ତି । ଭାରତୀୟ ଗଣତନ୍ତ୍ର ଇତିହାସର ସବୁଠାରୁ ବିବାଦୀୟ ଅଧ୍ୟାୟର ଏକ ବିସ୍ଫୋରକ କାହାଣୀ ଏମରଜେନ୍ସି ଜରିଆରେ ଦର୍ଶକଙ୍କ ସାମ୍ନାକୁ ଆସୁଛି । ଅନେକ ବିରୋଧର ସମ୍ମୁଖୀନ ହେବା ପରେ ଫିଲ୍ମଟି ରିଲିଜ ପାଇଁ ସେନ୍ସର ବୋର୍ଡ ପକ୍ଷରୁ ଗ୍ରୀନ ସିଗନାଲ ପାଇଛି ।

# ବୋର୍ଡ ପରୀକ୍ଷା ପାଇଁ ସୁଟିଂ ସେଟରେ ପାଠପଢୁଛନ୍ତି ରବିନାଙ୍କ ଝିଅ



ବଲିଉଡ ଅଭିନେତ୍ରୀ ରବିନା ଟଣ୍ଡନଙ୍କ ଝିଅ ରାଶା ଥଡାନିଙ୍କ ପିଲାଟି ଦିନରୁ ଅଭିନୟ ପ୍ରତି ଖୁବ ରୁଚି ରହିଛି । ସେ ଅଭିନୟ ଜଗତରେ ପାଦ ଥାପିବେ ବୋଲି ଅନେକ ଦିନ ହେବ ଖବର ଚର୍ଚ୍ଚାରେ ଥିଲା । ସମ୍ପ୍ରତି ସେ 'ଆଜାଦ' ସିନେମା ଜରିଆରେ ଅଭିନୟରେ ଡେବ୍ୟୁ ପାଇଁ ପ୍ରସ୍ତୁତ ଅଛନ୍ତି । ରିଶାଙ୍କ ସହିତ ଏହି ସିନେମାରେ ଅମନ ଦେବଗନ ବି ଡେବ୍ୟୁ କରିବାର ସୂଚନା ରହିଛି । ରାଶା ଥଡାନି ଅଭିନେତ୍ରୀ ହେବାର ସ୍ୱପ୍ନ ସହିତ ତାଙ୍କ ପାଠପଢ଼ାକୁ ଅବହେଳା କରି ନାହାନ୍ତି । 'ଆଜାଦ' ସିନେମାର ସୁଟିଂ ସହିତ ତାଙ୍କ ସ୍କୁଲପାଠପଢ଼ା ବି ଜାରି ରଖିଛନ୍ତି । ସୁଟିଂ ସହିତ ରାଶା ତାଙ୍କ ଦ୍ୱାଦଶ ବୋର୍ଡ ପରୀକ୍ଷା ପାଇଁ ସେଟରେ ପ୍ରସ୍ତୁତ ହେଉଥିବାର ଏକ ଭିଡିଓ ସୋସିଆଲ ମିଡିଆ ଜରିଆରେ ସାମ୍ନାକୁ ଆସିଛି । ଯାହାକୁ ଦେଖିବା ପରେ ରାଶାଙ୍କ ଫ୍ୟାନ୍ସ ସଂଖ୍ୟା ବୃଦ୍ଧି ପାଇଯାଇଛି । ଲୋକେ ରାଶାଙ୍କ ପାଠପଢ଼ା ପ୍ରତି ଥିବା ଆଗ୍ରହକୁ ଭୁରିଭୁରି ପ୍ରଶଂସା କରୁଛନ୍ତି । ସେଟରେ ପାଠପଢ଼ାକୁ ନେଇ ରାଶା କହିଥିଲେ, 'ମୋର ଅଭିନୟ ପାଇଁ ଯେଉଁସବୁ ସଂଳାପ ଅଛି ମୁଁ ତାହାକୁ ମନେ ରଖି ଦେଇଛି । ଏବେ ମୋର ପାଠଢ଼ାର ସମୟ । ଏଭଳି କ୍ଷେତ୍ରରେ ମୁଁ ମୋର ପାଠପଢ଼ାକୁ ହେଳା କରି ପାରିବି ନାହିଁ ।

# ଓସ୍କାର-୨୦୨୫ରେ ଫିଲ୍ମ 'କଙ୍ଗୁଓ୍ୱା'ର ଏଣ୍ଟ୍ରି

୨୦୨୪ ମସିହାରେ ସାଉଥ ସୁପରଷ୍ଟାର ସୂର୍ଯ୍ୟ ଏବଂ ବଲିଉଡ ଷ୍ଟାର ବବି ଦେଓଲଙ୍କ ଅଭିନୀତ ଫିଲ୍ମ 'କଙ୍ଗୁଓ୍ୱା' ମୁକ୍ତିଲାଭ କରିଥିଲା । ଏହି ଚଳଚ୍ଚିତ୍ରକୁ ନେଇ ଦର୍ଶକ ଓ ନିର୍ମାତାଙ୍କର ବହୁତ ଆଶା ଥିଲା । କିନ୍ତୁ ଏହା ବକ୍ସ ଅଫିସରେ ଫ୍ଲପ୍ ବୋଲି ପ୍ରମାଣିତ ହୋଇଥିଲା । ଫିଲ୍ମର କାହାଣୀ ସହିତ ଅନ୍ୟାନ୍ୟ କାରଣ ଦର୍ଶକଙ୍କୁ ନିରାଶ କରିଥିଲା । ଏହା ଦ୍ୱାରା ଫିଲ୍ମଟି ବକ୍ସ ଅଫିସରେ ବେଶି ଦିନ ତିଷ୍ଠି ରହିପାରିନଥିଲା । ତେବେ ଏସବୁ ସତ୍ତ୍ୱେ ଶିବାଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ରକୁ ବଡ଼ ସଫଳତା ମିଳିଛି । 'କଙ୍ଗୁଓ୍ୱା' ବିଶ୍ୱର ପ୍ରାୟ ୩୨୩ ଚଳଚ୍ଚିତ୍ର ସହିତ ପ୍ରତିଦ୍ୱନ୍ଦ୍ୱିତା କରି ଓସ୍କାର ୨୦୨୫ ପାଇଁ ପ୍ରତିଯୋଗୀ ତାଲିକାରେ ସ୍ଥାନ ପାଇଛି ।

ସିରୁତାଇ ଶିବାଙ୍କ ଦ୍ୱାରା ନିର୍ଦ୍ଦେଶିତ 'କଙ୍ଗୁଓ୍ୱା' ଅଧିକ ବଜେଟରେ ନିର୍ମାଣ ହୋଇଥିଲା । ଏହି ଚଳଚ୍ଚିତ୍ର ସହିତ ତାମିଲ ସୁପରଷ୍ଟାର ସୂର୍ଯ୍ୟ ଦୁଇ ବର୍ଷର ବିରତି ପରେ ବଡ ପରଦାକୁ ଫେରିଥିଲେ । ଏହା ପରେ ବି ଫିଲ୍ମଟି ଭଲ ବ୍ୟବସାୟ କରିପାରିନଥିବାରୁ ନିରାଶ ହୋଇଥିଲା ପୂରା ଟିମ୍ । ଏବେ ଫିଲ୍ମଟି ଓସ୍କାର ୨୦୨୫ ପାଇଁ ପ୍ରତିଯୋଗୀ ତାଲିକାରେ ସ୍ଥାନ ପାଇବା ପରେ ପୂରା ଟିମ୍ ଖୁସି ହୋଇଛନ୍ତି ।

ଉଲ୍ଲେଖଯୋଗ୍ୟ, 'କଙ୍ଗୁଓ୍ୱା' ୧୪ ନଭେମ୍ବର ୨୦୨୪ରେ ମୁକ୍ତିଲାଭ କରିଥିଲା । ୩୫୦କୋଟିରେ ନିର୍ମିତ ଫିଲ୍ମଟି ମାତ୍ର ୯୬କୋଟି ଟଙ୍କା ଆୟ କରିପାରିଥିଲା ।




# ସମାଜସେବା ହିଁ ମୋ ଜୀବନ: ରତିକାନ୍ତ ପ୍ରଧାନ

ମାନବ ସେବା ହିଁ ମାଧବ ସେବା । ଏହି ନ୍ୟାୟ ରେ ସଦା ସର୍ବଦା କର୍ତ୍ତବ୍ୟ ପଥରେ ଆଗେଇ ଚାଲିଛନ୍ତି ଓଡ଼ିଶାର ବିଶିଷ୍ଟ ସମାଜସେବୀ ରତିକାନ୍ତ ପ୍ରଧାନ । ତାଙ୍କର ଡାକ ନାମ ପିଣ୍ଟୁ । ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ କରଞ୍ଜଆଡିଆ ଗ୍ରାମରେ ୧୯୮୨ ମସିହାରେ ଶ୍ରୀ ପ୍ରଧାନ ଜନ୍ମ ଗ୍ରହଣ କରନ୍ତି । ତାଙ୍କର ପିତା ଙ୍କ ନାମ ରମାକାନ୍ତ ପ୍ରଧାନ ଓ ମାତା ଙ୍କ ନାମ ସୀତା ମଣି ପ୍ରଧାନ । ପତ୍ନୀ ବିଜୟା ଲକ୍ଷ୍ମୀ ପ୍ରଧାନ, ପୁତ୍ର ଦୀପ୍ତି ରଞ୍ଜନ ଓ ଝିଅ ରଶ୍ମିରେଖା ଙ୍କୁ ନେଇ ତାଙ୍କର ସଂସାର ରଥ ଆଗେଇ ଚାଲିଛି । ଦୁଇ ଭାଇ ଓ ତିନି ଭଉଣୀ ପିଣ୍ଟୁଙ୍କର । ତାଙ୍କର ଶିକ୍ଷା ଗତ ଯୋଗ୍ୟତା ଯୁକ୍ତ ତିନି ଗ୍ରାଜୁ ଏସନ୍ । ଛାତ୍ର ଜୀବନରୁ ଶ୍ରୀ ପ୍ରଧାନ ସମାଜସେବା କରି ଆସୁଛନ୍ତି । ଶ୍ରୀ ପ୍ରଧାନ ଙ୍କ ପାରିବାରିକ ବନ୍ଧୁ ଉଷାକାନ୍ତି ସାମଲ ଓରଫ୍ ସିପୁ ତାଙ୍କୁ ଜୀବନରେ ଅନେକ ସାହାଯ୍ୟ ସହଯୋଗ କରି ଛନ୍ତି । ଓଡ଼ିଶାର ବିଭିନ୍ନ ସ୍ଥାନକୁ ଯାଇ ରତିକାନ୍ତ ପ୍ରଧାନ ପିଣ୍ଟୁ ଅନେକ ଦୁଃଖୀ ଗରିବ ଲୋକଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦେଇଛନ୍ତି । ବୃକ୍ଷ ରୋପଣ କରିବା,ବନ୍ଧୁ ମାନଙ୍କୁ ଖାଇବାକୁ ଦେବା, ଦୁଃଖୀ ଗରିବ ଲୋକଙ୍କୁ କମ୍ବଳ ଓ ଚାଦର ବାଣ୍ଟିବା, ଜୀବ ଜନ୍ତୁ ସେବା କରିବା, ବୃଦ୍ଧ ବୃଦ୍ଧା ଆଶ୍ରମରେ ଗୁରୁଜନ ମାନଙ୍କୁ ସାହାଯ୍ୟ ଯୋଗାଇ ଦେବା ପ୍ରଭୃତି କାର୍ଯ୍ୟ ରେ ଶ୍ରୀ ପ୍ରଧାନ ଅଧିକ ଆନନ୍ଦ ଲାଭ କରିଥାନ୍ତି । ସମସ୍ତ ଙ୍କ ସହିତ ବନ୍ଧୁତ୍ୱ ପୂର୍ଣ୍ଣ ସମ୍ପର୍କ ରଖିବା ପାଇଁ ଶ୍ରୀ ପ୍ରଧାନ ଭଲ ପାଇଥାନ୍ତି । ବିଭିନ୍ନ ପ୍ରକାର ଖେଳ ପ୍ରତି ଆଗ୍ରହ ରହିଛି ପିଣ୍ଟୁ ଙ୍କର । ଯୁବକ ମାନଙ୍କୁ ସମାଜରେ ଭଲ କାମ ପାଇଁ ପ୍ରେରଣା ଦେବା ହିଁ ପିଣ୍ଟୁ ଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ସେ କୁହନ୍ତି । ସେ ତାଙ୍କ ଗ୍ରାମରେ ପ୍ରତ୍ୟେକ ବର୍ଷ ହଜାର ହଜାର ଲୋକ ମାନଙ୍କୁ ଡାକି ଖାଇବାକୁ ଦେଇଥାନ୍ତି ଓ ନିଆରା ବନ୍ଧୁ ମିଳନ ପର୍ବ ପାଳନ କରି ସମସ୍ତ ଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତାଙ୍କର ପିତା ମାତା ଙ୍କ ଆଶୀର୍ବାଦରୁ ଓ ଈଶ୍ୱରଙ୍କ କୃପାରୁ ପିଣ୍ଟୁ ନିଜର ଜୀବନରେ ସ୍ୱତନ୍ତ୍ର ରାସ୍ତା ତିଆରି କରି ଚାଲିଛନ୍ତି । ସାହିତ୍ୟ,କଳା, ସଂସ୍କୃତି, ଶିକ୍ଷା, ନୃତ୍ୟ, ସଙ୍ଗୀତ, ରାଜନୀତି, ଖେଳ, ଧର୍ମ,ପ୍ରଭୃତି ବିଷୟରେ ସେ ମଧ୍ୟ ଆଲୋଚନା କରି ଥାଆନ୍ତି । ଶ୍ରୀ ପ୍ରଧାନ ସର୍ବଦା ହସ ହସ ମୁହଁ ଓ ମିଠା ମିଠା କଥା ରେ ସମସ୍ତଙ୍କୁ ଆପଣାର କରି ନିଅନ୍ତି । ସମାଜର ମଙ୍ଗଳ କାମନା ଉଦ୍ଦେଶ୍ୟରେ ସେ ସର୍ବଦା କାର୍ଯ୍ୟ କରିଥାନ୍ତି ଓ ଅନେକ ଦୁଃଖୀ ଗରିବ ଲୋକଙ୍କୁ ଆର୍ଥିକ ସହଯୋଗ କରିଥାନ୍ତି । ଶ୍ରୀ ପ୍ରଧାନ ସର୍ବଦା କୁହନ୍ତି ଗୋଟିଏ ଗଛ ଗୋଟିଏ ଜୀବନ । ସମସ୍ତେ ଗଛ ଲଗାନ୍ତୁ ଓ ପରିବେଶ ସୁରକ୍ଷା କରନ୍ତୁ । ରକ୍ତଦାନ ମହତ୍ ଦାନ । ଏହି ରକ୍ତଦାନ କରି ଶ୍ରୀ ପ୍ରଧାନ ଅନ୍ୟ ମାନଙ୍କ ଜୀବନ ମଧ୍ୟ ବଞ୍ଚାଇ ପାରିଛନ୍ତି । ଅନେକ ଦୁଃଖ କଷ୍ଟ ଯନ୍ତ୍ରଣା ଘାତ ପ୍ରତିଘାତ ଝଡ଼ ଝଞ୍ଜା ମଧ୍ୟରେ ଶ୍ରୀ ପ୍ରଧାନ ଗତି କରିଛନ୍ତି ଓ ଜୀବନରେ ସଫଳତା ପାଇଛନ୍ତି । ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଶ୍ରୀ ପ୍ରଧାନଙ୍କର ଭବିଷ୍ୟତର ଚଲାପଥ ରେ ପୁଷ୍ପ ବୃଷ୍ଟି ହେଉ । ଆମର ଏତିକି କାମନା ।




ଉପସ୍ଥାପନା: ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋବାଇଲ୍ ୯୯୩୭୯୭୬୩୫୧

# ସିଲାଟିମୁଣ୍ଡାରେ ସୁଲିଆ ଯାତ୍ରା: ଶତାଧିକ ପଶୁ, ପକ୍ଷୀ ବଳି

ସୁବର୍ଣ୍ଣପୁର, ୮/୧ (ନି.ପ୍ର): ତରଭା ବ୍ଲକ ସରଗଜ ପଂଚାୟତର ସିଲାଟିମୁଣ୍ଡା ଗ୍ରାମ ସୁଲିଆପଦାରେ ହଜାରଧିକ ପଶୁପକ୍ଷୀଙ୍କ ରକ୍ତରେ ରଞ୍ଜିତ ହେଲା ସୁଲିଆପଦା ଓ ସମ୍ପ୍ରଦାୟର ନୀତି ଅନୁଯାୟୀ ପ୍ରତି ବର୍ଷ ପୌଷମାସ ଶୁକ୍ଲପକ୍ଷ ପ୍ରଥମ ମଙ୍ଗଳବାର ଶୁଲିଆ ଯାତ୍ରା ଅନୁଷ୍ଠିତ ହୁଏ । ମଙ୍ଗଳବାର ଭୋରରୁ ପ୍ରଥମେ ନିଶି ପୂଜା କରାଯାଏ। ହଜାରଧିକ ଶ୍ରଦ୍ଧାଳୁ ଭକ୍ତ, ମାନସିକଧାରି ମଙ୍ଗଳ ବାର ସକାଳୁ ସୁଲିଆପଦାରେ ଜମା ହେବା ସହ ସୁଲିଆପୀଠ ଓ ବରୁଆ ନିକଟରେ ନିଜର ହାରି ଗୁହାରି କରିବା ସହ ଆଶୀର୍ବାଦ ଭିକ୍ଷା କରିଛନ୍ତି ଓ ପାରମ୍ପରିକ ବାଦ୍ୟ ଓ ଭକ୍ତଙ୍କ ହୁଳହୁଳିରେ ସୁଲିଆପଦା ଦୁଲୁକି ଉଠିଥିଲା । ମନସ୍କାମନା ପୂର୍ଣ୍ଣ ହୋଇଥିବା ମାନସିକଧାରୀ ମାନେ ଆଣିଥିବା ଶତାଧିକ କୁକୁଡ଼ା, ବୋଦା, ମେଣ୍ଢା ଓ ପୋଡ଼ ଝଙ୍କାର, ବରୁଆଙ୍କ ଦ୍ୱାରା ବଳି ପ୍ରଦାନ କରାଯାଇଥିଲା । ଆଉ କେତେ ଭକ୍ତ ନଡ଼ିଆ ଭାଙ୍ଗି ନିଜ ନିଜ ଅସୁବିଧା ସୁଲିଆ ବୁଢ଼ାଙ୍କୁ ଜଣାଇଛନ୍ତି କ୍ଷ ସୁଲିଆ ପୀଠର ମୁଖ୍ୟ ଝାଙ୍କର ପ୍ରେମରାଜ ଭୋଇ (ଖରଳିକାନୀ), ବନମାଳୀ କୁଅଁର, ରାଜକିଶୋର କୁଅଁର (ଗୁହିରାଘାଟ), ସତ୍ୟ ନାରାୟଣ ଭୋଇ, ସୀତାରାମ କୁଆଁର, ନାରାୟଣ କଲସେ, କୁଞ୍ଜବ କୁଆଁର, ଉପେନ୍ଦ୍ର କୁଅଁର ଦଶରଥ ପୋଢ଼, ଶିବ ମହାନନ୍ଦ ଏବଂ ଚମରା କୁଅଁର ବରୁଆ ପ୍ରମୁଖ ବଳି ଓ ପୂଜା କାର୍ଯ୍ୟରେ ନେତୃତ୍ୱ ନେଇଥିଲେ ଓ ସିଲଟି ମୁଣ୍ଡା, ତେନ୍ତୁଳୀଖୁଂଟି, ମିଛାପାଲି, ଭାଲୁଡୁଙ୍ଗୁରି, ଦେଓଗାଁ, ଗ୍ରାମବାସୀ ଓ କନ୍ଧ ସମ୍ପ୍ରଦାୟ ବ୍ୟକ୍ତି ସୁଲିଆଯାତ୍ରା ଶୃଙ୍ଖଳିତ କରିବା ପାଇଁ ଦାୟିତ୍ୱ ନେଇଥିଲେ ଓ ବାବୁଲା ବାଘ, ଟିକେଶ୍ୱର ବାରିକ, ପବିତ୍ର ସେଠୀ, ସୁଦାମ ସାହୁଙ୍କ ସହ ଶିଳାଟି ମୁଣ୍ଡା ଗ୍ରାମବାସୀ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ ଓ ସୁଲିଆ ପଦାରେ ବିଭିନ୍ନ ପ୍ରକାର ଦୋକାନ, ବ୍ୟବସାୟୀ ପ୍ରତିଷ୍ଠାନ ପଡିଥିଲା । ଆଜି ରାତିରେ ସିଲେଟ ମୁଣ୍ଡା ଗ୍ରାମରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ।

# ସିଟି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ

ଜୟପୁର, ୯/୧ (ନି.ପ୍ର): ସିଟି ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ। ୪୩ତମ ବାର୍ଷିକ କ୍ରୀଡାପ୍ରତିଯୋଗିତା ବିଦ୍ୟାଳୟ ପରିସର ରେ ଅନୁଷ୍ଠିତ ହୋଯାଇଅଛି। ଏହାକୁ ଉଦଘାଟନ କରିଥିଲେ ପରିଚାଳନା ସମିତି ସଭ୍ୟ ସୁଧାକର ପଟ୍ଟନାୟକ ଓ ପି ଶ୍ରୀନିବାସ ରାଜୁ।ଜୟପୁର ଚୌଦେଶ୍ୱରି ମନ୍ଦିର ରୁ ଛାତ୍ର ଛାତ୍ରୀମାନେ ମଶାଲ ଧରି ଏକ ଶୋଭଯାତ୍ରାରେ ବିଦ୍ୟାଳୟ ପହଂଚିଥିଲେ। ବିଦ୍ୟାଳୟ ର କ୍ରୀଡା ଶିକ୍ଷୟତ୍ରୀ ରୀତା ସାମନ୍ତରାୟ ଙ୍କ ଦ୍ୱାରା ଏହା ପରିଚାଳିତ ହୋଇଥିଲା। ୧୦୦ ମି ଦୌଡ, ଲମ୍ଫ ଡ଼ିଆ, ଉଚ୍ଚ ଡିଆ, ଶୋଟପୁଟ, ସ୍କିପିଂ, ଡିସ୍କସ, କବାଡି, ଧୀର ସାଇକଲ ଚାଳନା ଆଦି ଖେଳ କୁଦ ର ଆୟୋଜନ କରାଯାଇଥିଲା। ଏଥିରେ ଉଭୟ ବାଳକ ଓ ବାଳିକା ମାନେ ଭାଗ ନେଇଥିଲେ। କବାଡି ରେ ନବମ ଶ୍ରେଣୀ ଛାତ୍ର ମାନେ ବିଜୟ ହୋଇଥିବା ବେଳେ ବାଳିକା ବିଭାଗ ରେ ଦଶମ ଶ୍ରେଣୀ ବିଜେତା ହୋଇଥିଲେ। ବିଜେତା ମାନଙ୍କୁ ଫେବୃଆରି ପ୍ରଥମ ସପ୍ତାହରେ ପୁରସ୍କାର କରାଯିବ ବୋଲି ପ୍ରଧାନ ଶିକ୍ଷୟତ୍ରୀ ବି ସୁଜାତା କହିଥିଲେ। ପ୍ରତିଯୋଗୀତା ଆୟୋଜନ ରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହି ଛାତ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

# କଳାହାଣ୍ଡି ଜିଲ୍ଲାର ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ

ଭବାନିପାଟଣା , ୯/୧ (ନି.ପ୍ର): କଳାହାଣ୍ଡି ଜିଲ୍ଲାରେ ଥିବା ଭୋଟରଙ୍କ ଚୂଡାନ୍ତ ତାଲିକାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ, କଳାହାଣ୍ଡି ପାଣ୍ଡ୍ୱାର ସଚିନ ପ୍ରକାଶ ଆଜି ପ୍ରକାଶନ କରିଛନ୍ତି । ଏଥିରେ ଜିଲ୍ଲାର ୭୭- ଲାଞ୍ଜିଗଡ଼, ୭୮- ଜୁନାଗଡ, ୭୯- ଧର୍ମଗଡ଼, ୮୦- ଭବାନିପାଟଣା, ୮୧- ନର୍ଲା ନିର୍ବାଚନ ମଣ୍ଡଳିରେ ଥିବା ଭୋଟରଙ୍କ ସଂଖ୍ୟା ପ୍ରକାଶିତ ହୋଇଛି । ଚଳିତ ବର୍ଷ ଜାନୁଆରୀ ୫ ତାରିଖ ସୁଦ୍ଧା ଜିଲ୍ଲାରେ ସର୍ବମୋଟ ୧୨୨୦୩୦୪ ଜଣ ଭୋଟରଙ୍କ ନାମ ଭୋଟର ତାଲିକାରେ ରହିଛି । ଏହି କ୍ରମରେ କଳାହାଣ୍ଡି ଜିଲ୍ଲାରେ ୬ ଲକ୍ଷ ୧୦ ହଜାର ୫୦୧ ଜଣ ପୁରୁଷ ଭୋଟର ରହିଥିବା ବେଳେ ୬ ଲକ୍ଷ ୯ ହଜାର ୭୩୭ ଜଣ ମହିଳା ଭୋଟରଙ୍କ ସମେତ ୬୬ ଜଣ କିନ୍ନର ଭୋଟରଙ୍କୁ ମିଶାଇ ମୋଟ ୧୨ ଲକ୍ଷ ୨୦ ହଜାର ୩୦୪ ଜଣ ଭୋଟର ରହିଛନ୍ତି । ୨୦୨୪ ବର୍ଷରେ ୯ ହଜାର ୧୧ ଜଣ ୧୮ ବର୍ଷରୁ ଉର୍ଦ୍ଧ ଯୁବ ଭୋଟରଙ୍କୁ ଭୋଟର ତାଲିକାରେ ସାମିଲ କରାଯାଇଛି । ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳିରେ ୨ ଲକ୍ଷ ୩୪ ହଜାର ୧୭୩ ଜଣ ଭୋଟର ରହିଥିବା ବେଳେ ଏଥିରେ ୧ ଲକ୍ଷ ୧୩ ହଜାର ୯୩୯ ଜଣ ପୁରୁଷ ଭୋଟର ଓ ୧ ଲକ୍ଷ ୨୦ ହଜାର ୨୧୪ ଜଣ ମହିଳା ଓ ୨୦ ଜଣ କିନ୍ନର ଭୋଟର ରହିଛନ୍ତି । ସେହିପରି ଜୁନାଗଡ଼ ନିର୍ବାଚନ ମଣ୍ଡଳିରେ ମୋଟ ଭୋଟର ୨ ଲକ୍ଷ ୪୮ ହଜାର ୮୨୧ ଜଣଙ୍କ ନାମ ଭୋଟର ତାଲିକାରେ ପ୍ରକାଶିତ ହୋଇଥିବା ବେଳେ ଏଥିରେ ୧ ଲକ୍ଷ ୨୫ ହଜାର ୬୯୨ ଜଣ ପୁରୁଷ ଓ ୧ ଲକ୍ଷ ୨୩ ହଜାର ୧୨୬ ଜଣ ମହିଳା ଭୋଟରଙ୍କ ସମେତ ୩ ଜଣ କିନ୍ନର ଭୋଟର ରହିଥିବା ବେଳେ ଧର୍ମଗଡ଼ ନିର୍ବାଚନ ମଣ୍ଡଳିରେ ମୋଟ ୨ ଲକ୍ଷ ୬୪ ହଜାର ୩୪୨ ଜଣ ଭୋଟର ରହିଥିବା ବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୧ ଲକ୍ଷ ୩୨ ହଜାର ୯୯୫ ପୁରୁଷ ରହିଥିବା ବେଳେ ୧ ଲକ୍ଷ ୩୧ ହଜାର ୩୪୧ ଜଣ ମହିଳା ଭୋଟର ଏବଂ ୬ ଜଣ କିନ୍ନର ଭୋଟର ରହିଛନ୍ତି ସେହିପରି ଭବାନିପାଟଣା ନିର୍ବାଚନ ମଣ୍ଡଳୀରେ ମୋଟ ୨ ଲକ୍ଷ ୩୮ ହଜାର ୫୩୩ ଜଣ ଭୋଟର ରହିଥିବା ବେଳେ ଏଥିରେ ୧ ଲକ୍ଷ ୧୯ ହଜାର ୫୯୬ ଜଣ ପୁରୁଷ ଭୋଟର ଓ ୧ ଲକ୍ଷ ୧୮ ହଜାର ୯୧୮ ଜଣ ମହିଳା ଓ ୧୯ ଜଣ କିନ୍ନର ଭୋଟର ରହିଛନ୍ତି । ନର୍ଲା ନିର୍ବାଚନ ମଣ୍ଡଳୀରେ ମୋଟ ୨ ଲକ୍ଷ ୩୪ ହଜାର ୪୩୫ ଜଣ ଭୋଟର ରହିଥିବା ବେଳେ ଏଥିରେ ୧ ଲକ୍ଷ ୧୮ ହଜାର ୨୭୯ ଜଣ ପୁରୁଷ ଭୋଟର ଓ ୧ ଲକ୍ଷ ୧୬ ହଜାର ୧୩୮ ଜଣ ମହିଳା ଓ ୧୮ ଜଣ କିନ୍ନର ଭୋଟର ରହିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଅସ୍ୱାନ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ପାଣ୍ଡ୍ୱାର ସଚିନ ପ୍ରକାଶ ଙ୍କ ଉପସ୍ଥିତିରେ ବିଭିନ୍ନ ରାଜନୈତିକ ଦଳ ର ପ୍ରତିନିଧି, ବିଜେପି ଦଳର ଜିଲ୍ଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ସମ୍ପାଦକ ଜୟଶଙ୍କର ନାଏକ, କଂଗ୍ରେସ ଦଳର ପ୍ରତିନିଧି ଉଛବ ସାହୁ,ବିଜେଡି, କମ୍ୟୁନିଷ୍ଟ ପାର୍ଟିର ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀର ଇ.ଆର.ଓ. ଙ୍କ ଠାରୁ ଏହି ଚୂଡାନ୍ତ ଭୋଟର ତାଲିକା ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ( ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବଇତୁରା ଦୀପ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ି, ଉପ-ଜିଲ୍ଲାପାଳ ଧର୍ମଗଡ଼ ଧୀମାନ ଚାକମ, ଉପ-ଜିଲ୍ଲାପାଳ ଭବାନିପାଟଣା ପ୍ରଭାତ କୁମାର ପରିଡ଼ା, ଜିଲ୍ଲା ନିର୍ବାଚନ ଶାଖାର ଅଧିକାରୀ ଏବଂ ସମସ୍ତ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ଆରଏସପି ଆନୁକୂଲ୍ୟରେ ଲାଠିକଟା ବ୍ଲକରେ ସିନର୍ଜି ଲୋକ ସାଂସ୍କୃତିକ ମହୋତ୍ସବ ଆୟୋଜିତ

## ହାତୀବନ୍ଧ ଗ୍ରାମର ଶହୀଦ ବାବା ତିଲକା ମାଝୀ ଟୋଲା ନୃତ୍ୟ ଦଳ ଚମ୍ପିୟାନ




ରାଉରକେଲା, ୯/୧ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାର ସିଏସଆର ବିଭାଗ ଦ୍ୱାରା ଲାଠିକଟା ବ୍ଲକ ଅନ୍ତର୍ଗତ ଖଇରବନ୍ଧ ଗ୍ରାମରେ ଜାନୁଆରୀ ୪ ତାରିଖରେ ଆୟୋଜିତ ଜୋନ ସ୍ତରୀୟ "ସିନର୍ଜି ଲୋକସାଂସ୍କୃତିକ ମହୋତ୍ସବ"ରେ ବିଭିନ୍ନ ଗାଁଆର ୩୦ ଟି ନୃତ୍ୟ ଦଳ ଉତ୍ସାହ ସହକାରେ ଅଂଶଗ୍ରହଣ କରିଥିଲେ ।

ଏହାର ଉଦଯାପନୀ ଉତ୍ସବରେ ଆରଏସପି ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲା ବେଳେ ଇନ୍ଟର୍ନାଲ ଅଡିଟ ବିଭାଗ ର ସି ଜି ଏମ ଶ୍ରୀ ଜି ଏସ ଦାସ ସମ୍ମାନିତ ଅତିଥି ରଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସିଏସଆର ବିଭାଗର ଜିଏମ ଇନ ଚାର୍ଜ ସୁଶ୍ରୀ ମୁନମୁନ ମିତ୍ର, ଜିଏମ ଶ୍ରୀ ବିଭାବସୁ ମଲ୍ଲିକ, ଏଜିଏମ ଶ୍ରୀ ଟି ବି ଟପ୍ପୋ ଓ ଜିଲ୍ଲା ପରିଷଦ ପ୍ରାର୍ଥୀ ଓ ସରପଞ୍ଚଙ୍କ ସମେତ ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତିମାନେ ମଧ ଉପସ୍ଥିତ ଥିଲେ।

ଏହି ନୃତ୍ୟ ପ୍ରତିଯୋଗିତା ରେ ପ୍ରଥମ , ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ବିଜେତାଙ୍କୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ପୁରସ୍କାର ପ୍ରଦାନ କରିଥିଲେ।

ହାତୀବନ୍ଧ ଗ୍ରାମ ର ଶହୀଦ ବାବା ତିଲକା ମାଝୀ ଟୋଲା ନୃତ୍ୟ ଦଳ ଚମ୍ପିୟନ ଟ୍ରଫି ସହିତ ନଗଦ ୧୦ ହଜାର ଟଙ୍କା ର ପୁରସ୍କାର ରାଶି ଲାଭ କରିଥିଲେ। ନୂଆ ଗାଁ ଗ୍ରାମ ର କର୍ମା କଳା ପରିଷଦ ନୃତ୍ୟ ଦଳ ଦ୍ୱିତୀୟ ପୁରସ୍କାର ରୂପେ ୮୦୦୦ ଟଙ୍କା ପୁରସ୍କାର ରାଶି ଓ ଟ୍ରଫି ଲାଭ କରିଥିଲା ବେଳେ ବୋଲାଣି ଗ୍ରାମ ର ଚଳା କଳା ପରିଷଦ ନୃତ୍ୟ ଦଳ ତୃତୀୟ ପୁରସ୍କାର ଆକାରରେ ୬୦୦୦ ଟଙ୍କା ପୁରସ୍କାର ରାଶି ଓ ଟ୍ରଫି ଲାଭ କରିଥିଲା। ଅଂଶଗ୍ରହଣକାରୀ ଅବଶିଷ୍ଟ ଦଳଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ରୂପେ ପ୍ରତ୍ୟେକ ଦଳକୁ ୨୫୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି ନୃତ୍ୟ ଉତ୍ସବ ଟି ଖଇରବନ୍ଧ ଗ୍ରାମ ର ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସହଯୋଗରେ ଆରଏସପି ସିଏସଆର ବିଭାଗ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ସୁଶ୍ରୀ ମୁନମୁନ ମିତ୍ରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶ୍ରୀ ଟି ବି ଟପ୍ପୋ ଧନ୍ୟବାଦ ଜ୍ଞାପନ କରିଥିଲେ। ଫିଲ୍ଡ ଆସିଷ୍ଟାଣ୍ଟ ଶ୍ରୀ ବି ଏକ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବହୁ ସଂଖ୍ୟାରେ ସ୍ଥାନୀୟ ତଥା ଆଖପାଖ ଗାଁ ଲୋକ ଏହି ନୃତ୍ୟୋତ୍ସବର ଆନନ୍ଦ ନେଇଥିଲେ।

# ୪ ବଖରା ଘର ପୋଡି ପାଉଁଶ: ୧୦ ଲକ୍ଷ ଟଙ୍କାର ସମ୍ପତି ନଷ୍ଟ

କେନ୍ଦ୍ରାପଡ଼ା, ୯/୧ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଜଇପୁରା ଗ୍ରାମରେ ସଟ୍ ସର୍କିଟ ଦ୍ୱାରା ୪ ବଖରା ଘର ପୋଡିବା ସହ ପ୍ରାୟ ୧୦ ଲକ୍ଷ ଟଙ୍କାର ସମ୍ପତି ସଂପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି । ମିଳିଥିବା ସୂଚନା ଅନୁଯାଇ ବୁଧବାର ଦିନ ୧୧ଟା ସମୟରେ ସେକ ଚାନ୍ଦଙ୍କର ସଟ୍ ସର୍କିଟ ଦ୍ୱାରା ଘରେ ନିଆଁ ଲାଗି ଯାଇଥିଲା। ନିଆଁର ପ୍ରକୋପ ଜୋର ଥିବାରୁ ଘର ଭିତରୁ କୌଣସି ସାମଗ୍ରୀ ଉଦ୍ଧାର କରାଯାଇ ପାରିନାହିଁ । ନଗଦ ଟଙ୍କା ସହ ପିଲାଙ୍କର ବିଭିନ୍ନ ପ୍ରମାଣପତ୍ର, ଆଧାର କାର୍ଡ, ଭୋଟର କାର୍ଡ ଏବଂ ଘରର ସମସ୍ତ ସାମଗ୍ରୀ ପୋଡି ଯାଇଛି । ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଁଚି ଥିଲେ ମଧ ନିଆଁକୁ ଆୟତ କରିପାରି ନଥିଲେ । ଘର ପୋଡି ଯିବା ଫଳରେ ପରିବାର ର ସମସ୍ତ ସଦସ୍ୟ ସର୍ବହରା ହୋଇ ଯାଇଛନ୍ତି । ତୁରନ୍ତ ଏହି ପରିବାରକୁ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଦେବାପାଇଁ ବିଭିନ୍ନ ମହଲରୁ ଦାବି କରାଯାଇଛି ।

# ବିପଦ ସଙ୍କୁଳ ଉନ୍ଦେର ନଦୀ ସେତୁ ବିପଦ ସଙ୍କୁଳ ସେତୁର ମରାମତି କରିବା ପାଇଁ ଦାବି

ବଲାଙ୍ଗିର, ୯/୧ (ନି.ପ୍ର): ଗତ ପ୍ରାୟ ୨୦ ବର୍ଷ ତଳେ ସିନ୍ଧେକେଲା ଓ ଚାନ୍ଦୋତରା ଗ୍ରାମର ମଧଦେଇ ବହି ଯାଇଥିବା ବିସ୍ତିର୍ଣ୍ଣ ନଦୀ ଉପରେ ତିଆରି ହୋଇଥିଲା ସେତୁ। ସିନ୍ଧେକେଲା ରୁ ନୁଆପଡା ଓ କଳାହାଣ୍ଡି ଜିଲ୍ଲାକୁ ଏବଂ ନଦୀ ଆରପଟରୁ ବଲାଙ୍ଗୀର ଜିଲ୍ଲାକୁ ସଂଯୋଗ କରେ ଏହି ସେତୁ । ଏହି ସେତୁ କୁ ସୀମାନ୍ତ ଅଂଚଳର ଲାଇଫ ଲାଇନ କୁହା ଯାଉଥିବା ବେଳେ ଏହି ଉନ୍ଦେର ନଦୀ ସେତୁ ଏବେ ବିପଦ ଡାକୁଛି। ବିଶେଷ କରି ନଦୀ ସେପଟରେ ଥିବା ବଙ୍ଗୋମୁଣ୍ଡା ବ୍ଲକ ଏବଂ ଟିଟିଲାଗଡ ବ୍ଲକ ଅଂଚଳର ଲୋକଙ୍କ ଜୀବନବିନ୍ଦୁ ପାଲଟିଥିବା ସେତୁ ଏବେ ଜରାଜିର୍ଣ୍ଣ ଅବସ୍ଥାରେ। କିନ୍ତୁ ଏହି ସେତୁ ନିର୍ମାଣ ହେବା ପରଠାରୁ ସରକାରୀ ତହବିଲକୁ ଟୁଲ ଟ୍ୟାକ୍ସ ଦ୍ୱାରା ପ୍ରତିବର୍ଷ ମୋଟା ଅଙ୍କର ରାଜସ୍ୱ ଦେଇ ଆସିଥିଲା। (ପ୍ରାୟ ଗୋଟିଏ ବର୍ଷ ହେଲା ଟୋଲ ଗେଟ ବନ୍ଦ ହୋଇଛି) । ତେବେ ମଧ ପ୍ରଶାସନ ତରଫରୁ ଏହି ସେତୁ ପ୍ରତି ଯେତେ ଯତ୍ନବାନ ହେବାକଥା ନିର୍ମାଣ ହେବା ଦିନଠାରୁ ସେପରି କିଛି ହୋଇଥିବା ଉଭୟ ସିନ୍ଧେକେଲା ଓ ଚାନ୍ଦୋତରା ବାସି ଦେଖିନଥିବା ଲୋକେ କହନ୍ତି। ବର୍ତ୍ତମାନ ସମୟରେ ସେତୁ ଉପରେ ଖାଲଖମାର ଭର୍ତି ହୋଇଥିବା ବେଳେ ସେତୁରେ ବ୍ୟବହାର ହୋଇଥିବା ରଡ୍ ଗୁଡିକ ବାହାରି ପଡ଼ିଥିବାରୁ ଛୋଟ ଛୋଟ ଦୁର୍ଘଟଣା ଘଟୁଥିବାରୁ କେତେବେଳେ ଯେ କୌଣସି ବଡ ଅଘଟଣ ଘଟିବ ଏହାକୁ ନେଇ ସିନ୍ଧେକେଲା ର କିଛି ସ୍ୱେଚ୍ଛାସେବୀ ବାହାରି ପଡ଼ିଥିବା ରଡ୍‌କୁ ପିଟିପିଟି ଠିକ୍ କରୁଥିବା ଦେଖାଯାଇଥିଲା।

# ୧୮ତମ ପ୍ରବାସୀ ଭାରତୀୟ ଦିବସ ପାଳନ

କେନ୍ଦ୍ରାପଡ଼ା, ୯/୧ (ନି.ପ୍ର): କେନ୍ଦ୍ରାପଡାର ସମସ୍ତ ଶିକ୍ଷା ବିଭାଗ ଆନୁକୂଲ୍ୟ ରେ ୧୮ତମ ପ୍ରବାସୀ ଭାରତୀୟ ଦିବସ ୨୦୨୫ ପାଳନ ହୋଇଯାଇଛି । ଜିଲ୍ଲାର ୯ଗୋଟି ବ୍ଲକର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷା ଅଧିକାରୀ ଲୋକ ପ୍ରତିନିଧି ମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦିପ କୁମାର ନାଗଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ପୌର ଅଧକ୍ଷା ସରିତା ସାହୁ, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ସାଂସଦଙ୍କ ପ୍ରତିନିଧି କିଶୋର କୁମାର ପଣ୍ଡା, ସୂର୍ଯ୍ୟ ନାରାୟଣ ମିଶ୍ର, ମଣ୍ଡଳ ଶିକ୍ଷା ଅଧିକାରୀ ଚିତ ରଞ୍ଜନ ଜେନା, ବଳଦେବ ଜେନା, ଅଶୋକ ବଳିଆର ସିଂହ, ଦେବଦତ ଶତପଥୀ, ମନୋରଞ୍ଜନ ପଟ୍ଟନାୟକ, ବଳଦେବ ଉପାଧ୍ୟାୟ, ମିନତୀ ସେଠୀ ପ୍ରମୁଖ ଉପସ୍ଥିତ ରହି ସଭା ପ୍ରାରମ୍ଭରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସାଇକେଲ ଚାଳନା, କୁଇଜ, ପୋଷ୍ଟର, ରଚନା ଉପସ୍ଥାପନା ଆଦି ପ୍ରସ୍ତୁତି କରାଯାଇ ଥିଲା ।

# ଭବିଷ୍ୟତର ଖାଦ୍ୟ ଭାବରେ ଶ୍ରୀ ଅନ୍ନ (ମିଲେଟ୍) ଉପରେ ଅନ୍ତର୍ଜାତୀୟ ସେମିନାର ଆୟୋଜନ କରିବ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ

ଜୟପୁର , ୯/୧ (ନି.ପ୍ର): ଏକ ମୁଖ୍ୟ ଏବଂ ପୁଷ୍ଟିକର ଖାଦ୍ୟ ଭାବରେ ଶ୍ରୀ ଅନ୍ନ (ମିଲେଟ୍)ର ଗୁରୁତ୍ୱକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏହାର ସୁନାବେଡା ପରିସରରେ ଆସନ୍ତା ଜାନୁଆରୀ ୧୦ରୁ ୧୨ ତାରିଖ ମଧ୍ୟରେ ' ଶ୍ରୀ ଅନ୍ନ: ଭବିଷ୍ୟତ ପୃଥିବୀର ପୋଷକ ଖାଦ୍ୟ ' ଶୀର୍ଷକ ତିନି ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜନ କରିବାକୁ ଯାଉଛି । ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗ ପକ୍ଷରୁ ଏହି ସମ୍ମିଳନୀ ଆୟୋଜନ କରାଯାଉଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଚକ୍ରଧର ତ୍ରିପାଠୀ ଜାନୁଆରୀ ୧୦ ତାରିଖରେ ମୁଖ୍ୟ ପୃଷ୍ଠପୋଷକ ଭାବେ ଏହି ଅନ୍ତର୍ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ। ଭବିଷ୍ୟତର ଖାଦ୍ୟ ଭାବରେ ଶ୍ରୀ ଅନ୍ନର ବ୍ୟାପକ ସାମାଜିକ ଗ୍ରହଣୀୟତା ଏବଂ ଏହାର ମାର୍କେଟିଂ ଏବଂ ମୂଲ୍ୟ ବୃଦ୍ଧି ସମେତ ବିଭିନ୍ନ ଦିଗ ଉପରେ ଗବେଷଣା କରିବାକୁ ସେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଶିକ୍ଷାବିତ୍ ସମୁଦାୟଙ୍କୁ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ପ୍ରଫେସର ନରସିଂହ ଚରଣ ପଣ୍ଡା ଉପସ୍ଥିତ ରହିବେ।

ଶ୍ରୀ ଅନ୍ନ ପୋଷକ ତତ୍ତ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ, ଯାହା ବିଶ୍ୱବ୍ୟାପୀ ଲକ୍ଷ ଲକ୍ଷ ଲୋକଙ୍କ ଖାଦ୍ୟ ଏବଂ ପୋଷଣ ନିରାପତ୍ତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମଧ ଭାରତକୁ ' ଶ୍ରୀ ଅନ୍ନର ଗ୍ଲୋବାଲ୍ ହବ୍' ରେ ପରିଣତ କରିବା ର ଲକ୍ଷ୍ୟ ବାଂଚିଛନ୍ତି ଏବଂ ଏହାର ନାମ 'ଶ୍ରୀ ଆନ୍ନ' ରଖିଛନ୍ତି । ଓଡ଼ିଶାରେ ଶତାବ୍ଦୀ ଧରି ବିଶେଷ କରି କୋରାପୁଟ ସମେତ ଆଦିବାସୀ ଅଂଚଳରେ ଶ୍ରୀ ଅନ୍ନ ଚାଷ ହୋଇଆସୁଛି । ଯଦିଓ ଲୋକମାନେ ଶ୍ରୀ ଅନ୍ନକୁ ମୁଖ୍ୟ ଖାଦ୍ୟ ଭାବରେ ବ୍ୟବହାର କରନ୍ତି, ତଥାପି ସେମାନେ ଏହାର ପୁଷ୍ଟିକର ମୂଲ୍ୟ ଏବଂ ଜଳବାୟୁ ସହନଶୀଳ ଗୁଣ ଏବଂ ଜଳର ସୀମିତ ବ୍ୟବହାର ବିଷୟରେ ଅଜ୍ଞ ଅଟନ୍ତି । ପାରମ୍ପରିକ ସମ୍ପ୍ରଦାୟ ଦ୍ୱାରା ଶ୍ରୀ ଅନ୍ନର ବିବିଧତା, ଏହାର ଅମୂଲ୍ୟ ପୋଷକ ଗୁଣ, ପରିବେଶ ଉପକାରିତା ଏବଂ ଏହାର ସଂରକ୍ଷଣ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏହି ତିନି ଦିନିଆ ଅନ୍ତର୍ଜାତୀୟ ଆଲୋଚନାଚକ୍ରଆୟୋଜନ କରୁଛି । ଏହି ସମ୍ମିଳନୀ ପାଇଁ ମାନ୍ୟବର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି।

ଭବିଷ୍ୟତର ଏହି ଖାଦ୍ୟ ପାଇଁ ନୀତି ପ୍ରସ୍ତୁତ କରିବା, ଆଲୋଚନା କରିବା ଏବଂ କାର୍ଯ୍ୟକାରୀ କରିବା ପାଇଁ ଏହି ସମ୍ମିଳନୀରେ ବିଶିଷ୍ଟ ବୈଜ୍ଞାନିକ ଏବଂ ଶ୍ରୀ ଅନ୍ନ, କୃଷି ଏବଂ ଜୈବ ବିବିଧତା କ୍ଷେତ୍ରର ବିଶେଷଜ୍ଞମାନେ ଯୋଗଦେବେ । ଏମାନଙ୍କ ମଧ୍ୟରେ ଆଇସିଏଆରର ପୂର୍ବତନ ମହାନିର୍ଦ୍ଦେଶକ ଡ. ତ୍ରିଲୋଚନ ମହାପାତ୍ର, ଭାରତସ୍ଥିତ ଜାତିସଂଘ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ପ୍ରତିନିଧି ତଥା ନିର୍ଦ୍ଦେଶକ ଏଲିଜାବେଥ୍ ଫୌରେ, ଭାରତସ୍ଥିତ ସେମି-ଏରିଡ୍ ଟ୍ରପିକ୍ସର ଅନ୍ତର୍ଜାତୀୟ ଫସଲ ଗବେଷଣା ପ୍ରତିଷ୍ଠାନର ମୁଖ୍ୟ ଡ. କୁଲଦୀପ ସିଂହ, ଶ୍ରୀଲଙ୍କାର ୱାୟାମ୍ବା ବିଶ୍ୱବିଦ୍ୟାଳୟର ଡ. କେ ମୁଦିତ୍ ମେଭାନ୍, ଜର୍ଜିଆ ବିଶ୍ୱବିଦ୍ୟାଳୟ (ଆମେରିକା) ଡ. ଅଜୟ ବିଶ୍ୱାଳ, ଭର୍ଜିନିଆ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ମେଡିସିନ୍ ଡ. ରଣଜିତ କେ ସାହୁ ଏବଂ ଭାରତ ଭିତରେ ଥିବା ଅନ୍ୟ ପ୍ରତିନିଧିମାନେ ପ୍ରମୁଖ ଉପସ୍ଥିତ ରହିବେ ।

ସମ୍ମିଳନୀର ଅଧକ୍ଷ ପ୍ରଫେସର ଶରତ କୁମାର ପଳିତା ଏହି ସମ୍ମିଳନୀରେ କୃଷି ବୈଜ୍ଞାନିକ, ନୀତି ନିୟୋଜକ, ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିମାନେ ୨୦୦ରୁ ଅଧିକ ଗବେଷଣା ପତ୍ର ଉପସ୍ଥାପନ କରିବେ ବୋଲି କହିଛନ୍ତି । ଆୟୋଜକ ସମ୍ପାଦକ ଡ. ଦେବବ୍ରତ ପଣ୍ଡା ଏହି ସମ୍ମିଳନୀର ସକାରାତ୍ମକ ଫଳାଫଳ ଆଶାରଖିଛନ୍ତି କାରଣ ଶ୍ରୀ ଅନ୍ନ କେବଳ ପୃଥିବୀ ପାଇଁ ଭବିଷ୍ୟତର ଖାଦ୍ୟ ହେବ ନାହିଁ, ବରଂ ଜଳବାୟୁ ସହନଶୀଳ ପ୍ରଜାତି ବିଶ୍ୱ ସମ୍ମୁଖୀନ ହେଉଥିବା ଜଳବାୟୁ ଅନିଶ୍ଚିତତା ବିରୋଧରେ ଏହା ଆଶାର କିରଣ ଭାବେ ଉଭା ହେବ । ସମ୍ମିଳନୀର ଆୟୋଜକ ସମ୍ପାଦକ ତଥା ଆବାହକ ଡ. ଦେବବ୍ରତ ପଣ୍ଡା ଓ ସହ ଆବାହକ ଡ. କାକୋଲି ବାନାର୍ଜୀ ଏହି ତିନି ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀର ସଂଯୋଜନା କରିବେ । ଏହି ସମ୍ମିଳନୀ କୋରାପୁଟ ଅଂଚଳରେ ଶ୍ରୀ ଅନ୍ନର ବିକାଶ ପାଇଁ ଅତ୍ୟନ୍ତ ସହାୟକ ହେବ ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଏକ ପ୍ରେସ ଇସ୍ତାହାର ମାଧ୍ୟମରେ ରେ ସୂଚନା ଦେଇଛନ୍ତି।

# ରାଜସ୍ଥାନରେ ଉତ୍ତରାପବନ ଯୋଗୁଁ ପ୍ରବଳ ଥଣ୍ଡା: ୮ ଜିଲ୍ଲାରେ ଶୀତଲହର ଆଲର୍ଟ

ଜୟପୁର , ୯/୧ (ନି.ପ୍ର): ରାଜସ୍ଥାନରେ ଉତ୍ତରାପବନ ଯୋଗୁଁ ସକାଳ -ସନ୍ଧ୍ୟାରେ ଥଣ୍ଡା ବଢ଼ିଚାଲିଛି। ସୀକର ଜିଲ୍ଲାର ଫତେହପୁରରେ ତାପମାତ୍ରାରେ ହ୍ରାସ ରେକର୍ଡ ହୋଇଛି ଯାହା ମଙ୍ଗଳବାର ୯ ଡିଗ୍ରୀ ସେଲସିୟସରୁ ହ୍ରାସ ହୋଇ ବୁଧବାର ସକାଳ ଶୁନ୍ୟ ଡିଗ୍ରୀ ସେଲସିୟସକୁ ଖସିଆସିଛି। ଏହି ରାଜ୍ୟରେ ସବୁଠାରୁ କମ ତାପମାତ୍ରା। ନାଗୌରରେସର୍ବନିମ୍ନ ତାପମାତ୍ରା ୨.୫ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଥିବାବେଳେ ମାଉଂଟ ଆବୁ ,ସିରୋହୀ ଏବଂ ବନସ୍ଥଳୀରେ ମଧ ତାପମାତ୍ରାରେ ହ୍ରାସ ଘଟିଛି। ପାଣିପାଗ ବିଭାଗ କେନ୍ଦ୍ର ଜୟପୁରସୀକର,ଚୁରୁ,ଝୁଞ୍ଝୁନୁ ,ନାଗୌର ଏବଂ ଦୋସା ସମେତ ଆଠ ଜିଲ୍ଲାରେ ଶୀତଲହର ପାଇଁ ୟେଲୋ ଆର୍ଲଟ ଜାରି କରାଯାଇଛି। ଏଥିସହିତ,୧୦-୧୧ ଜାନୁଆରୀରେ ବୀକାନେର, ଜୟପୁର ଏବଂ ଭରତପୁର ଜିଭିଜନର ଜିଲ୍ଲାରେ ସକ୍ରିୟ ପାଶ୍ଚାତ୍ୟ ପବନ ହେତୁ ଆକାଶ ମେଘାଛନ ଏବଂ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି।ମକର ସଂକ୍ରାନ୍ତି ପୂର୍ବରୁ ରାଜ୍ୟର କିଛି ଅଂଚଳରେ ପାଗରେ ପରିବର୍ତ୍ତନ ଦେଖିବାକୁ ମିଳିପାରେ।ପାଲୀ ଏବଂ ନାଗୌରରେ ପ୍ରବଳ ଶୀତର ପ୍ରଭାବ ଜାରି ରହିଛି।ପାଲୀରେ ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ଏବଂ ସର୍ବାଧିକ ତାପମାତ୍ରା ୨୪ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଫତେହପୁରରେ କୁହୁଡି କମ ଏବଂ ଶୀତଲହର ପ୍ରଭାବଶାଳୀ ହେତୁ ତାପମାତ୍ରାରେ ହଠାତ ହ୍ରାସ ରେକର୍ଡ କରାଯାଇଛି। ଆଗାମୀ କିଛି ଦିନ ପର୍ଯ୍ୟନ୍ତ ଥଣ୍ଡାର ପ୍ରଭାବ ରହିବାର ସମ୍ଭାବନା ରହିଛି।

# ସୋନପୁରଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, ୯/୧ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି କ୍ଷ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଓ ଆରକ୍ଷୀ ଅଧିକ୍ଷକ ରାମ ପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣ ଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୨୯ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୧୩ ଗୋଟି ଗ୍ରହଣ କରାଯାଇଥିବା ବେଳେ ୧୬ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି କ୍ଷ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଡିଓ, ସୋନପୁରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଉପଜିଲ୍ଲାପାଳ ସୋନପୁର ଡ଼ଃ ସୌମ୍ୟାରୂପା ରଥଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

# ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୦୩ ତମ ଆଗମନ ସମାବେଶ ୧୨ରେ

ପୁରୀ , ୯/୧ (ନି.ପ୍ର): ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ପୂଣ୍ୟ ଉତ୍କଳ ଆଗମନର ୧୦୩ ତମ ଶୁଭ ମହୋତ୍ସବ ଚଳିତ ମାସ ୧୨ ତାରିଖ ରବିବାର ଅନୁଷ୍ଠିତ ହେବ। ଜାନୁଆରୀ ୧୨ ତାରିଖରେ ତାଳବଣିଆ ଠାରେ ଏହାକୁ ଭବ୍ୟ ଭାବେ ଆୟୋଜନ କରିବାକୁ ଉତ୍କଳ ଆଗମନୀ ସ୍ମୃତି ଉତ୍ସବ କମିଟି ନିଷ୍ପତ୍ତି ନେଇଛି। ଏହାକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ସ୍ମୃତି ଉତ୍ସବ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ପ୍ରତି ଋତିକ ତଥା ଦେଓଘର ସତସଙ୍ଗର ସହ ସମ୍ପାଦକ ଡା ବିନାୟକ ମହାପାତ୍ର ସୂଚନା ଦେଇଛନ୍ତି।ଏ ସମ୍ପର୍କରେ ଆଜି ପୂର୍ବାହ୍ନରେ ପୁରୀ ସତସଙ୍ଗ ଠାକୁର ବାଡ଼ି ପରିସରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।ଏଥିରେ ସୂଚନା ଦେଇ ଉତ୍ସବ କମିଟିର ଯୁଗ୍ମ ସମ୍ପାଦକ ନିରଞ୍ଜନ ବେହେରା ବିଭିନ୍ନ ସ୍ଥାନରୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁ ମାନେ ଯେପରି ଉତ୍ସବ ସ୍ଥଳରେ ସୁନ୍ଦର ଓ ଶୃଙ୍ଖଳିତ ଦର୍ଶନ ସହ କାର୍ଯ୍ୟକ୍ରମ କୁ ଶ୍ରଦ୍ଧାର ସହ ଉପଭୋଗ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଉଛି ବୋଲି କହିଥିଲେ।ତିନୋଟି ଉତ୍ସବ ମଣ୍ଡପରେ ୧୨ ତାରିଖ ଦିନ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବ୍ରାହ୍ମମୁହୂର୍ତ୍ତେ ବେଦ ମାଙ୍ଗଳିକୀ ଓ ନହବତ,ପ୍ରତ୍ୟୁଷେ ଉଷାକିର୍ତ୍ତନ ରୁ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି କହିଥିଲେ। ସକାଳ ୬.୨୨ ମିନିଟ ରୁ ଉଷାବିନତି,ଦର୍ଶନ, ପ୍ରଣାମ ଓ ପରେ ପୂଣ୍ୟ ଉତ୍ସବ ର ଶୁଭ ଉଦଘାଟନ କରାଯିବ।୮.୩୦ ରେ ଶ୍ରୀ ବିଗ୍ରହ ଶୋଭାଯାତ୍ରା ,ସଂଗୀତାଞ୍ଜଳି ଓ ନୃତ୍ୟ ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ,ଦିବା ୧୧ ଘଟିକା ରେ ପ୍ରସାଦ ସେବନ,ସକାଳ ୮ ଘଟିକା ରୁ ଦିବା ୧ ଘଟିକା ପର୍ଯ୍ୟନ୍ତ ବିବିଧ ଇଷ୍ଟ ପ୍ରସଙ୍ଗ ଆଲୋଚନା, ଅପରାହ୍ନ ୨.୩୦ ଘଟିକା ରେ ଚିକିତ୍ସକ ସମ୍ମିଳନୀ,୩.୩୦ ମିନିଟ ରେ ମାତୃ ସମ୍ମିଳନୀ, ସଂଧ୍ୟା ୫.୨୩ ରେ ସଂଧ୍ୟା ବିନତି, ପ୍ରଣାମ, ଗ୍ରନ୍ଥ ପାଠ, ୭ ଘଟିକା ରେ ସତସଙ୍ଗ, ସଦାଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ତାଳବଣିଆ ପଡିଆ ଓ ଶିଳ୍ପ ତାଲିମ କେନ୍ଦ୍ର ପଡ଼ିଆରେ ଯାନବାହାନ ପାର୍କିଂ ହେବ ବୋଲି ସୂଚନା ଦେଇଥିଲେ। ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଡଃ ହୃଷୀକେଶ ସେନାପତି , ଡମ୍ବରୁଧର ଦାସ,ଡଃ ନନ୍ଦ କିଶୋର ପ୍ରଧାନ, ଅରୁଣ କୁମାର ସାହୁ, ସମିର ରଞ୍ଜନ ବେହେରା, ନଟବର ଓଝା,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖ ଯୋଗ ଦେଇ ବିବିଧ ସୂଚନା ପ୍ରଦାନ କରିଥିଲେ।

# ବାସୁଦେବପୁର ସୋସାଇଟିରେ ଧାନ ମଣ୍ଡି ଉଦ୍‌ଘାଟିତ



ବାସୁଦେବପୁର, ୯/୧ (ନି.ପ୍ର): ବାସୁଦେବପୁର ସେବା ସମବାୟ ସମିତିରେ ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ ଯୋଗାଣ ବିଭାଗ ଅଧିକାରୀ ମଧୁସ୍ମିତା ସେନାପତି, ସଭାପତି ଶରତ କୁମାର ବାରିକ୍, ସେବା ସମବାୟ ସମିତିର ସମ୍ପାଦକ ତନ୍ମୟ କୁମାର ମଲ୍ଲିକ ଓ ଉପ ସଭାପତି ଅନ୍ନପୂର୍ଣ୍ଣା ମହାନ୍ତି । ଧାନ କିଣା କମିଟି ସଦସ୍ୟ,ପରିଚାଳନା କମିଟି ସଦସ୍ୟ ଓ ଅଫିସ୍ ଷ୍ଟାଫ ଏହି ଅବସରରେ ଯୋଗ ଦେଇଥିଲେ । ଧର୍ମ କଣ୍ଟା ଓ ଧାନ ବସ୍ତାକୁ ଏହି ଅବସରରେ ବ୍ରାହ୍ମଣ ପୁରୋହିତ ମନ୍ତ୍ର ପାଠ କରି ପୂଜା ଅର୍ଚ୍ଚନା କରିଥିଲେ । ସେହିପରି ଇରମ ସେବା ସମବାୟ ସମିତିରେ ଧାନ ମଣ୍ଡି ଉଦଘାଟିତ ହୋଇ ଯାଇଛି । ଏହି ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ କୋପ ରେଟିଭ ବ୍ୟାଙ୍କ୍ ମ୍ୟାନେଜର ମହେନ୍ଦ୍ର ପ୍ରସାଦ ନାୟକ, ଆର ଆଇ ସଂଯୁକ୍ତା ଟୁଡୁ, ସଭାପତି ନିରଞ୍ଜନ ନାୟକ ଓ ସେବା ସମବାୟ ସମିତିର ସମ୍ପାଦକ ରଶ୍ମି ରଞ୍ଜନ କବାଟ । ଧାନ କିଣା କମିଟି ସଦସ୍ୟ ଏବଂ ବୋର୍ଡ ସଦସ୍ୟ ଏବଂ ଚାଷୀ ଭାଇ ମାନେ ଉପସ୍ଥିତ ଥିଲେ ।

# ଝୁଲନ୍ତା ଅବସ୍ଥାରେ ଅଜଣା ଯୁବକଙ୍କ ମୃତ ଦେହ ଉଦ୍ଧାର : ହତ୍ୟା ସନ୍ଦେହ

ଧର୍ମଶାଳା, ୯/୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଅଂଚଳରେ ଅଘଟଣ । ଝୁଲନ୍ତା ଅବସ୍ଥାରେ ଯୁବକଙ୍କର ମୃତ ଦେହ ଉଦ୍ଧାର । ହତ୍ୟା ସନ୍ଦେହ । ଧର୍ମଶାଳା ପୁଲିସର ତଦନ୍ତ । ଏଭଳି ଘଟଣା ଘଟିଛି ଏହି ଥାନା ଅନ୍ତର୍ଗତ କ୍ଷେତ୍ରପାଳ ପଂଚାୟତସ୍ଥ ଶ୍ରୀରାମପୁର ଗ୍ରାମରେ । ଗ୍ରାମ ନିକଟସ୍ଥ ଏକ ଗଛରେ ଜଣେ ଯୁବକ ବେକରେ ଫାଶି ଲଗାଇ ଝୁଲୁ ଥିବା ଦେଖିବାକୁ ମିଳିଥିଲା । ମୃତ ଯୁବକଙ୍କର ପରିଚୟ ମିଳି ପାରି ନାହିଁ । ମୃତ ଯୁବକଙ୍କର ବୟସ ପାଖାପାଖି ୪୦ରୁ୪୫ବର୍ଷ ହେବ ଅନୁମାନ କରାଯାଉଛି । ଏନେଇ ସ୍ଥାନୀୟ ଲୋକେ ଥାନାରେ ଜଣାଇବା ପରେ ଘଟଣାସ୍ଥଳରେ ପୁଲିସ ପଂହଚି ମୃତ ଦେହକୁ ଜବତ କରି ତଦନ୍ତ ଜାରି ରଖିଛି । ଅଜଣା ଯୁବକକ ଜଣକ କାହିଁକି କେଉଁ ଉଦ୍ଦେଶ୍ୟରେ ଆତ୍ମହତ୍ୟା କଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ କେଉଁ କାରଣରୁ ଯୁବକ ଜଣକ ଆତ୍ମହତ୍ୟା କଲେ ତାହାକୁ ନେଇ ସନ୍ଦେହ ବଢି ଯାଇଛି । ଏହା ହତ୍ୟା ନା ଆତ୍ମହତ୍ୟା । ତାହା ଜଣାପଡି ନାହିଁ । ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ଧର୍ମଶାଳା ଥାନା ଅଧବକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ପ୍ରବାସୀ ଭାରତୀୟ...

ଆଜି ଭାରତ ଫାଇଟର ଜେଟ୍ ନିର୍ମାଣ କରୁଛି । ଭାରତର କଥାକୁ ଆଜି ପୂରା ବିଶ୍ୱ ଶୁଣୁଛି ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ । ପ୍ରବାସୀଙ୍କ ନିମନ୍ତେ ଆମେ ଗୌରବାନ୍ୱିତ ଅନୁଭବ କରୁଥିବାରୁ ସେମାନଙ୍କ ସମସ୍ୟା ଦୂର କରିବା ଆମ ଦାୟିତ୍ୱ । ପୂର୍ବରୁ ପ୍ରବାସୀମାନେ ସାହାଯ୍ୟ ପାଇଁ ଅନୁରୋଧ କରୁଥିଲେ । ଏବେ କିନ୍ତୁ ସମୟ ବଦଳିଛି, ଆମେ ପ୍ରବାସୀଙ୍କୁ ଗୁରୁତ୍ୱ ଦେଉଛୁ । ସେମାନଙ୍କ ସମୃଦ୍ଧି ଓ ସୁରକ୍ଷା ଉପରେ ଗୁରୁତ୍ୱ ଦେଉଛୁ । ଏହି ଅବସରରେ ମୋଦି ପ୍ରବାସୀ ଭାରତୀୟ ଏକ୍ସପ୍ରେସ ଟ୍ରେନର ଶୁଭାରମ୍ଭ କରିବା ସହ ପ୍ରବାସୀ ଭାରତୀୟ ଏକଜିବିସନ ବୁଲି ଦେଖିଛନ୍ତି । ଆସନ୍ତାକାଲି ପ୍ରବାସୀ ଭାରତୀୟ ଦିବସର ଉଦଯାପନୀ ସମାରୋହ ଆୟୋଜିତ ହେବ । ଏଥିରେ ଯୋଗଦେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଏଥିପାଇଁ ଆଜି ଅପରାହ୍ନରେ ରାଷ୍ଟ୍ରପତି ମୁର୍ମୁ ଭୁବନେଶ୍ୱରରେ ପହଞ୍ଚିବେ ।

## ରାଜଧାନୀ ମର୍ଡର ମାମଲାରେ...

କେଦାରପଲ୍ଲୀ ଲକ୍ଷ୍ମୀଧର ନାୟକ ଓରଫ ମଣ୍ଟି ଓ ତାଙ୍କର ସହଯୋଗୀ ଖୋର୍ଦ୍ଧା ଜିଲ୍ଲାର ରକି ନାୟକ ଆକ୍ରମଣ କରିଥିଲା । ରକି ନାୟକ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲା । ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ କ୍ୟାପିଟାଲ୍ ମେଡିକାଲ୍ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମର୍ଡର ନେଇ ସ୍ପଷ୍ଟ ହେବା ପରେ ଅଭିଯୁକ୍ତଙ୍କୁ ଧରିବା ପାଇଁ କମିସନ୍‌ରେଟ୍ ପୁଲିସ୍ ୩ଟି ଟିମ୍ ଗଠନ କରିଥିଲା । ଅଭିଯୁକ୍ତଙ୍କ ପିଛା କରିଥିଲା । ନୟାଗଡ଼ରୁ ଲକ୍ଷ୍ମୀଧର ଓ ରକିଙ୍କୁ ଧରିଥିଲା । ପରେ ସେମାନଙ୍କ ବୟାନ୍ ଆଧାରରେ ଲକ୍ଷ୍ମୀଧରଙ୍କ ପତ୍ନୀ ଲିପିକା, କେଦାରପଲ୍ଲୀ ଅଞ୍ଚଳର ରାକେଶ ନାୟକ ଓରଫ ଅଣ୍ଡା ଓ ତାଙ୍କ ପତ୍ନୀ ଲକ୍ଷ୍ମୀ ନାୟକଙ୍କୁ ଧରିଥିଲା । ଅନ୍ୟତମ ଅଭିଯୁକ୍ତ ଫେରାର ରହିଛି । ଏଥିସହ ଆକ୍ରମଣରେ ବ୍ୟବହୃତ ହୋଇଥିବା ୨ଟି ବାଇକ୍, ଧାରୁଆ ଅସ୍ତ୍ର, ୪ଟି ମୋବାଇଲ୍, ରକ୍ତ ଭିଜା ସାର୍ଟ, ୨ଟି ବ୍ୟାଗ ପୁଲିସ୍ ଜବତ କରିଛି । ଏବେ ମଧ୍ୟ ଘଟଣାର ତଦନ୍ତ ଚାଲିଛି । ଗିରଫ ଅଭିଯୁକ୍ତଙ୍କଠାରୁ ତଥ୍ୟ ସଂଗ୍ରହ କରାଯାଉଛି । ପ୍ରାଥମିକ ତଦନ୍ତରୁ ବ୍ୟକ୍ତିଗତ କାରଣ ପାଇଁ ହତ୍ୟା କରାଯାଇଥିବା ଡିସିପି କହିଛନ୍ତି । ସେପଟେ ଡିସିପି କହିଛନ୍ତି, ସମସ୍ତ ଅଭିଯୁକ୍ତଙ୍କର ଅପରାଧୀକ ରେକର୍ଡ ଯାଞ୍ଚ ଚାଲିଛି । ତେବେ ପୂର୍ବରୁ ଲିପିକାଙ୍କୁ ଗିରଫ କରିଥିଲା ଅବକାରୀ ବିଭାଗ ।ସେ ଗତ ୫ ତାରିଖରେ ବେଲ୍‌ରେ ଆସିଥିଲେ ।

## ଭୁବନେଶ୍ୱରରେ ରାଷ୍ଟ୍ରପତି ...

ଭାରତୀୟଙ୍କୁ ସେମାନଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ 'ପ୍ରବାସୀ ଭାରତୀୟ ସମ୍ମାନ'ରେ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ରହିଛି । ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ଏହି ସମ୍ମାନ ପାଇବାକୁ ଥିବା ବ୍ୟକ୍ତିବିଶେଷଙ୍କ ନାମ ଘୋଷଣା ସରିଛି । ସୂଚନାଯୋଗ୍ୟ, ଏହି ୩ଦିନିଆ ସମାରୋହକୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନୁଷ୍ଠାନିକ ଉଦଘାଟନ କରିଥିଲେ । ଜନତା ମଇଦାନରେ ଆୟୋଜିତ ଏହି ସମାରୋହରେ ଯୋଗ ଦେବାକୁ ପ୍ରଧାନମନ୍ତ୍ରୀ ମୋଦି ଗତକାଲି ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଂଚିଥିଲେ ।

## ମନ୍ତ୍ରୀଙ୍କ ତାଗିଦ୍: ୩୧ସୁଦ୍ଧା ...

ସେମାନଙ୍କୁ ଜାନୁୟାରୀ ୩୧ତାରିଖ ସୁଦ୍ଧା ଏହି ଇ-କେଓ୍ୱାଇସି ଯାଂଚ ସମ୍ପୂର୍ଣ୍ଣ କରିବାକୁ ରାଜ୍ୟ ସରକାର ସମୟ ଦେଇଛନ୍ତି । ଯେଉଁମାନେ ଏହି ନିର୍ଦ୍ଧାରିତ ଅବଧି ମଧ୍ୟରେ ଇ-କେଓ୍ୱାଇସି ଯାଂଚ ଶେଷ କରିନଥିବେ ସେମାନଙ୍କର କାର୍ଡକୁ ରାଜ୍ୟ ସରକାର ଅକାମୀ କରିଦେବେ । ହିତାଧିକାରୀମାନେ ନିଜର ରାସନ୍ ସାମଗ୍ରୀ ପାଉଥିବା କେନ୍ଦ୍ର(ରାସନ ଡିଲର) ଅବା ସ୍ଥାନୀୟ ଜନସେବା କେନ୍ଦ୍ରକୁ ଯାଇ ଏହି ଇ-କେଓ୍ୱାଇସି ପ୍ରକ୍ରିୟା ଶେଷ କରିବାକୁ ରାଜ୍ୟ ସରକାର ପରାମର୍ଶ ଦେଇଛନ୍ତି । ବାହାର ରାଜ୍ୟରେ ରହୁଥିବା ରାସନକାର୍ଡଧାରୀଙ୍କ ଇ-କେଓ୍ୱାଇସି ଯାଂଚ ପ୍ରକ୍ରିୟାରେ ସହଯୋଗ କରିବା ନିମନ୍ତେ ସରକାରୀ ଅଧିକାରୀମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି । ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାର ରାଜ୍ୟ ଭିତରେ ରାସନକାର୍ଡ ହିତାଧିକାରୀ ଥିବା ବୃଦ୍ଧବୃଦ୍ଧା ଓ ଅସୁସ୍ଥ ଲୋକଙ୍କୁ ଭେଟି କେଓ୍ୱାଇସି ଯାଂଚ କରିବା ନିମନ୍ତେ ସରକାରୀ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ବାହାରେ ଥିବା ଶ୍ରମିକମାନେ ଯୋଗାଯୋଗ କଲେ ସେଠାକୁ ମଧ୍ୟ ସରକାରୀ କର୍ମଚାରୀଙ୍କୁ ପଠାଯିବାକୁ ମଧ୍ୟ ପଦକ୍ଷେପ ନେଇଛନ୍ତି । ଏବେସୁଦ୍ଧା ରାଜ୍ୟରେ ପ୍ରାୟ ୮୬ପ୍ରତିଶତ ରାସନକାର୍ଡର ଇ-କେଓ୍ୱାଇସି ଯାଂଚ ଶେଷ ହୋଇଛି । ଇ-କେଓ୍ୱାଇସି ଯାଂଚ ମାଧ୍ୟମରେ ଏବେସୁଦ୍ଧା ରାଜ୍ୟରୁ ପ୍ରାୟ ୪୦ଲକ୍ଷ ଭୂତ ହିତାଧିକାରୀ ଚିହ୍ନଟ ହୋଇସାରିଲେଣି । ପ୍ରତ୍ୟେକ ଜିଲ୍ଲାରେ ପ୍ରାୟ ୧ଲକ୍ଷରୁ ଦେଢ଼ ଲକ୍ଷ ଭୂତ ରାସନକାର୍ଡଧାରୀ ଚିହ୍ନଟ ହୋଇଛନ୍ତି ।

## ବିଷ ପିଇ ଦେଲେ ...

ମୃତ ସି. ଏଚ୍ ଭାର୍ଗବଙ୍କ ଘର ରାଣୀଗୁଡ଼ା ଫାର୍ମ ନିକଟରେ ହୋଇଥିବା ବେଳେ ଶ୍ରୀନୁ କୁମାର ଯାଦବଙ୍କ ଘର ସାଇପ୍ରିୟ ନଗରରେ । ସେମାନଙ୍କ ମୃତ୍ୟୁରେ ଏହି ଦୁଇ ସ୍ଥାନରେ ବସବାସ କରୁଥିବା ଲୋକେ ସ୍ତବ୍ଧ ହୋଇଯାଇଛନ୍ତି । ରାୟଗଡ଼ା ଟାଉନ ଥାନା ପୁଲିସ ଘଟଣାର ତଦନ୍ତ କରୁଛି ।

## କେନ୍ଦ୍ର ଆଇଟି ...

ରାଉରକେଲା, ଆଆଇଆଇଟି ଭୁବନେଶ୍ୱର ଓ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜ ବ୍ରହ୍ମପୁର ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଥିଲେ । ଓଡ଼ିଶାରେ ଏକ ବିଶ୍ୱସ୍ତରୀୟ ଆଇଟି ପ୍ରଶିକ୍ଷଣ ପ୍ରତିଷ୍ଠାନ ସ୍ଥାପନ ପାଇଁ ଜମି ସହିତ ଅନ୍ୟାନ୍ୟ ସବୁପ୍ରକାରର ସହଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ସେମି କଣ୍ଡକ୍ଟର ଶିଳ୍ପ ପ୍ରତିଷ୍ଠା ପାଇଁ ମଧ୍ୟ କେନ୍ଦ୍ରମନ୍ତ୍ରୀଙ୍କ ସହଯୋଗ ଲୋଡ଼ିଛନ୍ତି । ଓଡ଼ିଶାରେ ଯେପରି ଅଧିକରୁ ଅଧିକ ଆଇଟି କମ୍ପାନୀ ପୁଞ୍ଜିବିନିଯୋଗ କରିବେ ସେଥିପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ସହଯୋଗ ଲୋଡ଼ିଛନ୍ତି । ଓଡ଼ିଶାରୁ ଅଧିକ ଲୋକ ମହାକୁମ୍ଭ ମେଳା-୨୦୨୫ ଦେଖିବାକୁ ଯିବା ସମ୍ପର୍କରେ ମଧ୍ୟ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ସବୁପ୍ରକାରର ସହଯୋଗ ଓ ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ଆଲୋଚନାବେଳେ ଓଡ଼ିଶାରେ ଏବେ ୪୮ଟି ନୂଆ ରେଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲିଛି ଓ ଏଥିରେ ୭୩୭୨୩କୋଟି ଟଙ୍କା ବିନିଯୋଗ କରାଯାଉଥିବା କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ସୂଚନା ଦେଇଥିଲେ । ଏବେ ନିକଟରେ କେନ୍ଦ୍ର କ୍ୟାବିନେଟ୍ ଆଉ ୮ଟି ନୂଆ ପ୍ରକଳ୍ପକୁ ମଧ୍ୟ ଅନୁମୋଦନ କରିଛନ୍ତି । ଆସନ୍ତା ୫ବର୍ଷ ମଧ୍ୟରେ ଓଡ଼ିଶାରେ ଆହୁରି ଅନେକ ନୂଆ ରେଳପ୍ରକଳ୍ପ ହାତକୁ ନିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେବା ସହ ୨୦୧୪ରୁ ୨୦୨୪ ମସିହା ମଧ୍ୟରେ ଓଡ଼ିଶାରେ ୧୮୨୭କିମି ଦୀର୍ଘ ରେଳମାର୍ଗ ନିର୍ମାଣ କରାଯାଇଛି, ଯାହାକି ଶ୍ରୀଲଙ୍କାର ରେଳ ନେଟଓ୍ୱାର୍କଠୁ ଅଧିକ । ଏହି ଅବଧି ମଧ୍ୟରେ ୪୨୭ଟି ରେଳ ଅଣ୍ଡରବ୍ରିଜ୍ ନିର୍ମାଣ କରାଯାଇଛି । ଓଡ଼ିଶାରେ ୬ଟି ବନ୍ଦେ ଭାରତ ଟ୍ରେନ ଚାଲୁଥିବାବେଳେ ଅମୃତ ଷ୍ଟେସନ ଯୋଜନାରେ ୫୯ଟି ଷ୍ଟେସନର ଉନ୍ନତି କରାଯିବ ବୋଲି ଆଲୋଚନାରୁ ଜଣାପଡ଼ିଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂଚନା ଦେଇଛି ।

# ଅବସରପ୍ରାପ୍ତ କର୍ମଚାରୀଙ୍କ ବନ୍ଧୁମିଳନ

କପ୍ତିପଦା,୯/୧(ନିପ୍ର)-କପ୍ତିପଦା ବ୍ଲକର ଅବସରପ୍ରାପ୍ତ କର୍ମଚାରୀ ମାନଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ କାଳବନ୍ଧଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସଂଘର ସଭାପତି ରାଜ୍ୟ ପୁରସ୍କାରପ୍ରାପ୍ତ ସେବା ନିବୃତ୍ତ ପ୍ରଧାନଶିକ୍ଷକ ଯୁଗଳକିଶୋର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘର ଲକ୍ଷ୍ୟ,ଉଦ୍ଦେଶ୍ୟ ଓ ଆଗାମୀ କାର୍ଯ୍ୟପନ୍ଥା ସଂପର୍କରେ ଆଲୋଚନା ହୋଇଥିଲା । ଚଳିତ ଶୀତଋତୁରେ ଗରିବ ଓ ଅସହାୟ ଲୋକମାନଙ୍କୁ ସଂଘ ତରଫରୁ କମ୍ବଳ ବଣ୍ଟନ କରାଯିବାର ସିଦ୍ଧାନ୍ତ ଗ୍ରହଣ କରାଗଲା । ସଂଘର ସଂପାଦକ ଶତୃଘ୍ନ ମହାନ୍ତ ଗତ ବୈଠକ ବିବରଣୀ ପାଠ କରିବା ସହିତ ଆଗାମୀ ଫେବୃୟାରୀ ୧୦ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ସଂଘର ସାଂଗଠନିକ ରୂପରେଖ ସଂପର୍କରେ ଆଲୋଚନା ହେବ ବୋଲି ସ୍ଥିର କରାଗଲା । ଉକ୍ତ ବନ୍ଧୁମିଳନ କାର୍ଯ୍ୟକ୍ରମକୁ ରାଜେନ୍ଦ୍ର ବେହେରା, ସନ୍ତୋଷ କୁମାର ବେହେରା, ଗୋବିନ୍ଦ ବେଜ୍, ଓ ଦିଲ୍ଲୀପ ଦାଶ ପ୍ରମୁଖ ପରିଚାଳନା କରିଥିବାବେଳେ ଅବସରପ୍ରାପ୍ତ ଶିକ୍ଷକ ରଜନୀକାନ୍ତ ମୁଖୀ, କୈଳାସ ଚନ୍ଦ୍ର ସାହୁ, ଜୟଚନ୍ଦ୍ର ବେହେରା, ରମାନାଥ ପାଣିଗ୍ରାହୀ,ଶ୍ୟାମସୁନ୍ଦର ମାରାଣ୍ଡି, ଭାସ୍କର ବାରିକ୍, ଅଜୟ କୁମାର ବେହେରା, ବାଇଧର ବେହେରା, ସୁଧାଂଶୁ ମହାପାତ୍ର ଓ ପୁରୁଷୋତ୍ତମ ବେହେରା ପ୍ରମୁଖ ଯୋଗଦେଇ ନିଜନିଜର ସୁଚିନ୍ତିତ ମତାମତ ରଖିଥିଲେ ।

# ଦେବଳା ଆଶ୍ରମର ବାର୍ଷିକ ଉତ୍ସବ

କପ୍ତିପଦା, ୯/୧ (ନି.ପ୍ର): କପ୍ତିପଦା ବ୍ଲକ୍ ଅନ୍ତର୍ଗତ ଦେବଳାସ୍ଥିତ ଦେବଳା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆଜି ମହାଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଦୀପକ ଦଣ୍ଡପାଟଙ୍କ ପୌରଭିତ୍ୱରେ ଆୟୋଜିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାମଙ୍ଗଳ ଅଧିକାରୀ ଶ୍ରୀମତୀ ଲିପି--- ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସଂସ୍କାରି, ସମୟାନୁବର୍ତ୍ତୀ ଓ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ପୂର୍ବତନ ଜିଲ୍ଲାବିଜ୍ଞାନ ପରିଦର୍ଶକ ତଥା ଏବେର କଣ୍ଟାପାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସାହିତ୍ୟିକ ଅମିତାଭ ମିଶ୍ର ଯୋଗଦେଇ ପିଲାମାନଙ୍କୁ ଶିକ୍ଷାଗ୍ରହଣ ସହିତ ଗୁରୁଜୀଗୁରୁମା ତଥା ପିତାମାତାଙ୍କୁ ଭକ୍ତି କରିବା ସହିତ ମାତୃଭୂମି ଓ ମାତୃଭାଷା ପ୍ରତି ଅନୁରାଗୀ ହେବାକୁ ମାର୍ଗଦର୍ଶନ ଦେଇଥିଲେ । ବିଶିଷ୍ଟ ସମ୍ମାନିତ ଅତିଥି କପ୍ତିପଦା ବ୍ଲକ୍‌ର ମଙ୍ଗଳ ସଂପ୍ରସାରଣ ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୟସରେନ ଯୋଗଦାନ କରି ସମସ୍ତ ଛାତ୍ରଛାତ୍ରୀଙ୍କୁ ପାଠାନୁରାଗୀ ହେବା ସହିତ ସବୁବେଳେ ଉଚ୍ଚାଶା ପୋଷଣ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ, ମୟୂରଭଞ୍ଜର ସଭାପତି ଶ୍ରୀଯୁକ୍ତ ଚିତ୍ତରଞ୍ଜନ ପ୍ରତିହାରୀ ମହୋଦୟ ଯୋଗଦାନ କରି ଆଶ୍ରମର ଶିକ୍ଷକ-ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ଗୁଣଗାନ କରିବା ସହିତ, ନିଷ୍ଠାପର ଭାବେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ସତ୍ ?ପ୍ରଚେଷ୍ଟା ଜାରି ରଖିଲେ ସଫଳତା ନିଶ୍ଚିତ ବୋଲି ମତପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିବା ଉତ୍କଳମଣି ଗୋପବନ୍ଧୁ ବି.ଇଡ଼ି. କଲେଜର ବରିଷ୍ଠ ଅଧ୍ୟାପକ ଡ. ସରୋଜ କୁମାର ନାୟକ ମହୋଦୟ ତିନୋଟି ଗୁଢ଼ ତଥ୍ୟ ଯଥା- କାହାରିକୁ ଘୃଣାକରିବା, କାହା ସହିତ ନିଜକୁ ତୁଳନା କରିବାନି ଓ କୌଣସି ସତକର୍ମ ସମ୍ପାଦନରେ ପଛଘୁଞ୍ଚା ନଦେବା ପ୍ରତି ଗୁରୁତ୍ୱ ଦେବା ସହିତ ସବୁବେଳେ ନିଜର ଜୀବନର ଲକ୍ଷ୍ୟସ୍ଥିର କରି ତାହା ସାଧନ ଦିଗରେ ନିଷ୍ଠାଡର ଭାବେ ପ୍ରୟାସୀ ହେବାକୁ ବକ୍ତବ୍ୟ ରଖିଥିଲେ । ଅନ୍ୟ ସମ୍ମାନିତ ଅତିଥି ଶିକ୍ଷାବିତ୍ ଶ୍ରୀଯୁକ୍ତ ଗୋପିନାଥ ନାୟକ, ସି.ଆର.ସି.ସି. ଶ୍ରୀଯୁକ୍ତ ଅଜୟ କୁମାର ଦାଶ, ଦେବଳା ଗ୍ରା.ପ. ର ସରପଞ୍ଚ ଶ୍ରୀଯୁକ୍ତ ଭୀମଚରଣ ସିଂ, ଦେବଳା ଗ୍ରା.ପ. ର ସମିତି ସଭ୍ୟ ଶ୍ରୀଯୁକ୍ତ ଶିବପ୍ରସାଦ ସିଂ ତଥା ଦେବଳା ଆଶ୍ରମ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଶ୍ରୀଯୁକ୍ତ ବୁଦ୍ଧଦେବ ସିଂ ମହୋଦୟ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ, ବିଦ୍ୟାନୁରାଗୀ ତଥା ସତ୍ୟନିଷ୍ଠ ହେବାକୁ ପରାମର୍ଶ ଦେଇଥିଲେ । ସଭାପତିତ୍ୱ କରିଥିବା ଆଶ୍ରମର ପ୍ରଧାନଶିକ୍ଷକ ବାର୍ଷିକ ବିବରଣୀ ପାଠ କରିବା ସହିତ ସମସ୍ତ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତି ସାଧନରେ ଅନୁଷ୍ଠାନର ସମସ୍ତ ଶିକ୍ଷକ-ଶିକ୍ଷୟତ୍ରୀ, କର୍ମଚାରୀ ତଥା ପରିଚାଳନା କମିଟିର ଉତ୍ତରଦାୟିତ୍ୱ ଓ ସଂକଳ୍ପ ବଧତା ସ୍ପଷ୍ଟ କରିଥିଲେ । ଶେଷରେ ଶିକ୍ଷକ ଭାସ୍କର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ପୁରସ୍କାର ବିତରଣୀ ପର୍ବର ସମାପନ ପରେ ଅନୁହ୍‌ଠାନର କୁନିକୁନି ଛାତ୍ରଛାତ୍ରୀମାନେ ଉଦ୍‌ଯାପନୀ ସଙ୍ଗୀତଗାନ ପୂର୍ବକ ସମସ୍ତଙ୍କୁ ବିଦାୟ ଜଣାଇଥିଲେ । ଶେଷରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଆଶ୍ରମର ଶିକ୍ଷକ-ସର୍ବଶ୍ରୀ ପ୍ରଦୀପ କୁମାର ପାତ୍ର, ଶ୍ରୀଯୁକ୍ତ ସନାତନ ମୁର୍ମୁ, ଶ୍ରୀଯୁକ୍ତ ବସନ୍ତ କୁମାର ନାୟକ, ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ମଲ୍ଲିକ, ଶ୍ରୀଯୁକ୍ତ ଭଗିରଥ ଜେନା, ଶ୍ରୀଯୁକ୍ତ ଜ୍ଞାନରଞ୍ଜନ ମହାପାତ୍ର, ଶ୍ରୀଯୁକ୍ତ ରାଜେଶ କୁମାର ନାଏକ, ଶ୍ରୀଯୁକ୍ତ ବିଶୀକେଶନ ପଢ଼ିଆଳ, ଶ୍ରୀମତୀ ଲୁଇସ ସଂଘମିତ୍ରା ସାହୁ ତଥା ଆଶ୍ରମର ସମସ୍ତ ରୋଷେୟା ତଥା ସହାୟକ ଏବଂ ପରିଚାଳନା କମିଟିର ସଭ୍ୟସଭ୍ୟାମାନେ ନିଷ୍ଠାପର ଉଦ୍ୟମରେ ସଫଳ କରିଥିଲେ ।

# ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ନୂତନ କର୍ମକର୍ତ୍ତା ଚୟନ

ବେତନଟୀ , ୯/୧ (ନି.ପ୍ର): ବେତନଟୀ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ଆଜି ବେତନଟୀସ୍ଥିତ ଡାକବଙ୍ଗଳାଠାରେ ନୂତନ କର୍ମକର୍ତ୍ତା ଚୟନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । କମିଟିର ସ୍ଥାୟୀ ସଭାପତି ଜୟନ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପ୍ରଥମେ ଗତ ସ୍ୱାଧୀନତା ଦିବସର ଆୟ ବ୍ୟୟ ର ହିସାବ ବିଷୟରେ ଆଲୋଚନା କରାଯାଇଥିଲା । ନୂତନ କର୍ମକର୍ତ୍ତା ଚୟନ ନିମନ୍ତେ ସମସ୍ତ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ । ସ୍ଥାୟୀ ସଭାପତି ଭାବେ ଜୟନ୍ତ କୁମାର ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଭାବେ ଉଜ୍ଜଳ କୁମାର ବେହେରା, ଉପସଭାପତି ଭାବେ ପ୍ରକାଶ କୁମାର ବେହେରା, ସାଧାରଣ ସମ୍ପାଦକ ଭାବେ ଯୁବ ସଂଗଠକ ଚନ୍ଦ୍ରଶେଖର ବେରା, ସହ ସମ୍ପାଦକ ମନୋଜ ପଣ୍ଡା ଓ ସର୍ବେଶ୍ୱର ଦାସ, କୋଷାଧକ୍ଷ ଭାବେ ଉଦିତ କୁମାର ପରିଡା ସହ କୋଷାଧକ୍ଷ ଭାବେ ସଂଜୀବ ଜେନା, ଉପଦେଷ୍ଟା ଭାବେ ସୁଶାନ୍ତ ବଳ, ଜନମନ ବେହେରା, ପ୍ରଭାତୀ ମହାନ୍ତି, ଅନୁପ ଦଣ୍ଡପାଟ ଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା । ଆଗାମୀ ଜାନୁଆରୀ ୧୭ତାରିଖ ଦିନ ୧୨ଟା ସମୟରେ ବ୍ଲକ ସଭାଗୃହରେ ବ୍ଲକ ସ୍ତରୀୟ ବୈଠକ ହେବା ନେଇ ସ୍ଥିର କରାଯାଇଥିଲା । ଏହି ବୈଠକରେ ସମସ୍ତେ ନୂତନ କର୍ମକର୍ତ୍ତାଙ୍କ ସମେତ ସଠିଲୋ ସମିତି ସଭ୍ୟ କିଶୋର ନାୟକ, ବେତନଟୀ ସମିତି ସଭ୍ୟ ରଣଜିତ ସିଂ, ପ୍ରବୀର ବାରିକ, ପ୍ରଦୀପ ମହାପାତ୍ର, ଗତିକୃଷ୍ଣ ମହାନ୍ତ, ନରୋତ୍ତମ ମହାନ୍ତ, କରଣ ନାଥ, ଗୌରବ ନାଥ, ପଦ୍ମମାଳି ସଂଗଠନ ପକ୍ଷରୁ ଅନିନ୍ଦିତା ସାହୁ, ଗୀତାଞ୍ଜଳି ଭୂୟାଁ, ପ୍ରମୁଖ ଉପସ୍ଥିତ ରହି ବୈଠକକୁ ସଫଳ କରାଇଥିଲେ ।

# ଭୁବନେଶ୍ୱରରେ ୧୮ତମ 'ପ୍ରବାସୀ ଭାରତୀୟ ଦିବସ'ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର, ୯/୧ (ନି.ପ୍ର): ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜିତ ହେଉଥିବା ପ୍ରବାସୀ ଭାରତୀୟ ସମାରୋହ କେବଳ ପ୍ରବାସୀ ଭାରତୀୟଙ୍କୁ ସେମାନଙ୍କ ମୂଳ ପରିଚୟକୁ ପରିଚିତ କରାଇବାର ଅବସର ନୁହେଁ, ବରଂ ବିଶ୍ୱ ମାନଚିତ୍ରରେ ଓଡ଼ିଶାକୁ ଏକ ନୂଆ ପରିଚୟ ଦେବାର ଏକ ଐତିହାସିକ କାର୍ଯ୍ୟକ୍ରମ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ ଗୁରୁବାର ଭୁବନେଶ୍ୱରରେ ଆୟୋଜିତ ୧୮ତମ 'ପ୍ରବାସୀ ଭାରତୀୟ ଦିବସ'ର ଉଦଘାଟନୀ ସମାରୋହରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଯୋଗଦେବା ସହ ୟୁଏସ, ଓମାନ ଓ କାତାରରୁ ଆସିଥିବା ପ୍ରତିନିଧି ଦଳ, ଭାରତୀୟ ପ୍ରବାସୀଙ୍କ ସହ କଥା ହୋଇଛନ୍ତି । ଏହି ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂମି ତଥା ମନ୍ଦିର ମାଳିନୀ ଭୁବନେଶ୍ୱରରେ ସମବେତ ହୋଇଥିବା ପ୍ରବାସୀ ଭାରତୀୟଙ୍କୁ ହାର୍ଦ୍ଦିକ ସ୍ୱାଗତ ଜଣାଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ପ୍ରବାସୀ ଭାରତୀୟ ଆୟୋଜନ ଦ୍ୱାରା ଓଡ଼ିଶା ଆଜି ବିଶ୍ୱବିଦିତ ହୋଇଛି । ଓଡ଼ିଶାର ପରିବେଶ, ଓ ଆତିଥେୟତାକୁ ବୈଶ୍ୱିକ ସ୍ତରର ଲୋକମାନେ ସମସ୍ତେ ପସନ୍ଦ କରୁଛନ୍ତି । ଆଜି ଐତିହ୍ୟ ପ୍ରେରିତ ଯୁବଶକ୍ତି ସମ୍ପନ୍ନ ପ୍ରବାସୀ ଭାରତୀୟଙ୍କ ଗୌରବମୟ ସାଫଲ୍ୟର ସମାରୋହରେ ପ୍ରଧାନମନ୍ତ୍ରୀ ଉଦୟଗିରି, କୋଣାର୍କ, ଆମର ପ୍ରାଚୀନ ସାମୁଦ୍ରିକ ବାଣିଜ୍ୟ, ଐତିହାସିକ ବାଲିଯାତ୍ରା, ବୌଦ୍ଧ ସର୍କିଟ୍ ତଥା ଓଡ଼ିଶାର ସମୃଦ୍ଧ ସଂସ୍କୃତି, ଗୌରବମୟ ଇତିହାସ ଓ ଅନନ୍ୟ ଐତିହ୍ୟକୁ ଉପସ୍ଥାପନ କରିଛନ୍ତି । ଓଡ଼ିଶା ହେଉଛି ଶାନ୍ତିର ମାଟି । କଳିଙ୍ଗ ଯୁଦ୍ଧର ପରିଚୟ ଶାନ୍ତି ପାଇଁ ଖ୍ୟାତି ଅର୍ଜନ କରିଛି । ପ୍ରଧାନମନ୍ତ୍ରୀ ଯୁଦ୍ଧ ନୁହେଁ ବରଂ ବୁଦ୍ଧର ଆହ୍ୱାନ ଦେଇ ଆମର ବହୁତ ପୁରୁଣା ଐତିହାସିକ ତଥ୍ୟ ଓ ସମାଜରେ ତା'ର ମୂଳ ଚରିତ୍ର କଣ ଥିଲା ତାକୁ ଦର୍ଶାଇଛନ୍ତି । ଶାନ୍ତିର ଚରିତ୍ର ହିଁ ଆମ ସମାଜରେ ଥିଲା । ତେଣୁ ଆମ ସମାଜର ଚରିତ୍ରକୁ ପ୍ରଧାନମନ୍ତ୍ରୀ ବିଶ୍ୱ ସ୍ତରରେ ତଥା ରାଜନୈତିକ ଓ କୁଟନୈତିକ ସ୍ତରରେ ରଖି ଆମ ଓଡ଼ିଶାର ମର୍ଯ୍ୟାଦା ବଢ଼ାଇଛନ୍ତି । ଏଥିପାଇଁ ପ୍ରଧାନମନ୍ତ୍ରୀ ଓ ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ସେ ଆହୁରି କହିଛନ୍ତି ଯେ ଭାରତ ହେଉଛି ଐତିହ୍ୟ ଓ ପରମ୍ପରାର ଏକ ଅପାର ଗନ୍ତାଘର । ଭାରତର ପରମ୍ପରା, ଐତିହ୍ୟ ଓ ଐତିହାସିକ ପୃଷ୍ଠଭୂମିକୁ ପ୍ରଦର୍ଶିତ କରିବା ତଥା ବିଶ୍ୱ ସ୍ତରର ପର୍ଯ୍ୟଟକମାନଙ୍କୁ ଏହା ଉପରେ ଅବଗତ କରାଇବା ଏହାର ଉଦ୍ଦେଶ୍ୟ । ପ୍ରବାସୀ ଭାରତୀୟମାନେ କିପରି ଭାରତର ଆମ୍ବାସେଡର ଭାବେ କାର୍ଯ୍ୟ କରିବେ, ସେ ଦିଗରେ ପ୍ରଧାନମନ୍ତ୍ରୀ ଆହ୍ୱାନ କରିଛନ୍ତି । ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ହେଉଥିବା ପ୍ରବାସୀ ଭାରତୀୟ ଦିବସ କେବଳ ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ କରିବା ପାଇଁ ନୁହେଁ ବରଂ ହଜାର ହଜାର ବର୍ଷ ଧରି ବିଦେଶରେ ଭାରତର ମାନ ସମ୍ମାନ ବୃଦ୍ଧି କରିଥିବା ଆମର ପ୍ରବାସୀ ଭାରତୀୟଙ୍କ ପ୍ରତିଭା, କଠିନ ପରିଶ୍ରମ ଏବଂ ଅତୁଳନୀୟ ଅବଦାନକୁ ସମ୍ମାନିତ କରିବାର ଏକ ଅନନ୍ୟ ଅବସର ।

ଏହି ସମାରୋହ ଅବସରରେ ଶ୍ରୀ ପ୍ରଧାନ ୟୁଏସ, ଓମାନ ଓ କାତାରରୁ ଆସିଥିବା ପ୍ରତିନିଧି ଦଳ, ଭାରତୀୟ ପ୍ରବାସୀଙ୍କ ସହ କଥା ହୋଇଛନ୍ତି । ଶିକ୍ଷା, ସାଂସ୍କୃତିକ ସଂଗଠନ ତଥା ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ସହ ମତ ବିନିମୟ କରିବା ବେଳେ ଶିକ୍ଷା ମନ୍ତ୍ରୀ ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା, ଐତିହ୍ୟ, ଖାଦ୍ୟପେୟ ଓ ପର୍ଯ୍ୟଟନ ଉପରେ ଅବଗତ କରାଇଥିଲେ । ଦେଶରେ ଗୁଣାତ୍ମକ ଶିକ୍ଷାର ପରିଚାଳନା, ଜାତୀୟ ଶିକ୍ଷା ନୀତିରେ ଶିଶୁଙ୍କୁ ପ୍ରାରମ୍ଭିକ ଅବସ୍ଥାରେ ଭାରତ ସରକାର ନେଉଥିବା ପଦକ୍ଷେପ, ଶିଶୁଙ୍କ କ୍ରିଟିକାଲ ଥିଙ୍କିଂର ବିକାଶ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ଆମେ କିପରି ପ୍ରବାସୀ ଭାରତୀୟଙ୍କ ମାଧ୍ୟମରେ ଥିବା ଭାରତ ଓ ଅନ୍ୟ ଦେଶ ମାନଙ୍କ ମଧ୍ୟରେ ଥିବା ଶିକ୍ଷା ଓ ଅନ୍ୟ ସମ୍ପର୍କକୁ ଗଭୀର କରିପାରିବା ସେ ବିଷୟରେ ଫଳପ୍ରଦ ଆଲୋଚନା ହୋଇଛି । ଉପସାଗରୀୟ ଦେଶ ବିଶେଷତଃ ସ୍କୁଲ ଏବଂ ଉଚ୍ଚ ଶିକ୍ଷା କ୍ଷେତ୍ରରେ ପ୍ରବାସୀଙ୍କ ଆବଶ୍ୟକତା ଉପରେ ଶ୍ରୀ ପ୍ରଧାନ ଆଲୋକପାତ କରିଥିଲେ । ଅପରପକ୍ଷରେ ପ୍ରବାସୀ ଭାରତୀୟ ସଦସ୍ୟମାନେ କିପରି ଭାରତରେ ଶିକ୍ଷା ବ୍ୟବସ୍ଥାକୁ ମଜଭୂତ୍ କରିବେ ସେ ଦିଗରେ ଉପାଦେୟ ପରାମର୍ଶ ଉପରେ ମତ ରଖିଥିଲେ । ବିକଶିତ ଭାରତରେ ଯୋଗଦାନ ଦେବା ଦିଗରେ ଓଡ଼ିଶାର ବିପୁଳ ସମ୍ଭାବନା ଉପରେ ସେ କହିଥିଲେ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଥିଲେ ବିକଶିତ ଭାରତରେ ଯୋଗଦାନ ରଖିବା ପାଇଁ ଓଡ଼ିଶାରେ ବହୁତ ଅପାର ସମ୍ଭାବନା ଅଛି । ଓଡ଼ିଶା ସରକାର ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ପାଇଁ କାମ କରୁଛନ୍ତି । ପ୍ରବାସୀ ଭାରତୀୟ ଦିବସ ପରେ ମଧ୍ୟ ଭାରତକୁ ଆସୁଥିବା ପ୍ରବାସୀ ଓ ପ୍ରତିନିଧିମାନେ ଓଡ଼ିଶାର ପର୍ଯ୍ୟଟନକୁ ଉପଭୋଗ କରିବା ସହ ପୁଞ୍ଜିନିବେଶ ପାଇଁ ଆମନ୍ତ୍ରିତ କରିଥିଲେ ।

ପ୍ରବାସୀ ଭାରତୀୟ ଉତ୍ସବ ସଫଳ ହୋଇଛି । ବିଭିନ୍ନ ଦେଶରୁ ଆସିଥିବା ପ୍ରତିନିଧିମାନଙ୍କ ମଧ୍ୟରେ ବହୁତ ଉତ୍ସାହ ଅଛି । ଓଡ଼ିଶାକୁ ଦେଶ ବିଦେଶରୁ ଆସିଥିବା ପ୍ରତିନିଧି ଓଡ଼ିଶାର ଭୂୟସୀ ପ୍ରଶଂସା କରିଛନ୍ତି । ଓଡ଼ିଶାର କଳା, ସଂସ୍କୃତି, ହସ୍ତତନ୍ତ ପ୍ରତି ପ୍ରବାସୀଙ୍କ ରୁଚି ବଢ଼ିଛି । ପ୍ରବାସୀ ଭାରତୀୟ ଦିବସର ଉଦ୍ଦେଶ୍ୟ ସାଧିତ ହେଉଛି । ଭାରତ ସରକାର ପ୍ରବାସୀଙ୍କ ଏକଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ । ଶ୍ରୀ ପ୍ରଧାନ ନ୍ୟୁଜ ଓ୍ୱିକ ସିଇଓ ଡକ୍ଟର ଦେବ ପ୍ରଗାଡଙ୍କୁ ସାକ୍ଷାତ କରି ଗଣମାଧ୍ୟମ ଜଗତରେ ଡିଜିଟାଲ ପରିବର୍ତ୍ତନ ଉପରେ ଆଲୋଚନା କରିଥିଲେ । ସେ କହିଥିଲେ ଭାରତୀୟ ବଂଶୋଦ୍ଭବ ଯୁବ ବ୍ୟବସାୟୀ ନେତାମାନେ ବିଶ୍ୱସ୍ତରରେ ନିଜର ପରିଚୟ ସୃଷ୍ଟି କରିବା ସବୁବେଳେ ଆନନ୍ଦଦାୟକ । ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରୀ ଉପରେ ଶ୍ରୀ ପ୍ରଧାନ ଚର୍ଚ୍ଚା କରିବା ସହ ବାଲବାଟିକାଠାରୁ ଆରମ୍ଭ କରି ଭାରତୀୟ ବିଶ୍ୱବିଦ୍ୟାଳୟ ଗୁଡିକରେ ନୂଆ ଶିକ୍ଷା ନୀତିର ପ୍ରଭାବ ଉପରେ ମଧ୍ୟ ସେ କହିଥିଲେ ।

# ଦେବଳା ଆଶ୍ରମ ବିଦ୍ୟାଳୟରେ ବାର୍ଷିକୋତ୍ସବ

କପ୍ତିପଦା,୯/୧(ନିପ୍ର)-କପ୍ତିପଦା ବ୍ଲକ ଅନ୍ତର୍ଗତ ଦେବଳାସ୍ଥିତ ଦେବଳା ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀପକ କୁମାର ଦଣ୍ଡପାଟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟଅତିଥିଭାବେ ଜିଲ୍ଲା ମଙ୍ଗଳ ଅଧିକାରିଣୀ ଲିପିପୁଷ୍ପା ଦାସ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସଂସ୍କାରି, ସମୟାନୁବର୍ତ୍ତିତା ଓ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥିଭାବେ ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ତଥା କଣ୍ଟାପାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ପ୍ରମୁଖ ଯୋଗଦେଇ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷାଗ୍ରହଣ,ଗୁରୁମା, ଗୁରୁଜୀଙ୍କ ସହିତ ମାତୃଭାଷା ଓ ମାତୃଭୂମି ପ୍ରତି ଅନୁରାଗୀ ହେବାକୁ ମାର୍ଗଦର୍ଶନ କରିଥିଲେ । ବିଶିଷ୍ଟ ସମ୍ମାନିତ ଅତିଥିଭାବେ କପ୍ତିପଦା ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ସଂଜୟ ସୋରେନ୍ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପାଠାନୁରାଗୀ ହେବାକୁ ବକ୍ତବ୍ୟ ରଖିଥିଲେ । ଅନ୍ୟତମ ସମ୍ମାନିତ ଅତିଥିଭାବେ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ ,ମୟୂରଭଂଜର ସଭାପତି ଚିତ୍ତରଂଜନ ପ୍ରତିହାରୀ ଯୋଗଦେଇ ଆଶ୍ରମର ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ଗୁଣଗାଣ କରିବା ସହିତ ନିଷ୍ଠାପରଭାବେ ସତପ୍ରଚେଷ୍ଟା ଜାରୀ ରଖିଲେ ସଫଳତା ନିଶ୍ଚିତ ବୋଲି ମତବ୍ୟକ୍ତ କରିଥିଲେ । ଉତ୍କଳମଣି ଗୋପବନ୍ଧୁ ବିଇଡି କଲେଜର ବରିଷ୍ଠ ଅଧ୍ୟାପକ ସରୋଜ କୁମାର ନାୟକ ଯୋଗଦେଇ ନିଜକୁ ଘୃଣା, ଅଂହକାର ଠାରୁ ଦୂରରେ ରଖି ସତକର୍ମ କରିଲେ ଲକ୍ଷ୍ୟସ୍ଥଳ ସର୍ବଦା ନିକଟତର ହେବ ବୋଲି ମତପୋଷଣ କରିଥିଲେ । ସେହିପରି ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଗୋପୀନାଥ ନାୟକ, ସିଆରସିସି ଅଜୟ କୁମାର ଦାଶ,ଦେବଳା ସରପଞ୍ଚ ଭୀମଚରଣ ସିଂ,ସମିତି ସଭ୍ୟ ଶିବପ୍ରସାଦ ସିଂ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବୁଦ୍ଧଦେବ ସିଂ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ । ପ୍ରଧାନଶିକ୍ଷକ ଶ୍ରୀ ଦଣ୍ଡପାଟ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷକ ଭାସ୍କର ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା

ଧର୍ମଶାଳା, ୯/୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ମଙ୍ଗଳପୁର ପଂଚାୟତସ୍ଥ ବୈଷ୍ଣବ ନାୟକ ବିଦ୍ୟାପୀଠ ଓ କୋଠଡିହ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବୈଷ୍ଣବ ନାୟକ ବିଦ୍ୟାପୀଠର ପ୍ରଧାନଶିକ୍ଷକ ସୁନନ୍ଦ ନାୟକ ପ୍ରଦିପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏହି ଅବସରରେ ଦୁଇ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡାରେ ଅଂଶ ଗ୍ରହଣ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ହେମନ୍ତ କୁମାର ନାୟକ ଓ ନିର୍ମଳ ନାୟକଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଭ୍ୟ/ସଭ୍ୟା ଓ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇ ଛାତ୍ୟଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।

## କାଉନସିଲରଙ୍କୁ ଆକ୍ରମଣ ପରେ ଆକ୍ସନ ମୋଡ଼ରେ ଉପଜିଲ୍ଲାପାଳ: ୧୧ ଟି ଗାଡି ଜବତ

ଜଳେଶ୍ୱର, ୯/୧ (ନି.ପ୍ର): ଗତ ୭ ତାରିଖ ରବିବାର ଦିନଜଳେଶ୍ୱରପୌରପାଳିକାର ୩ନଂ ୱାର୍ଡ ସୁବର୍ଣ୍ଣରେଖା ନଦୀବନ୍ଧକୁ କାଟି କେତେକ ଦୁର୍ବୃତ ବେଆଇନ୍ ବାଲି ଉତୋଳନ କରୁଥିବାର ଜାଣି ତହସିଲଦାର ସତ୍ୟଜିତ ମହାନ୍ତିଙ୍କ ନେତୃତ୍ୱ ରେ ପୌରପାଳିକାର ୨ ନଂ ୱାର୍ଡ କାଉନ୍‌ସିଲର ସୁରଜ ଚୌରାସୀଆ ଓ ଗ୍ରାମବାସୀ ଘଟଣା ସ୍ଥଳକୁ ଯାଇଥିଲେ । ମାତ୍ର ଘଟଣାସ୍ଥଳରେ ତହସିଲଦାରଙ୍କ ଉପସ୍ଥିତିରେ କେତେକ ବାଲିମାଫିଆ ସଂଘବଦ୍ଧଭାବେ ସୁରଜ ଚୌରାସିଆଙ୍କ ସହିତ ଗ୍ରାମବାସୀ ମାନଙ୍କୁ ମାରଣାସ୍ତ୍ର ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ ତେଣୁ ବ୍ୟକ୍ତିଗତ କାର୍ଯ୍ୟ ଓ ସରକାରୀ ଉନ୍ନୟନ କାର୍ଯ୍ୟ ଲାଗି ବାଲିର ବ୍ୟାପକ ଆବଶ୍ୟକତା ଥିବାରୁ ଯଥାଶୀଘ୍ର ସରକାରୀ ସ୍ତରରେ ବାଲି ସୈରାତ ମାଧ୍ୟମରେ ବାଲି ଉପଲବ୍ଧ କରିବା ସହିତ ଏହି ଆକ୍ରମଣ ଘଟଣାରେ ସଂପୃକ୍ତ ସମସ୍ତ ଯୁବକ ମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଲାଗି ଜଳେଶ୍ୱର ପୌରପାଳିକାର ସମସ୍ତ ଜନପ୍ରତିନିଧିମାନେ ମଙ୍ଗଳବାର୍ ବାଲେଶ୍ୱର ଜିଲ୍ଲାପାଳ ଙ୍କୁ ଭେଟି ଦାବିପତ୍ର ଦେଇଥିଲେ ପରେ ବୁଧବାର ବିଳମ୍ବିତ ରାତି ପ୍ରାୟ ୨ ଟା ସମୟ ରେ ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ଶିର୍କେ ଙ୍କ ନେତୃତ୍ୱ ଜିଲ୍ଲା ଲଘୁ ଖଣି ଅଧିକାରିଣୀ ସନ୍ତୋସି ପ୍ରଭା ସେଠୀ ଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ ଘଣ୍ଟୀ -୬୦ ଜଳେଶ୍ୱର ଶେଖସରି ଏବଂ ଚାଲନ୍ତି ରେ ଚଢାଉ କରି ବେଆଇନ୍ ଗଛିତ ବାଲି ପାହାଡ କୁ ଚିହ୍ନଟ କରି ସିଜ୍ କରି ତାର ଲିଜ ପାଇଁ ଆମେ ପଦକ୍ଷେପ ନେଇ ଛନ୍ତି ତତ୍ ସହିତ ବେଆଇନ୍ ଲଘୁ ଖଣିଜ ପରିବହନ ବେଳେ ବଡ ଧରଣର ରେଡ ସହିତ ୨ ଟି ବାଲି ବୋଝାଇ ହାଇୱା, ଗୋଟିଏ ଚିପ୍ସ ବୋଝଇ ଡମ୍ପର୍, ଗୋଟାଏ ଟ୍ରାକ୍ଟର ଏଂ ୬ ଟି ମାଟି ବୋଝାଇ ଡମ୍ଫର୍ ,ଗୋଟିଏ ଜେସିବି ଜବତ କରି ଜଳେଶ୍ୱର ପୋଲିସ କୁ ହସ୍ତାନ୍ତର କରିଛି ଜିଲ୍ଲା ପ୍ରଶାସନ । ୨୧ ଜଣଙ୍କୁ ଅଟକ ରଖିଛି ଜଳେଶ୍ୱର ପୋଲିସ । ଏ ବାବଦରେ ଜିଲ୍ଲା ଲଘୁ ଖଣିଜ ଅଧିକାରିଣୀ ସନ୍ତୋସି ପ୍ରଭା ସେଠୀ ଙ୍କୁ ପଚାରିବାରୁ ସେ କହିଥିଲେ ଉକ୍ତ ୧୧ ଟି ଜବତ ଗାଡ଼ି ଫାଇନ ଭରଣ ନ କଲେ ତାଙ୍କ ବିରୁଦ୍ଧରେ କେସ ବୁକ୍ ହେବ।

## ସନ୍ତରାଗଡିଆ ଅଞ୍ଚଳରେ ସିରିଜ ଚୋରି



ନୀଳଗିରି, ୯/୧ (ନି.ପ୍ର): ନୀଳଗିରି ଥାନା ଈଶ୍ୱରପୁର ଫାଣ୍ଡି ଅନ୍ତର୍ଗତ ସନ୍ତରାଗଡିଆ ଅଞ୍ଚଳ ନୟାପାଟଣା ଏବଂ ବଉଳଗଡିଆ ଗ୍ରାମରେ ଗତ ବୁଧବାର ମଧ୍ୟରାତିରେ ଘରେ କେହିନଥିବାର ସୁଯୋଗ ନେଇ ୪ଟି ଘରେ କଳାକନା ବୁଲାଇଥିବା ବେଳେ ଦୁଇଟିରେ ଫେଲ୍ ମାରିଛନ୍ତି ଦୁର୍ବୃତ୍ତ। ସୂଚନା ଅନୁଯାୟୀ ବାରହାକୋଇଲି ଛକ ନିକଟରେ ଯାତ୍ରାପାର୍ଟି ପଡ଼ିଥିବାରୁ ଗତ ବୁଧବାର ରାତିରେ ନୟାପାଟଣା ଗ୍ରାମର ରାମନାଥ ମହାରଣାଙ୍କ ଘରେ ଭଡ଼ାରେ ରହି ପାଥୋଲ୍ୟାବ୍ କରିଥିବା ମାର୍କୋଣା ଅଞ୍ଚଳର କମଳା ମହାରଣା ଏବଂ ତାଙ୍କ ପରିବାର ଯାତ୍ରାଦେଖିବାକୁ ଯାଇଥିବାର ସୁଯୋଗ ଏବଂ ଉକ୍ତ ଗ୍ରାମର ଭାଗବତ ରଣାଙ୍କ ଦୁଇପୁଅ ସୌଭାଗ୍ୟ ରଣା ଏବଂ ମାନସ ରଣା ନିଜର ସମ୍ପର୍କୀୟଙ୍କ ଶ୍ରାଦ୍ଧକ୍ରିୟାରେ ସପରିବାର ଯୋଗଦେବାକୁ ଜଳେଶ୍ୱର ଯାଇଥିବାର ସୁଯୋଗ ନେଇ ମଧ୍ୟରାତ୍ରିରେ ଉକ୍ତ ତିନିଜଣଙ୍କ ଘରର ତାଲାଭାଙ୍ଗି ସମସ୍ତ ସୁନାଅଳଙ୍କାର, ଦାମୀ ଆସବାବପତ୍ର ଏବଂ ଅନ୍ୟାନ୍ୟ ସାମଗ୍ରୀ ଲୁଟ୍ କରିଥିବା ବେଳେ ଅନ୍ୟାନ୍ୟ ସାମଗ୍ରୀ ଭାଙ୍ଗିରୁଜି ଦେଇଥିବା ଜଣାଯାଇଛି। ଅନୁରୂପ ଭାବେ ସମାନ ରାତିରେ ବଉଳଗଡିଆ ଗ୍ରାମର ପୂର୍ଣଚନ୍ଦ୍ର ସଙ୍କ ଘରେ ଚୋରି କରିବାରେ ସଫଳ ହୋଇଥିବା ବେଳେ କୈଳାସ ବେହେରା ଏବଂ ସୁରେନ୍ଦ୍ର ବେହେରାଙ୍କ ଘରେ ଲୁଟ୍ କରିବାର ଯୋଜନା କରିଥିଲେ ହେଁ ସିସି ଟିଭି ଲାଗିଥିବା କାରଣରୁ ଦୁର୍ବୃତ୍ତମାନେ ଅସଫଳ ହୋଇଛନ୍ତି। ସକାଳେ ପୋଲିସରେ ଖବର ଦେଲାପରେ ଈଶ୍ୱରପୁର ଫାଣ୍ଡି ଅଧିକାରୀ ଖଗେନ୍ ମହାଳିକ ଅନ୍ୟ ପୋଲିସ କର୍ମଚାରୀଙ୍କ ସହଯୋଗରେ ଘଟଣା ସ୍ଥଳରେ ପହଞ୍ଚି ସନ୍ଧାନୀକୁକୁର ସହାୟତାରେ ତଦନ୍ତ ଜାରି ରଖିଛନ୍ତି। ତେବେ ଯାତ୍ରାପାର୍ଟି ଚାଲିଥିବା ବେଳେ ଏହାର ସୁଯୋଗନେଇ ଲୁଟେରାମାନେ ସ୍ଥାନୀୟ ଅଞ୍ଚଳର କିଛି ସହଯୋଗୀଙ୍କ ସହିତ ଏଭଳି ଲୁଟ୍ କରିଥିବା ନେଇ ଅଞ୍ଚଳବାସୀ ସନ୍ଦେହ କରିଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ



ବାସୁଦେବପୁର, ୯/୧ (ନି.ପ୍ର): ବାସୁଦେବପୁର ହନୁମାନ ବାଟିକା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୭ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ଉପେନ୍ଦ୍ର ପ୍ରସାଦ ପାଢ଼ୀ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ ଭାରତୀୟ ଜନତା ପାର୍ଟିର ରାଜ୍ୟ ଉପ ସଭାପତି ଗୋଲକ ମହାପାତ୍ର । କର୍ମ, ନିଷ୍ଠା, ତ୍ୟାଗ, ଶାନ୍ତି ଶୃଙ୍ଖଳା କୁ ଗୁରୁତ୍ୱ ଦେବା ଉଚିତ୍ ବୋଲି ଶ୍ରୀ ମହାପାତ୍ର ବକ୍ତବ୍ୟ ରେ ପ୍ରକାଶ କରିଥିଲେ । ମୁଖ୍ୟ ବକ୍ତା ଭାବେ ଶିକ୍ଷା ବିକାଶ ସମିତି ସମ୍ପାଦକ ଅମୂଲ୍ୟ ପ୍ରସାଦ ନାୟକ, ସମ୍ମାନିତ ଅତିଥି ଭାବେ କବି ଗୀତିକାର ଇଂ ଅଭୟ ସୂତାର, ଯୁଗ୍ମ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାରଣା, ପ୍ରଧାନ ଆଚାର୍ଯ୍ୟ ମଦନ ମୋହନ ମହାନ୍ତ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ନୃତ୍ୟ, ସଙ୍ଗୀତ ଓ ଯୋଗ ପ୍ରଭୃତି ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପରିବେଷଣ ହୋଇ ଥିଲା । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ପ୍ରକାଶ ଚନ୍ଦ୍ର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସହ ପ୍ରଧାନ ଆଚାର୍ଯ୍ୟ ପୁଷ୍ପାଞ୍ଜଳି ବରାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦାମୋଦର ସଂସ୍କୃତ ମହାବିଦ୍ୟାଳୟର ୧୮ତମ ପ୍ରବାସୀ ଭାରତୀୟ ଦିବସ ପାଳିତ



ଭଦ୍ରକ, ୯/୧ (ନି.ପ୍ର): ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ୧୮ତମ ପ୍ରବାସୀ ଭାରତୀୟ ଦିବସ ଯୁକ୍ତ ଦୁଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ପ୍ରମୋଦ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ନିତ୍ୟାନନ୍ଦ ମିଶ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଡଃ. କୃପାସିନ୍ଧୁ ନାୟକ, ମୁଖ୍ୟବକ୍ତା ଚିତ୍ତରଂଜନ ଦାସ ଓ ସମ୍ମାନିତ ଅତିଥି ଅକ୍ଷୟ କୁମାର ପାଣିଗ୍ରାହୀ ଯୋଗଦେଇ ଭାରତୀୟ ସମୃଦ୍ଧିରେ ପ୍ରବାସୀ ଭାରତୀୟଙ୍କର ଯୋଗଦାନ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଏବଂ ବିଭିନ୍ନ କ୍ଷେତ୍ରରେ ତାଙ୍କର ସହଯୋଗ ନିତାନ୍ତ କାମ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ରାଜନୀତି ବିଜ୍ଞାନ ଅଧ୍ୟାପିକା ପ୍ରଭାତୀ ନାୟକ, ମଞ୍ଜୁଲତା ମହାପାତ୍ର, ମଧୁସୂଦନ ତ୍ରିପାଠୀ, ରଘୁନାଥ ନାୟକ ଓ ଗୌରାଙ୍ଗ ଦାସ ପ୍ରମୁଖ ତାଙ୍କର ବକ୍ତବ୍ୟ ରଖିଥିଲେ। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାମାନ କରାଯାଇ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ପରିଶେଷରେ ମହାବିଦ୍ୟାଳୟର ବ୍ୟାକରଣ ଅଧ୍ୟାପକ ଶୁକଦେବ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ମୟୁରଭଞ୍ଜ ଛଉନୃତ୍ୟର ମହୁରୀ ବାଦକଙ୍କ ଦିଲ୍ଲୀ ଯାତ୍ରା: ସାଧାରଣତନ୍ତ୍ର ଦିବସ ପ୍ୟାରେଡ଼ରେ ଅଂଶ କରିବେ



ବାରିପଦା, ୯/୧ (ନି.ପ୍ର): ଆସନ୍ତା ଜାନୁଆରୀ ୨୬ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଦେଶର ୩୦୦ ବାଦ୍ୟକାର ମାନଙ୍କୁ ନେଇ କର୍ତ୍ତବ୍ୟ ପଥ ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବା ପାଇଁ ମୟୂରଭଞ୍ଜ ଛଉ ନୃତ୍ୟ ର ୧୧ ଜଣ ମହୁରୀ ବାଦକ ଦିଲ୍ଲୀ ଯାତ୍ରା କରିଛନ୍ତି। ସେପଟେ ଷଢ଼େଇକଳା ଏବଂ ପୁରୁଲିଆ ଛଉ ନୃତ୍ୟର ମହୁରୀ ବାଦକ ମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି ଜଣା ଯାଇଛି। ଭାରତ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଏହାର ଆୟୋଜନ କରାଯାଇଛି। ଝାଡ଼ଖଣ୍ଡ ରାଜ୍ୟ ର ଚନ୍ଦନ କିଆରୀସ୍ଥିତ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀର ଜାତୀୟ ଛଉ କେନ୍ଦ୍ର ପକ୍ଷରୁ ସମ୍ପୃକ୍ତ ତିନୋଟି ରାଜ୍ୟର କଳାକାରଙ୍କୁ ଦିଲ୍ଲୀ ନିଆଯାଇଛି। ମୟୁରଭଞ୍ଜ ରୁ ଯାଇଥିବା ମହୁରୀ ବାଦକଙ୍କ ମଧ୍ୟରେ ଅଶୋକ ବୈଠା, ଟାର୍ଜନ ଘଡ଼େଇ, ସଞ୍ଜୀବ କାଳନ୍ଦୀ, ଛୁଟୁ ଘୁନିଆ, ଜଗଦୀଶ ବୈଠା, ଲକ୍ଷ୍ମୀଧର ବୈଠା, ହରିଶ ଚନ୍ଦ୍ର କାଳନ୍ଦୀ, ବିଦ୍ୟାଧର କାଳନ୍ଦୀ, ଦିନଦୟାଲ ମହାନ୍ତ, ଅଶୋକ କୁମାର ପାତ୍ର ଓ କାହ୍ନାଇ ବାନ୍ଦ୍ରା ପ୍ରମୁଖ ଅଛନ୍ତି। ଏଠାରେ ସ୍ମରଣଯୋଗ୍ୟ ଯେ ପୂର୍ବରୁ ସାଧାରଣତନ୍ତ୍ର ଦିବସ ଅବସରରେ ମୟୂରଭଞ୍ଜ ଛଉ ନୃତ୍ୟ ଦଳ ନିୟମିତ ଭାବେ ଦିଲ୍ଲୀ ଯାଇ ସେଠାରେ ନୃତ୍ୟ ପ୍ରଦର୍ଶନ କରି ଆସୁଥିଲେ। ମାତ୍ର ବିଗତ ପ୍ରାୟ ପନ୍ଦର ବର୍ଷ ହେବ କୌଣସି କାରଣ ରୁ ଏହା ଏକ ପ୍ରକାର ବନ୍ଦ ହୋଇ ଯାଇଥିଲା। ତେବେ ଚଳିତ ବର୍ଷ କେବଳ ବାଦ୍ୟକାର ମାନଙ୍କୁ ନେଇ ହେଲେ ମଧ୍ୟ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମ ରେ ମୟୂରଭଞ୍ଜ ଛଉ ର ଭାଗିଦାରୀ ରହିବାକୁ ଯାଉଚି। ଦିଲ୍ଲୀ ଯାତ୍ରା କରିଥିବା କଳାକାର ମାନଙ୍କୁ ପ୍ରୋଜେକ୍ଟ ଛାଉଣୀ ପକ୍ଷରୁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଶ୍ରୀମତୀ ଶୁଭଶ୍ରୀ ମୁଖାର୍ଜୀ, ଗୁରୁ ତଥା ଛଉ କେନ୍ଦ୍ରର ଉପଦେଷ୍ଟା ପାଗୁଲୁ ଜେନା ଏବଂ ତ୍ରଷ୍ଟି ବିଭୁଦତ୍ତ ଦାସ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ୫ ବର୍ଷରେ ରାଜ୍ୟରେ ସବୁ ଗରିବଙ୍କ ନିକଟରେ ପହଂଚିବ ପକ୍କା ଘର- ରବି ନାୟକ

ଭୁବନେଶ୍ୱର, ୯/୧ (ନି.ପ୍ର): ରାଜ୍ୟରେ ସବୁ ଗରିବଙ୍କ ନିକଟରେ ପହଂଚିବ ପକ୍କା ଘର । ରାଜ୍ୟର ସମସ୍ତ ଯୋଗ୍ୟ ହିତାଧିକାରୀ ପାଇବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର। ଏନେଇ ସୂଚନା ଦେଇଛନ୍ତି ପଂଚାୟତରାଜ ମନ୍ତ୍ରୀ ରବି ନାୟକ । ସେ କହିଛନ୍ତି ଯେ, ଆରମ୍ଭ ହୋଇସାରିଛି ପକ୍କା ଘର ସର୍ଭେ ।୨ ମାସ ଭିତରେ ସରକାରଙ୍କ ପାଖରେ ଦାଖଲ ହେବ ମେରିଟ ଲିଷ୍ଟ। ୫ ବର୍ଷରେ ସବୁ ଗରିବଙ୍କ ନିକଟରେ ପକ୍କା ଘର ପହଂଚାଇବା ପାଇଁ ମନ୍ତ୍ରୀ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି । ପଂଚାୟତ ମନ୍ତ୍ରୀ ରବି ନାୟକ କହିଛନ୍ତି ଯେ, ସର୍ଭେ ପରେ ଯେତେ ଘର ଆବଶ୍ୟକ ହେବ ସବୁ ଗରିବଙ୍କୁ ପକ୍କା ଘର ଯୋଗାଇବା ପାଇଁ ଚେଷ୍ଟା କରିବେ ସରକାର।

## ତିନି କୋଠରୀ ଥିବା ଚାଳ ଘରଟି ସମ୍ପୂର୍ଣ୍ଣ ଜଳିପୋଡି ପାଉଁଶ



ବେତନଟୀ , ୯/୧ (ନି.ପ୍ର): ବେତନଟୀ ତହସିଲ ଅଧୀନ ସଠିଲୋ ଗ୍ରାମର ଲକ୍ଷ୍ମଣ ମୁର୍ମୁ ଙ୍କ ତିନି କଠୋରି ଥ୍ୱା ଚାଲ ଘର ଟି ବୁଧବାର ବିଳମ୍ବିତ ରାତିରେ ସମ୍ପୁର୍ଣ୍ଣ ଜଳିପୁଡି ପାଉଁସ ହୋଇଯାଇଛି। ପରିବାର ବର୍ଗ ରାତିରେ ଶୋଇଥିବା ବେଳେ ଘର ପୋଡିଯାଉଥିବା ଦେଖି ଜୀବନ ବଞ୍ଚାଇ ଘର ବାହାରକୁ ପଳାଇ ଆସିଥିଲେ। ଖବର ପାଇ ବେତନଟୀ ଅଗ୍ନିଶମ ବିଭାଗ ର ଗାଡି ନିଆଁ ଲିଭାଇଥିଲେ ମଧ୍ୟ ଘର ଟି ସମ୍ପନ୍ନ ପୋଡିଯାଇଥିଲା । ଲକ୍ଷ୍ମଣ ମୁର୍ମୁ ଙ୍କ ର ଘରେ ଥିବା ୩୦ କୁଇଣ୍ଟାଲ ଧାନ ଓ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଖ୍ୱର ପାଇଁ ବଡ଼ସାହି ବିଧାୟକ ଙ୍କ ନିର୍ଦ୍ଦେଶ କ୍ରମେ ବେତନଟୀ ୩୫ ନମ୍ବର ମଣ୍ଡଳ ସଭାପତି ଜୀବନ ପରିଡା ଅସହାୟ ପରିବାର ବର୍ଗ ଙ୍କୁ ଚାଉଳ , ମୁଢ଼ି , ଆସବାବପତ୍ର ଯୋଗାଇ ଦେଇଥିଲେ ଓ ଫୋନ ଯୋଗେ ତହସିଲଦାର ଙ୍କ ସହିତ ଯୋଗାଯୋଗ ତୁରନ୍ତ ସହାୟତ ରାଶି ଦେବାପାଇଁ ନିବେଦନ କରିଥିଲେ। ବେତନଟୀ ତହସିଲ ପକ୍ଷରୁ ତଦନ୍ତ କରାଯାଇ ପଲିଥିନ ଯୋଗାଇ ଦିଆଯାଇଛି। ପରିବାର ପକ୍ଷରୁ ସହାୟତା ପାଇଁ ପ୍ରଶାସନ ଙ୍କୁ ନିବେଦନ କରିଛନ୍ତି। ଏହି ଖବର ଜାଣିବା ପରେ ବେତନଟୀ ସମିତି ସଭ୍ୟ ରଣଜୀତ ସିଂ , ସଠିଲୋ ସମିତି ସଭ୍ୟ କିଶୋର ନାୟକ, ଯୁବ ସଂଗଠକ ଚନ୍ଦ୍ର ଶେଖର ଦ୍ୱିରୋ, ଯୁ ନେତା ବିକାଶ ଦାସ, ସଞ୍ଜୀବ ଜେନା, ସମାଜସେବୀ ନିରଞ୍ଜନ ମହାନ୍ତି, ରାକେଶ କୁମାର ମହାନ୍ତ , ମନୋଜ କୁମାର ପଣ୍ଡା, ପ୍ରକାଶ ଜ୍ୟୋତି ଆଦିତ୍ୟ, ସର୍ବେଶ୍ୱର ଦାସ, ହୃଷିକେଶ ମହାନ୍ତ ପ୍ରମୁଖ ଯାଇ ପହଞ୍ଚିଥିଲେ।

## ବିଭିନ୍ନ ତୀର୍ଥ ସ୍ଥାନକୁ ଓଡିଶାରୁ ଗଡିବ ବସ

ଭୁବନେଶ୍ୱର, ୯/୧ (ନି.ପ୍ର): ଖାଲି ମହାକୁମ୍ଭ ନୁହେଁ ବିଭିନ୍ନ ତୀର୍ଥ ସ୍ଥାନକୁ ଓଡିଶାରୁ ଗଡିବ ବସ । ମହାକୁମ୍ଭମେଳା ପାଇଁ ଏବେ ୪ ଟି ଜାଗାରୁ ବସ ଗଡିବ । ପ୍ରାଥମିକ ଭାବେ ଭୁବନେଶ୍ୱର, ବ୍ରହ୍ମପୁର, ଭବାନୀ ପାଟଣ, ସମ୍ବଲପୁରରୁ ଗଡିବ ବସ । ଏନେଇ ପରିବହନ ମନ୍ତ୍ରୀ ବିଭୂତି ଜେନା କହିଛନ୍ତି । ମହାକୁମ୍ଭ ମେଳା ପାଇଁ ସ୍ୱତନ୍ତ୍ର ଭାବେ ଜାନୁଆରି ୧୩ରୁ ଫେବୃଆରି ୨୬ ଯାଏଁ ଚାଲିବ । କୁମ୍ଭ ମେଳା ପରେ ବି ବସ ଚାଲିବ । ଏହା ବାଦ ଓଡ଼ିଶାର ଅନ୍ୟ ତୀର୍ଥ ସ୍ଥାନକୁ ବି ବସ ଚଳାଇବାକୁ ନିଷ୍ପତ୍ତି କରିଛନ୍ତି ସରକାର ।

## ନୀଳମଣି ମହାବିଦ୍ୟାଳୟରେ ପ୍ରବାସୀ ଭାରତୀୟ ଦିବସ ପାଳିତ



ରୁପ୍ସା, ୯/୧ (ନି.ପ୍ର): ସ୍ଥାନୀୟ ନୀଳମଣି ମହାବିଦ୍ୟାଳୟ ରୁପ୍ସା ଠାରେ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ର ଅଧକ୍ଷ ଡ଼ ତପନ କୁମାର ବେହେରା ଙ୍କ ପୌରାହିତ୍ୟ ରେ ଉକ୍ତ ବୈଠକ ରେ ମୁଖ୍ୟ ଅତିଥି ଭାବରେ ଅର୍ଥ ଶାସ୍ତ୍ର ବିଭାଗ ମୁଖ୍ୟ ପ୍ରଫେସର ସରୋଜ କୁମାର ପାଣି ଯୋଗ ଦେଇ ପ୍ରବାସୀ ଭାରତୀୟ ଦିବସ ଆମ ଗର୍ବ ଓ ଗୌରବର ବିଷୟ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ପ୍ରଫେସର ଶମ୍ଭୁନାଥ ଗିରି କହିଥିଲେ ଜନ୍ମ ମାଟିର ସେବା ପାଇଁ ପ୍ରବାସୀ ଭାରତୀୟ ମାନଙ୍କର ଭୂମିକା ବେଶ ପ୍ରସଂସନୀୟ. ସମ୍ମାନିତ ଅତିଥି ଡ଼ ଅରୁଣୀ ମିଶ୍ର ପ୍ରବାସୀ ଭାରତୀୟ ଦିବସ ର ମହତ୍ୱ ବର୍ଣନା କରିଥିଲେ। ମୁଖ୍ୟ ସଂଯୋଜକ ଡ଼ ତପନ କୁମାର ଦାସ ଆମେରିକା, ରୁଷ, ଜର୍ମାନୀ ଓ ପାଶ୍ଚାତ୍ୟ ରାଷ୍ଟ୍ର ମାନଙ୍କରେ ଥିବା ପ୍ରବାସୀ ଭାରତୀୟ ଜନ୍ମ ମାଟିର ବର ପୁତ୍ର ଭାବରେ କାର୍ଯ୍ୟ କରୁଛନ୍ତି। ଶିକ୍ଷ, କୃଷି, ନୌବାଣିଜ୍ୟ, ଚିକିତ୍ସା ସବୁ କ୍ଷେତ୍ରରେ ପ୍ରବାସୀ ଭାରତୀୟଙ୍କର ଭୂମିକା ରହିଛି। ଏହି କାର୍ଯ୍ୟ କ୍ରମ କୁ +୩ଓ +୨ର ସମସ୍ତ ଛାତ୍ର ଛାତ୍ରୀ ପରିଚାଳନା କରିଥିଲେ। ଅଧ୍ୟାପକ ସୁଧାଂଶୁ ଶେଖର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଜୟନ୍ତ କୁମାର, ସଞ୍ଜୟ ପ୍ରଧାନ, ନିରଞ୍ଜନ ମହାଳିକ ମଞ୍ଚ ପରିଚାଳନା କରିଥିଲେ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ବରିଷ୍ଠ ନାଗରିକ ପରିଚୟପତ୍ର ବଣ୍ଟନ



ବଡ଼ସାହି, ୯/୧ (ନି.ପ୍ର): ବୁଧବାର, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ବଡ଼ସାହିର ନିୟମିତ ସାପ୍ତାହିକ ବୈଠକର କାର୍ଯ୍ୟକ୍ରମ ସମାପ୍ତି ପରେ ସଂଘର ସମସ୍ତ ପଦାଧିକାରୀ ଓ ସଦସ୍ୟ,ସଦସ୍ୟାମାନଙ୍କୁ ସ୍ଥାନୀୟ ଥାନାର ଥାନାଧିକାରୀ ଉମାଶଙ୍କର ନାୟକ ଥାନା ପରିସରକୁ ଆମନ୍ତ୍ରଣ ଜଣାଇ ସାମୂହିକ ଭାବେ ସଂଘର ମୋଟ ୪୭ଜଣ ସଦସ୍ୟଙ୍କୁ ବରିଷ୍ଠ ନାଗରିକ ପରିଚୟପତ୍ର ବଣ୍ଟନ କରି ଚା' ପାନରେ ଆପ୍ୟାୟିତ କରିଅଛନ୍ତି। ଏହି କାର୍ଯ୍ୟକ୍ରମରେ ବଡ଼ସାହି ଥାନାର ଅନ୍ୟତମ ଅନୁନିରୀକ୍ଷକ ସତ୍ୟନାରାୟଣ କାଲ୍ଲୁ ଓ କନେଷ୍ଟବଳ ସନ୍ତୋଷ କୁମାର ମହାନ୍ତ ତାଙ୍କୁ ସହଯୋଗ କରିଥିଲେ। ସଂଘର ସଭାପତି ରଣଜିତ କୁମାର ଦାସ,ସମ୍ପାଦକ ସନ୍ତୋଷ କୁମାର ବେହେରା, କୋଷାଧକ୍ଷ ଯୋଗେଶ୍ୱର ମିଶ୍ର ତଥା ଅନ୍ୟାନ୍ୟ ପଦାଧିକାରୀ ଓ ସଦସ୍ୟ ସଦସ୍ୟାଗଣ ବଡ଼ସାହି ଥାନାର ଏହି ମହତ କାର୍ଯ୍ୟ ପାଇଁ ଥାନାର ଭାରପ୍ରାପ୍ତ ନିରୀକ୍ଷକଙ୍କ ସହିତ ସମସ୍ତ କର୍ମଚାରୀଙ୍କୁ ସାଧୁବାଦ ଜ୍ଞାପନ କରିଅଛନ୍ତି। ସମ୍ପୂର୍ଣ କାର୍ଯ୍ୟକ୍ରମକୁ ସଂଘର ସଂଯୋଜକ ତଥା ମୁଖପାତ୍ର ଶଚୀନ୍ଦ୍ର କୁମାର ବିଶ୍ୱାଳ ସଞ୍ଚାଳନ କରିଥିଲେ।

## ଚାଓମିନ୍ ଦୋକାନ ନାଁରେ ଚାଲିଛି ମଦର ପସରା

ଜଳେଶ୍ୱର , ୯/୧ (ନି.ପ୍ର): ଦିନକୁ ଦିନ ବୃଦ୍ଧି ପାଉଛି ନକଲି ଓ ବିଷାକ୍ତ ଦେଶୀ ମଦର ଆଶାରା ଜଳେଶ୍ୱରରେ ମଦ ବେପାରୀ ମାନଙ୍କୁ ସାବାଡ କରିବା ପାଇଁଜଳେଶ୍ୱରରେ ଦୁଇଟି ଅବକାରୀ ବିଭାଗର କାର୍ଯ୍ୟାଳୟ ରହିଛି ଗୋଟିଏ ଅବକାରୀ ବିଭାଗ ଅନ୍ୟଟି ସେଟେଲାଇଟ୍ ବିଭାଗ ରହିଛି କିନ୍ତୁ ଦିନକୁ ଦିନ ବିଷାକ୍ତ ଦେଶୀ ଓ ବଦେଶୀ ମଦ ବେପାରୀଙ୍କ ସଂଖ୍ୟା ବଢିବା ସହିତ ଛକ ଛକରେ ଚା ଦୋକାନ ଠାରୁ ଆରମ୍ଭ କରି ଚାଉମିନ ଦୋକାନନାରେ ଚାଲିଛିମଦ ବେପାର ରାଇବଣିଆ ଥାନା ଓ କୁଶଗଡ ଆଉଟ୍ ପୋଷ୍ଟ ଅଧିନରେ ବରଡିହା ଗ୍ରାମ ପଞ୍ଚାୟତର ସରଡିହା ଅଞ୍ଚଳରେ ବାରର ଆଶରା ଲାଗିଛି ସନ୍ଧ୍ୟା ହେଲେ ଲାଗୁଛି ମଦୁଆଙ୍କ ଆଡ୍ଡା ।ସାଧାରଣରେ ଚର୍ଚ୍ଚା ଜୋର ଧରିଛି ଯେ ଅବକାରୀ ବିଭାଗ ଓ ସେଟେଲାଇଟ୍ ବିଭାଗ ଓ ପ୍ରାଶାସନିକ ମଧୁଚନ୍ଦ୍ରିକାରେ ଯେପରି ଚାଲିଛି ମଦର ପସରା ନିକଟରେ ଅବକାରୀ ବିଭାଗ ମଦ ବେପାରଙ୍କୁ ଅନୁକମ୍ପା ଦେଖାଇ ଖୁଆଡ ଅଞ୍ଚଳରୁ ମଦ ବେପାରୀଙ୍କୁ ଚେଢ ।ଉ କରିବାକୁ ଆସି ସଧାରଣ ଲୋକଙ୍କୁ ରାସ୍ତା ଉପରୁ ଉଠାଇ ନେଇଥିଲେ କିନ୍ତୁ ଖବର ପାଇ ମଦବେପାରୀନ ହୋଇ ଥିବାରୁ ଅଧା ରାସ୍ତାରେ ଛାଡ଼ି ଦେଇଥିଲେ ଏଥିରୁ ସ୍ପଷ୍ଟ ବାରି ହେଉଛି କି ରାଇବଣିଆ ଅଞ୍ଚଳରେ ମଦ ବେପାରୀଙ୍କୁ ଅନୁକମ୍ପା କାହା ସ୍ୱାର୍ଥରେ ଚାଲିଛି କିଏ ଏହି ଅସ୍ଥାୟୀ ବାରକୁ ଅନୁମତି ଦେଇଛି ନା ସବୁ ଜାଣି ବିଷାକ୍ତ ମଦ ଦେଇ ନିରୀହ ଜୀବନକୁ ବାଜିରେ ଲାଗୁଛି ।

## ଦେଶୀ ଓ ବିଦେଶୀ ମଦ ଚାଲାଣ ବେଳେ ଚଢାଉ : ୭ ଗିରଫ

ଜୟପୁର, ୯/୧ (ନି.ପ୍ର): ଦେଶୀ ଓ ବିଦେଶୀ ମଦ ଚାଲାଣ ହେଉଥିବା ସୂଚନା ପାଇ ଜୟପୁର ଅବକାରି ବିଭାଗର ମିଳିତ ଚଢାଉ କରାଯାଇଛି । ଜିଲା ଫ୍ଲାଇଙ୍ଗ ସ୍କାର୍ଡ, ଅବକାରୀ ନିରିକ୍ଷକ କାର୍ଯ୍ୟାଳୟ ଓ ଅବକାରି ଥାନା ପକ୍ଷରୁ ୭ଟି ସ୍ଥାନରେ ଚଢାଉ କରି ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ କୁନ୍ଦୁରାର ବାଲାଜି ସାହୁ (୫୯), କାଳିଆ ଗାଁର ଅଭିମନ୍ୟୁ ନାଗ (୪୮), ମଜଲିଗୁଡା ଗ୍ରାମର ଗୋବିନ୍ଦ ଚନ୍ଦ୍ର ମହାନ୍ତି , ନିଳାଗୁଡା ଗ୍ରାମର ରୁକ ଧର ଭଇଁସା (୫୩), ବାୟାଗଡାର କେଶବ ନାଗ (୪୮) ସିଆଳିମାଳ ଗ୍ରାମ ସୁରେଶ ହରିଜନ (୩୭) ମକାପୁଟ ଗ୍ରାମର ବୃନ୍ଦାବନ ହରିଜନ ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida